R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୫
ତିଥି : ତୃତୀୟ
୨୦ ଏପ୍ରିଲ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 195
20 April 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରାରେ ଯୋଡି ହେଲା ନୂଆ ଅଧ୍ୟାୟ

# ପ୍ରଥମ ଥ୍ରୀ-ଡି ଗ୍ଲାସ ସଲ୍ୟୁସନ ପ୍ରକଳ୍ପ ଶିଳାନ୍ୟାସ






- ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗ ଆରମ୍ଭ : ଅଶ୍ୱିନୀ
- ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ୍ ହେବ : ମୁଖ୍ୟମନ୍ତ୍ରୀ
- ୨ ହଜାର କୋଟି ନିବେଶରେ ହେବ ପ୍ରକଳ୍ପ
- ରାଜ୍ୟରେ ୨,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ
- ଓଡ଼ିଶା ନିବେଶକମାନଙ୍କର ପ୍ରଥମ ପସନ୍ଦ ପାଲଟିଛି
- ଟେକ୍ନୋଲୋଜିରେ କ୍ୟାରିଅର ଗଢ଼ିବାକୁ ଚାହୁଁଥିଲେ, ଓଡ଼ିଶା ହେଉଛି ଲକ୍ଷ୍ୟସ୍ଥଳୀ
- ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଭୁରି ଭୁରି ପ୍ରଶଂସା କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୯।୪,(ସବ୍ୟୁ) : ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ଆତ୍ମବିଶ୍ୱାସ ଏବଂ ଇଚ୍ଛାଶକ୍ତି ବଳରେ ଆଜି ଓଡ଼ିଶାର ଶିଳ୍ପ ବିପ୍ଳବ ଯାତ୍ରାରେ ଆଜି ଏକ ଅଧ୍ୟାୟ ଯୋଡ଼ା ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାର ଇନଫୋଭ୍ୟାଲି ଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ଥ୍ରୀ-ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଙ୍ଗ୍‌ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଓଡ଼ିଶାରେ ଶିଳ୍ପ ଓ ରୋଜଗାର ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଛନ୍ତି ଯେ ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗର ଆରମ୍ଭ ହୋଇଛି । ଆଗାମୀ ସମୟରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଏବଂ ଭବିଷ୍ୟତରେ ଏହାକୁ ଆଇଟି ହବ ଭାବେ ବିକଶିତ କରିବା ପାଇଁ ( ୯ ପୃଷ୍ଠାରେ )

15001/21/2627



ପବିତ୍ର ଅକ୍ଷୟ ତୃତୀୟା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଅୟମାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0021

1001/16/2627

ପବିତ୍ର ଅକ୍ଷୟ ତୃତୀୟା ଅବସରରେ

ରାଜ୍ୟସ୍ତରୀୟ କୃଷକ ଦିବସ
ଏବଂ
ସିଏମ୍ କିଷାନ ସହାୟତା ରାଶି ହସ୍ତାନ୍ତର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ





ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ଭର୍ତ୍ତୃହରି ମହତାବ
ସାଂସଦ, କଟକ

ଶ୍ରୀ ବୈଜୟନ୍ତ ପଣ୍ଡା
ସାଂସଦ, କେନ୍ଦ୍ରାପଡ଼ା

ଡ଼ଃ. ବିଭୁ ପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର

ବିଧାୟକ ବୃନ୍ଦ, କଟକ ଜିଲ୍ଲା

୨୦ ଅପ୍ରେଲ ୨୦୨୬ । ସକାଳ ୯ ଘଟିକା । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ବିଦ୍ୟାଧରପୁର, କଟକ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR: 1001/1102/2/26-27/0001

# ଅକ୍ଷୟ ତୃତୀୟା

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଏବଂ କୃଷି ଭିତ୍ତିକ ଜୀବନଧାରାରେ 'ଅକ୍ଷୟ ତୃତୀୟା' ଏକ ଅନନ୍ୟ ପର୍ବ । ବୈଶାଖ ଶୁକ୍ଳ ପକ୍ଷ ତୃତୀୟା ତିଥିରେ ପାଳିତ ହେଉଥିବା ଏହି ଦିନଟିକୁ ଓଡ଼ିଆ ପରମ୍ପରାରେ ସବୁଠାରୁ ଶୁଭ ମୁହୂର୍ତ୍ତ ଭାବେ ଗଣନା କରାଯାଏ । ଏହା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଓଡ଼ିଶାର କୃଷି ସଭ୍ୟତା ଏବଂ ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଶାସ୍ତ୍ର ଅନୁସାରେ, ଏହି ଦିନ ଯାହା ବି କାର୍ଯ୍ୟ କରାଯାଏ ତାହା 'ଅକ୍ଷୟ' ହୋଇ ରହେ, ଅର୍ଥାତ୍ ତାହାର କେବେ କ୍ଷୟ ହୁଏ ନାହିଁ । ଏହି ଶୁଭ ଦିନରେ ସତ୍ୟ ଯୁଗର ଆରମ୍ଭ ହୋଇଥିଲା ଏବଂ ଭଗବାନ ବିଷ୍ଣୁଙ୍କ ପରଶୁରାମ ଅବତାର ମଧ୍ୟ ଏହି ତିଥିରେ ହୋଇଥିଲା ବୋଲି ବର୍ଣ୍ଣନା ରହିଛି । ଓଡ଼ିଶାରେ ଏହି ଦିନଟିକୁ ମୁଖ୍ୟତଃ 'ଅଖି ମୁଠି ଅନୁକୂଳ' ଏବଂ ଶ୍ରୀଜଗନ୍ନାଥଙ୍କ 'ରଥଯାତ୍ରାର ଶୁଭାରମ୍ଭ' ଭାବେ ପାଳନ କରାଯାଏ । ଏହାସହ ଏହି ଦିନେ ଲକ୍ଷ୍ମୀ ପୂଜାର ଆୟୋଜନ ମଧ୍ୟ ହୋଇଥାଏ । ସେହିଭଳି ବିଶ୍ୱାସ ରହିଛି ଏହି ଦିନରେ ସୁନା କ୍ରୟ କଲେ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ, ଯେଉଁଥିପାଇଁ ସୁନା ଦୋକାନରେ ଲମ୍ବା ଲାଇନ ଦେଖିବାକୁ ମିଳିଥାଏ । ଅକ୍ଷୟ ତୃତୀୟା ଓଡ଼ିଶାର ପ୍ରତିଟି ଘରେ ଏକ ପବିତ୍ର ଦିନ । ଲୋକମାନେ ଏହି ଦିନରେ ନୂତନ ଗୃହ ନିର୍ମାଣ, ବିବାହ ପାଇଁ ନିର୍ବନ୍ଧ ଏବଂ ବ୍ୟବସାୟିକ ପ୍ରତିଷ୍ଠାନର ଶୁଭାରମ୍ଭ କରିଥାନ୍ତି ।







## ଜଗନ୍ନାଥ ମନ୍ଦିରରେ ବିଶେଷତ୍ୱ

ପ୍ରତିଟି ପର୍ବ ଭଳି ଅଖୟ ତୃତୀୟାରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମନ୍ଦିର ବିଭିନ୍ନ ରୀତିନୀତି ସମ୍ପର୍ଣ୍ଣ ହୋଇଥାଏ । ଅକ୍ଷୟ ତୃତୀୟା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସୁଗଭୀର ସମ୍ପର୍କ ରହିଛି । ଶ୍ରୀକ୍ଷେତ୍ରରେ ଏହି ଦିନ ଦୁଇଟି ମୁଖ୍ୟ ପର୍ବର ଶୁଭାରମ୍ଭ ହୁଏ ରଥ ଅନୁକୂଳ ବା ରଥ ନିର୍ମାଣର ଆରମ୍ଭ । ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ତିନି ରଥର ନିର୍ମାଣ ପାଇଁ ପ୍ରଥମ କରି କାଠ ଅନୁକୂଳ କରାଯାଏ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀନଅର ସମ୍ମୁଖରେ ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇ ରଥଖଳାରେ ରଥ ନିର୍ମାଣର ଶୁଭାରମ୍ଭ ହୁଏ । ବିଶ୍ୱକର୍ମା ମହାରଣାମାନେ ସୁନା କୁରାଢ଼ୀ ସ୍ୱର୍ଶ କରି ରଥ କାଠକୁ କାଟିବା ଆରମ୍ଭ କରନ୍ତି ।



## ଅଖିମୁଠି ଅନୁକୂଳ

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଅକ୍ଷୟ ତୃତୀୟା ଚାଷୀମାନଙ୍କ ପାଇଁ ନୂତନ ବର୍ଷର ଆରମ୍ଭ । ଏହି ଦିନ ଚାଷୀ ନିଜ ବିଲକୁ ଯାଇ ଶୁଭ ମୁହୂର୍ତ୍ତରେ 'ଅଖି ମୁଠି' ଅନୁକୂଳ କରିଥାଏ । ଏହିଦିନ ଚାଷୀ ନୂଆ ଲୁଗା ପିନ୍ଧି, ହାତରେ ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ଗୋଟିଏ ବେତ ବାଉଁଶ ଟୋକେଇରେ ବିହନ, ଚନ୍ଦନ, ସିନ୍ଦୂର ଏବଂ ଭୋଗ ନେଇ ବିଲକୁ ଯାଏ । କ୍ଷେତରେ ପୂଜାର୍ଚ୍ଚନା କରିବା ପରେ ଉତ୍ତର କିମ୍ବା ପୂର୍ବ ଦିଗକୁ ମୁହଁ କରି ପ୍ରଥମ ମୁଠା ବିହନ ବୁଣିଥାଏ । ଏହି ପରମ୍ପରା ଭଲ ଅମଳ ଏବଂ ସମୃଦ୍ଧିର କାମନା ନେଇ କରାଯାଇଥାଏ ।

## ଚନ୍ଦନ ଯାତ୍ରାର ଶୁଭାରମ୍ଭ

ଅକ୍ଷୟ ତୃତୀୟା ଠାରୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ 'ବାହାର ଚନ୍ଦନ ଯାତ୍ରା' ଆରମ୍ଭ ହୁଏ, ଯାହା ୨୧ ଦିନ ଧରି ଚାଲେ । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଏବଂ ପାଞ୍ଚ ମହାଦେବ ବିମାନରେ ବସି ନରେନ୍ଦ୍ର ପୁଷ୍କରିଣୀକୁ ଯାଆନ୍ତି । ସେଠାରେ 'ନନ୍ଦା' ଏବଂ 'ଭଦ୍ରା' ନାମକ ଦୁଇଟି ସୁସଜ୍ଜିତ ନୌକାରେ ମହାପ୍ରଭୁ ଜଳକ୍ରୀଡ଼ା କରନ୍ତି । ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଶ୍ରୀବିଗ୍ରହମାନଙ୍କୁ ସର୍ବାଙ୍ଗରେ ସୁବାସିତ ଚନ୍ଦନ ପ୍ରଲେପ ଦିଆଯାଏ । କେବଳ ଜଗନ୍ନାଥ ମନ୍ଦିର ନୁହଁ ଓଡ଼ିଶାର ବିଭିନ୍ନ ଗ୍ରାମରେ ଏହି ସମୟରେ ଗୋପୀନାଥ ଦେବଙ୍କର ଚାପଖେଳ ସହ ଚନ୍ଦନବେଶର ଆୟୋଜନ ହୋଇଥାଏ । ଯାହା ଦେଖିବାପାଇଁ ପୁରପଲ୍ଲୀରେ ଲୋକଙ୍କର ସମାଗମ ଘଟିଥାଏ ।

## ଇତିହାସ

୧୭୭୭ - ସ୍ୱତନ୍ତ୍ର ରାଜ୍ୟ ଭାବେ ନ୍ୟୁୟର୍କ ନିଜ ସମ୍ବିଧାନ ଗଠନ କରିଥିଲା ।
୧୯୧୨ - କାଉଣ୍ଟ ଡ୍ରାକୁଲା ଚରିତ୍ରର ରଚୟିତା ବ୍ରାମ ଷ୍ଟୋକରଙ୍କ ନିଧନ ।
୧୯୧୪ - ପ୍ରସିଦ୍ଧ ସାହିତ୍ୟିକ ଗୋପିନାଥ ମହାନ୍ତିଙ୍କ ଜନ୍ମ ।
୧୯୩୯ - ହିଟଲରଙ୍କ ୫୦ ତମ ଜନ୍ମଦିନକୁ ରାଷ୍ଟ୍ରୀୟ ଦିବସ ଭାବେ ପାଳନ କରାଗଲା ।
୧୯୪୬ - ଜାତିସଂଘର ଲିଗ୍ ଅଫ୍ ନେସନ୍ସ ଭାଙ୍ଗିଥିଲା ।
୧୯୫୩ - କୋରିଆ ଏବଂ ସଂଯୁକ୍ତ ରାଷ୍ଟ୍ର ସେନା ମଧ୍ୟରେ ରୋଗାଗ୍ରସ୍ତ ଯୁଦ୍ଧବନ୍ଦୀଙ୍କ ଆଦାନପ୍ରଦାନ ହୋଇଥିଲା ।
୧୯୭୧ - ଭାରତର ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିଥିଲା ।
୧୯୭୨ - ବଲିଉଡ ଅଭିନେତ୍ରୀ ମମତା କୁଲକର୍ଣ୍ଣୀଙ୍କ ଜନ୍ମ ।
୧୯୯୭ - ଇନ୍ଦ୍ର କୁମାର ଗୁଜରାଲ ଦେଶର ୧୨ତମ ପ୍ରଧାନମନ୍ତ୍ରୀ ହୋଇଥିଲେ ।

## ପତ୍ରଲେଖାଙ୍କର ରାଗ



ଅଭିନେତ୍ରୀ ତଥା ପ୍ରଯୋଜିକା ପତ୍ରଲେଖା ନିଜର ବଢିଥିବା ଓଜନକୁ ନେଇ ସୋସିଆଲ ମିଡିଆରେ ପାପାରାଜିଙ୍କ ଦ୍ୱାରା ହେଉଥିବା 'ବଡି ଶେମିଂ'ର କଡ଼ା ଜବାବ ଦେଇଛନ୍ତି । ଏକ ପାପାରାଜି ପେଜ୍ ପତ୍ରଲେଖାଙ୍କର ଏକ ଭିଡିଓ ସେୟାର କରି ତାଙ୍କ ଶରୀରରେ ଆସିଥିବା ପରିବର୍ତ୍ତନକୁ ନେଇ ତାଙ୍କୁ ପ୍ରଶ୍ନ କରିଥିଲେ । ଏହାକୁ ନିନ୍ଦା କରିବାସହ ପତ୍ରଲେଖା ଲେଖିଛନ୍ତି କି ସେ ନିକଟରେ ଏକ ସନ୍ତାନକୁ ଜନ୍ମ ଦେଇଛନ୍ତି ଏବଂ ଏହି ଶାରୀରିକ ପରିବର୍ତ୍ତନ ଏକ ସ୍ୱାଭାବିକ ପ୍ରକ୍ରିୟା । ନିଜର ଇନଷ୍ଟାଗ୍ରାମ ଷ୍ଟୋରିରେ ସେ ସ୍ପଷ୍ଟ କରିଛନ୍ତି ଯେ, ସେ କୌଣସି ଅଧିକ ଖାଦ୍ୟ ଖାଇବା ଯୋଗୁଁ ମୋଟା ହୋଇନାହାନ୍ତି ବରଂ ପ୍ରସବ ପରବର୍ତ୍ତୀ ସମୟରେ ଶରୀର ଏଭଳି ପ୍ରତିକ୍ରିୟା ଦେଉଛି । ଯାହାକୁ ସମସ୍ତେ ସମ୍ମାନ ଦେବା ଉଚିତ୍ । ଏଥିସହିତ ସେ ନିଜର ବ୍ୟକ୍ତିଗତ ଜୀବନ ଓ କାମ ମଧ୍ୟରେ ସନ୍ତୁଳନ ରକ୍ଷା କରି ଦୁଇଟି ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱ ମଧ୍ୟ ତୁଲାଉଥିବା କଥା କହି ଲୋକଙ୍କୁ ଅଧିକ ଦୟାଳୁ ହେବାକୁ ପରାମର୍ଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ରାଜକୁମାର ରାଓ ଏବଂ ପତ୍ରଲେଖା ୨୦୨୫ ନଭେମ୍ବରରେ ଏକ କନ୍ୟା ସନ୍ତାନର ପିତାମାତା ହୋଇଛନ୍ତି, ଯାହାଙ୍କ ନାମ ସେମାନେ 'ପାର୍ବତୀ ପଲ୍ ରାଓ' ରଖିଛନ୍ତି ।

## ହାଃ ହାଃ



ଭିକାରୀ: ବାବୁ, ଦୁଇ ଦିନ ହେଲା କିଛି ଖାଇନି, ଟଙ୍କାଟିଏ ଦିଅନ୍ତୁ ।
କଞ୍ଜୁସ: ଏଇ ନିଅ ୫ ଟଙ୍କା । କିନ୍ତୁ ଗୋଟେ କଥା କୁହ, କାଲି ତୁମେ ସେପାଖ ଗଳିରେ ଭିକ ମାଗୁଥିଲ, ଆଜି ଏପାଖ ଗଳିକୁ କେମିତି ଆସିଲ ?
ଭିକାରୀ: ବାବୁ, ବ୍ୟବସାୟ ବଢ଼ାଇବା ପାଇଁ ଆଜି ନୂଆ ବ୍ରାଞ୍ଚ୍ ଖୋଲିଛି !

## ୨,୦୦୦ ବର୍ଷର ଖଣ୍ଡା

ସୁଇଜରଲ୍ୟାଣ୍ଡର ଲେକ୍ ନେଉଚାଟେଲ୍ ଗର୍ଭରୁ ରୋମାନ ସାମ୍ରାଜ୍ୟ ସମୟର ଏକ ବିଶାଳ ପ୍ରତ୍ନତାତ୍ତ୍ୱିକ ସମ୍ପଦ ଆବିଷ୍କୃତ ହୋଇଛି । ଏହି ସାମଗ୍ରୀଟି ପ୍ରାୟ ୨,୦୦୦ ବର୍ଷ ପୂର୍ବର ଜୀବନଶୈଳୀ ଓ ବାଣିଜ୍ୟ କାରବାର ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଛି । ୨୦୨୪ ଶେଷ ଆଡ଼କୁ ଡ୍ରୋନ୍ ଏବଂ ସୋନାର ମ୍ୟାପିଂ ସାହାଯ୍ୟରେ ଚିହ୍ନଟ ହୋଇଥିବା ଏହି ସ୍ଥାନରୁ ଅକ୍ଟୋପସ ଫାଉଣ୍ଡେସନ ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ମିଳିତ ଭାବେ ପ୍ରାୟ ୧,୨୦୦ଟି ପ୍ରାଚୀନ ସାମଗ୍ରୀ ଉଦ୍ଧାର କରିଛନ୍ତି । ଏହି ସଂଗ୍ରହ ମଧ୍ୟରେ ସୁଇସ୍ ପାର୍ବତ୍ୟାଞ୍ଚଳର ମାଟିପାତ୍ର, ସ୍ପେନରୁ ଜଳପାଇ ତେଲ ଆଣିବା ପାଇଁ ବ୍ୟବହୃତ ହେଉଥିବା ବିଶେଷ ପାତ୍ର, ଅସ୍ତ୍ରଶସ୍ତ୍ର, ଧାତବ କୋଦାଳ ଏବଂ ଘୋଡ଼ାଟଣା ଗାଡ଼ିର ଚକ ଭଳି ଗୁରୁତ୍ୱପୂର୍ଣ୍ଣ ବସ୍ତୁ ରହିଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଖ୍ରୀଷ୍ଟାବ୍ଦ ୧୬ ରୁ ୪୫ ମଧ୍ୟରେ ଏହି ସମସ୍ତ ସାମଗ୍ରୀ ଜଳପଥ ଦେଇ ରୋମାନ ସେନା ଛାଉଣୀ 'ଭିଣ୍ଡୋନିସା'କୁ ପଠାଯାଉଥିଲା, ଯାହା ସେ ସମୟର ସୁଦୂର ପ୍ରସାରୀ ବାଣିଜ୍ୟିକ ସମ୍ପର୍କକୁ ପ୍ରମାଣିତ କରୁଛି । ଉଦ୍ଧାର ହୋଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ଏକ ଚମଡ଼ା ଆବରଣ ଭିତରେ ଥିବା ଖଣ୍ଡା ଓ ରୋମାନ ଶୈଳୀର ଅଳଙ୍କାର ଅତ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ମିଳିଛି, ଯାହାକୁ ଏବେ ବିଶେଷ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷିତ କରାଯାଉଛି ।





**ମେଷ:** ଶୁଭ ଖବର, ଦୂର ଯାତ୍ରା, ଅନୁଷ୍ଠାନରୁ ଲାଭ, ବନ୍ଧୁ ମିଳନ, ଗୃହେ ଉତ୍ସବ, ପାରିବାରିକ ସହଯୋଗ, ସନ୍ତାନ ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ମାମଲା ସମାଧାନ । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ବୃଷ:** ଆର୍ଥିକ ଚିନ୍ତା, ଶରୀର ଅସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଶୁଭ ସମାଚାର, କର୍ମକ୍ଷେତ୍ରରେ ବିରୋଧ, ଆଶା ବିଫଳ, ପାରିବାରିକ ଖୁସି, ବନ୍ଧୁ ମିଳନ, ବିଦ୍ୟାରେ ସଫଳତା । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନ ହାନୀ, ଅର୍ଥ ଚିନ୍ତା, ପାରିବାରିକ ସମସ୍ୟା, ନୂତନ ନିଯୁକ୍ତିରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ, ସମ୍ପତ୍ତି ଗଣ୍ଡଗୋଳ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଲାଲ, ସଂଖ୍ୟା-୭, ଆରାଧନା- ପ୍ରଭୁ ହନୁମାନ ।

**କର୍କଟ:** ଆର୍ଥିକ ଖୁସି, ଶୁଭ ଖବର, ନୂତନ କର୍ମେ ଆନନ୍ଦ, ଦ୍ରବ୍ୟ ପ୍ରାପ୍ତି, ନୂତନ ବନ୍ଧୁ ଲାଭ, ବିଦେଶ ଭ୍ରମଣ, ମାମଲା ସମାଧାନ, ବ୍ୟବସାୟରେ ସନ୍ତୁଷ୍ଟ, ଶତ୍ରୁ ସମାଧାନ, ଅତିଥି ସତ୍କାର । ଆଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୦, ଆରାଧନା- ଲକ୍ଷ୍ମୀନାରାୟଣ ।

**ସିଂହ:** ଦୂର ଯାତ୍ରା, ଲୋକ ସମ୍ପର୍କରେ ଉନ୍ନତି, କର୍ମେ ଅସନ୍ତୋଷ, ଶତ୍ରୁ ସମସ୍ୟା, ଅର୍ଥ ଖର୍ଚ୍ଚ, ନୂତନ କର୍ମ ଆରମ୍ଭ, ଯାତ୍ରାରେ ସତର୍କ, ଅନୁଷ୍ଠାନରୁ ଲାଭ, ବନ୍ଧୁ ଲାଭ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ନୂତନ ଆୟ, ମାମାଲରେ ବିଜୟ, ଆର୍ଥିକ ସୁଖ, ନୂତନ କାର୍ଯ୍ୟ ଆରମ୍ଭ, ପାରିବାରିକ ସହାୟତା, ଦାମ୍ପତ୍ୟ ସୁଖ, ଗୁରୁଜନେ ଖୁସି, ଶରୀର ସୁସ୍ଥ, ଜାନବାହନ କ୍ରୟ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୧୨, ଆରାଧନା- ଲକ୍ଷ୍ମୀନୃସିଂହ ।

**ତୁଳା:** ଚିନ୍ତା ବୃଦ୍ଧି, ଅର୍ଥ ସମସ୍ୟା, ପାରିବାରିକ ଅସନ୍ତୋଷ, ଆଶାରେ ବିଫଳ, ଶରୀରିକ ସୁସ୍ଥ, ନୂତନ କର୍ମରେ ଖୁସି, ଶୁଭ କାର୍ଯ୍ୟରେ ଧନ ବ୍ୟୟ, ବିଦ୍ୟାରେ ସଫଳ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଶଙ୍କର ଭଗବାନ ।

**ବିଛା:** ବନ୍ଧୁ ମିଳନ, ବ୍ୟବସାୟରେ ଲାଭ, ଶୁଭ ଖବର, ଅର୍ଥ ସମସ୍ୟା ସମାଧାନ, ପରିବହନ କ୍ଷତ୍ରରେ ଲାଭ, ବନ୍ଧୁ ଲାଭ, ଅନୁଷ୍ଠାନରୁ ଲାଭ, ଭୂସମ୍ପତ୍ତି ଲାଭ, ଦ୍ରବ୍ୟ ଲାଭ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** କାର୍ଯ୍ୟରେ ବିଳମ୍ବ, ଅର୍ଥ ସମସ୍ୟା, ଅତ୍ୟଧିକ ପରିଶ୍ରମ, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ କାର୍ଯ୍ୟ ଆରମ୍ଭ, ବନ୍ଧୁ ଲାଭ, ଦୂର ଯାତ୍ରା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ପ୍ରଭୁ ହନୁମାନ ।

**ମକର:** କାର୍ଯ୍ୟରେ ସଫଳ, ନୂତନ ନିଯୁକ୍ତି, ପାରିବାରିକ ଖୁସି, ଦୂର ଯାତ୍ରା, ନୂତନ ବାଣିଜ୍ୟରେ ଲାଭ, ଦ୍ରବ୍ୟ ଲାଭ, ଅନୁଷ୍ଠାନେ ଲାଭ, ଦାମ୍ପତ୍ୟ ଖୁସି, ସନ୍ତାନ ଲାଭ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଲିଙ୍ଗରାଜ ।

**କୁମ୍ଭ:** ନୂତନ ଆୟ, ଶୁଭ ସମାଚାର, ପୁରାତନ ମାମଲାରେ କଷ୍ଟ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବନ୍ଧୁ ଲାଭ, ସନ୍ତାନ ସୁଖ, ସମ୍ପତ୍ତି ବିବାଦ । ପୂର୍ବାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା- ମା' ମଙ୍ଗଳା ।

**ମୀନ:** ବନ୍ଧୁ ସାହାଯ୍ୟ, ଉତ୍ସବ ପାଇଁ ଶୁଭ ଆଲୋଚନା, ବ୍ୟବସାୟରେ ମଧ୍ୟମ ଫଳ, ଶତ୍ରୁ ସମସ୍ୟା, ଦାମ୍ପତ୍ୟ ଖୁସି, ଲୋକସମ୍ପର୍କ ବୃଦ୍ଧି, ଯାନବାହନ ସତର୍କ, ବିଶିଷ୍ଟ ବ୍ୟକ୍ତି ସହାୟତା । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ମା' ଦକ୍ଷିଣକାଳୀ ।

ବୈଶାଖ ଶୁକ୍ଳପକ୍ଷ, ତୃତୀୟା
୨୦.୪.୨୦୨୬ ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮ ୯୧୭୨୮୪୩୩୮

### କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳ ଗୁଡ଼ିକ ମୁଣ୍ଡରେ

# 'ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ ଲାଗିଗଲା : ମୋହନ ଚରଣ ମାଝୀ

ଭୁବନେଶ୍ୱର, (ସବ୍ୟୁ): ଗତ ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା। ଏହି ଦିନ କଂଗ୍ରେସ ଦଳ ନେତୃତ୍ୱରେ ସମଗ୍ର ବିରୋଧୀଦଳ ମିଳିମିଶି ଦେଶର କୋଟି କୋଟି ମହିଳାଙ୍କ ସ୍ୱପ୍ନକୁ ଚୁରମାର କରି ଦେଇଥିଲେ। ସମ୍ବିଧାନର ୧୩୧ ତମ ସଂଶୋଧନକୁ ଲୋକସଭାରେ ପରାଜିତ କରି ହସଖୁସିର ସହ ଉତ୍ସବ ପାଳନ ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ, ଏହା ବିରୋଧୀଙ୍କ ଅହଂକାରକୁ ଦର୍ଶାଏ। ଏହାର ଉତର ଏ ଦେଶର ନାରୀଶକ୍ତି ନିଜ ଭୋଟ ମାଧ୍ୟମରେ ଦେବେ ବୋଲି ରାଜ୍ୟ କାର୍ଯ୍ୟାଳୟରେ "ନାରୀଶକ୍ତି ବନ୍ଦ ଅଧିନିୟମ" ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଯଜ୍ଞ କରୁଥିବାବେଳେ ବିରୋଧୀମାନେ ଏହାକୁ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ଦେଶର ପ୍ରାୟ ୧୪୦ କୋଟି ଜନସଂଖ୍ୟାର ଅଧା ହେଉଛନ୍ତି କେବଳ ମହିଳା।

ଆଜି ଦେଶର ଝିଅ ଓ ମହିଳାମାନେ ସବୁ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଯେତେବେଳେ ନାରୀମାନଙ୍କୁ ପ୍ରକୃତ ସମ୍ମାନ ଏବଂ ପ୍ରକୃତ ଅଧିକାର ଦେବାର ବେଳ ଆସିଲା, ବିଭିନ୍ନ ଆଳ ଦେଖାଇ ସେମାନେ ସେଥିରୁ ଓହରିଗଲେ। କଂଗ୍ରେସଠାରୁ ଆରମ୍ଭ କରି ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି, ଆମ ଆଦମୀ ପାର୍ଟି, ଡିଏମକେ, ବାମପନ୍ଥୀ ଦଳଗୁଡ଼ିକର ଆଭିମୁଖ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ, ସେମାନେ ହେଉଛନ୍ତି ପ୍ରକୃତରେ ମହିଳା ବିରୋଧୀ। ଯେଉଁମାନେ କହୁଛନ୍ତି ଯେ, ପଂଚାୟତ ନିର୍ବାଚନରେ ମହିଳାଙ୍କୁ ଆରକ୍ଷଣ ପ୍ରଦାନ କରିଛନ୍ତି, ତାହା ସେମାନେ ଏଥିପାଇଁ କରିଛନ୍ତି ଯେ, ପଂଚାୟତସ୍ତରରେ ଆରକ୍ଷଣ ଦେଲେ ଏହି ନେତାମାନଙ୍କର ବିଧାନସଭା କିମ୍ବା ଲୋକସଭା କ୍ଷେତ୍ରରେ ନିର୍ବାଚନ ଲଢ଼ିବା ପାଇଁ କିଛି କ୍ଷତି ହେଉନାହିଁ। କିନ୍ତୁ ଯେତେବେଳେ ଦେଖିଲେ ଯେ ବିଧାନସଭା ଓ ଲୋକସଭାରେ ତାଙ୍କ ସ୍ୱାର୍ଥରେ ଆଂଚ୍ ଆସିପାରେ, ସେତେବେଳେ ସେମାନଙ୍କ ମନରେ ଛନକା ପଶିଗଲା। ଏଥିଯୋଗୁ ସେମାନେ ଅଧିନିୟମକୁ ଲାଗୁ କରେଇ ଦେଇ ନଥିଲେ। କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳମାନେ ପୂର୍ବରୁ ଦୁର୍ନୀତି ଓ ପରିବାରବାଦ ପାଇଁ ଜଣାଶୁଣା ଥିଲେ, କିନ୍ତୁ ବର୍ତ୍ତମାନ ତାଙ୍କ ମୁଣ୍ଡରେ ' ମହିଳା ବିରୋଧୀ' କଳଙ୍କର ଷ୍ଟାମ୍ପ ଲାଗିଗଲା।

- ବିରୋଧୀଦଳ ଗୁଡ଼ିକ ମିଳିମିଶି ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି
- ବିରୋଧୀ ଦଳର ମହିଳା ବିରୋଧୀ ଆଭିମୁଖ୍ୟକୁ ନେଇ ବିଜେପି ଜନଜାଗରଣ ସୃଷ୍ଟି କରିବ

ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସାଂସଦ ଶ୍ରୀମତୀ ବାଂସୁରୀ ସ୍ୱରାଜ କହିଛନ୍ତି ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ ସର୍ବସମ୍ମତିକ୍ରମେ ୨୦୨୩ ସେପ୍ଟେମ୍ବରରେ ପାରିତ ହୋଇଥିଲା। ସେତେବେଳେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳଗୁଡ଼ିକ ଏହି ଅଧିନିୟମ ସପକ୍ଷରେ ସହମତି ପ୍ରକାଶ କରିଥିଲେ। ମାତ୍ର ଏହି ଅଧିନିୟମ ଲାଗୁ ହେବାବେଳକୁ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟିଙ୍କ ସହ ଇଣ୍ଡି ମେଂଟରେ ଥିବା ସବୁ ବିରୋଧୀଦଳଗୁଡ଼ିକ ମିଳିମିଶି ଏହି ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ କୁସୁମ ଟେଟେ ଓ ରାଜ୍ୟ ସାଧାରଣ ସମ୍ପାଦକ ପୂର୍ଣ୍ଣିମା ପ୍ରିୟଦର୍ଶନୀ ନାୟକ ଉପସ୍ଥିତ ଥିଲେ।






ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସରକାରୀ ବାସଭବନରେ କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରୁଛନ୍ତି ।

### ଫଳ ଟ୍ରକ୍‌ରୁ ଅଢେଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ କଲା ଏସ୍‌ଟିଏଫ୍

## ଆନ୍ତଃରାଜ୍ୟ ଚାଲାଣକାରୀ ଟ୍ରକ୍ ମାଲିକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଫଳ ବୋଝେଇ ଟ୍ରକ୍‌ରୁ ଅଢେଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି ଏସ୍‌ଟିଏଫ୍ । ଟ୍ରକ୍ ମାଲିକ ତଥା ଡ୍ରାଇଭର ରାଜସ୍ଥାନର ପରେଶ ନାଥକୁ ଗିରଫ କରାଯାଇଥିବା ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥୀ କହିଛନ୍ତି । ଏହି ଚାଲାଣ ପଛରେ ଯେଉଁ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଅଛନ୍ତି ସେମାନଙ୍କୁ ଖୁବ୍‌ଶୀଘ୍ର ଠାବ କରାଯିବ ବୋଲି ଶ୍ରୀ ଶତପଥୀ କହିଛନ୍ତି ।

ଫଳ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଯାଉଥିବା ଏସ୍‌ଟିଏଫ୍ ସୂଚନା ପାଇବା ପରେ ପିତାପଲ୍ଲୀ ବାଇପାସ୍ ନିକଟରେ ଜଗି ରହିଥିଲା । ଯେଉଁ ଟ୍ରକ୍‌ରେ ଗଞ୍ଜେଇ ଯାଉଥିଲା ସେ ସମ୍ପର୍କରେ ଏସ୍‌ଟିଏଫ୍ ସଠିକ୍ ସୂଚନା ପାଇଥିବାରୁ ଗଙ୍ଗପଡା ନିକଟରେ ଟ୍ରକ୍‌କୁ ଅଟକାଇଥିଲା ତଦନ୍ତକାରୀ ଟିମ୍ । ଡ୍ରାଇଭରକୁ କାବୁ କରି ଟ୍ରକ୍ ଯାଞ୍ଚ କରିବା ପରେ ସେଥିରୁ ଅଢେଇ କ୍ୱିଣ୍ଟାଲ ଗଞ୍ଜେଇ ମିଳିଥିଲା । ଟ୍ରକ୍ ଓ ଡ୍ରାଇଭରକୁ ଏସ୍‌ଟିଏଫ୍ ଅଟକ ରଖିଛି ।

ଓଡ଼ିଶା କନ୍ଧମାଳ ଗଞ୍ଜେଇ ସାରା ଦେଶରେ ଉଚ୍ଚ ଦାମ୍‌ରେ ବିକ୍ରି ହେଉଥିବାରୁ ଏଠାରୁ ମାଫିଆମାନେ ବାହାର ରାଜ୍ୟକୁ ଚାଲାଣ କରି ବେଶ୍ ଟଙ୍କା ରୋଜଗାର କରୁଛନ୍ତି । ଶନିବାର ରାଜସ୍ଥାନ ଚାଲାଣ ବେଳେ ଚାଲାଣକାରୀକୁ ଗିରଫ କରାଯାଇଥିବା ବେଳେ ପୂର୍ବରୁ ମୁମ୍ବାଇ, ଗୁଜରାଟ, ମହାରାଷ୍ଟ୍ର, ମହୀଶୂର, ଦିଲ୍ଲୀ ପ୍ରଭୃତି ଅଞ୍ଚଳକୁ ଗଞ୍ଜେଇ ଚାଲାଣର ପର୍ଦ୍ଦାଫାସ୍ କରିଛି ଓଡ଼ିଶା ପୋଲିସ ଓ ଅବକାରୀ । କେବଳ ଗଞ୍ଜେଇ ନୁହେଁ, ଗଞ୍ଜେଇ ତେଲ ମଧ୍ୟ ଓଡ଼ିଶାରୁ ବାହାର ରାଜ୍ୟ ଓ ବାହାର ଦେଶକୁ ଚାଲାର ହେଉଥିବା ପୂର୍ବରୁ ଜଣାପଡିଛି । କାରଣ ଭୁବନେଶ୍ୱର ସମେତ ରାଜ୍ୟର ଚାରୋଟି ସ୍ଥାନରୁ କୋଟି କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ତେଲ ଜବତ ହୋଇଛି । ସେହିପରି ବିମାନବନ୍ଦର ଦେଇ ଭାରତର ବିଭିନ୍ନ ରାଜ୍ୟକୁ ମାରିଜୁଆନା ଚାଲାଣ ହେବାର ପର୍ଦ୍ଦାଫାସ କରିଛି ଓଡ଼ିଶା ପ୍ରଶାସନ । ରାଜସ୍ଥାନ ଗଞ୍ଜେଇ ଚାଲାଣ କରୁଥିବା ମାଫିଆଙ୍କ ସମ୍ପର୍କରେ ତଥ୍ୟ ମିଳିଛି । ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ମିଳିଛି ।

## ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ଇଞ୍ଜିନିୟର ପ୍ରଫୁଲ୍ଲ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ଇଞ୍ଜିନିୟର ପ୍ରଫୁଲ୍ଲ ପଟ୍ଟନାୟକଙ୍କର ରବିବାର ସକାଳେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ବର୍ଷ ବୟସ ହୋଇଥିଲା। ଗତ କିଛି ମାସ ଧରି ସେ ଅସୁସ୍ଥ ଥିଲେ ଓ ତାଙ୍କ ଜ୍ୟେଷ୍ଠ ପୁତ୍ର ସୁଭେନ୍ଦ୍ର ପଟ୍ଟନାୟକଙ୍କ ଭୁବନେଶ୍ୱର କେଶୁରାସ୍ଥିତ ବାସଭବନରେ ରହି ଚିକିତ୍ସିତ ହେଉଥିଲେ। ତେବେ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ରବିବାର ସକାଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତଃ ପଟ୍ଟନାୟକ ଓଡ଼ିଶା ପୋଲିସ ହାଉସିଂ ବୋର୍ଡ କଟକରେ ଜଣେ ସିଭିଲ୍ ଇଞ୍ଜିନିୟର ଭାବେ ଦକ୍ଷତାର ସହ କାର୍ଯ୍ୟ କରି ଅବସର ନେଇଥିଲେ। ନିଜ ଗ୍ରାମ ଢେଙ୍କାନାଳ କାମାକ୍ଷାନଗରରେ ସେ ଅବସରକାଳିନ ଜୀବନ ବିତାଉଥିଲାବେଳେ ବହୁ ସାମାଜିକ କାର୍ଯ୍ୟ ସହ ଧର୍ମାନୁଷ୍ଠାନ ସହ ଜଡିତ ଥିଲେ। ଜଣେ ଅତ୍ୟନ୍ତ ମିଷ୍ଟଭାଷି, ମେଳାପି ଓ ପରୋପକାରୀ ବ୍ୟକ୍ତି ଭାବେ ସେ ସର୍ବାଦୃତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଜ୍ୟୋଷ୍ଠ ପୁତ୍ର ସୁଭେନ୍ଦ୍ର ପଟ୍ଟନାୟକଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତଃ ପଟ୍ଟନାୟକଙ୍କର ପତ୍ନୀ ମିନତି ପଟ୍ଟନାୟକଙ୍କ ସମେତ ଓ ୪ ପୁଅ ଓ ଏକମାତ୍ର ଝିଅ ଅଛନ୍ତି। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ଜ୍ୟୋଷ୍ଠ ପୁତ୍ର ସୁଭେନ୍ଦ୍ର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।



## ଗଣ୍ଡଗୋଳ ଘଟଣାରେ ୨ଗିରଫ

କଟକ,(ସବ୍ୟୁ): ପୁରୀଘାଟ ଥାନା ପୁଲିସ ପୃଥକ ପୃଥକ ମାରପିଟ୍ ଘଟଣାରେ ଆଜି ଦୁଇଜଣକୁ ଗିରଫ କରିଛି । ଅଭିଯୁକ୍ତଦ୍ୱୟ ହେଲେ ତେଲେଙ୍ଗାବଜାରର ସୁକାନ୍ତ ବାରିକ୍ ଓ ଭଗତପୁରର ଅରୁଣକୁମାର ରାଉତ । ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି । ପୁଲିସ ସୂଚନା ଅନୁସାରେ, ଗତବର୍ଷ ଭଗତପୁର ଓ ତେଲେଙ୍ଗାବଜାର ଅଞ୍ଚଳରେ ଗଣ୍ଡଗୋଳ ଘଟିଥିଲା । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗଣ୍ଡଗୋଳକାରୀମାନେ ଫେରାର ହୋଇଯାଇଥିଲେ । ଘଟଣାର ତଦନ୍ତ କରାଯିବା ପରେ ସୁକାନ୍ତ ଓ ଅରୁଣ ଅଭିଯୁକ୍ତ ଥିବା ଜଣାପଡିଥିଲା । ଏପଟେ ଗିରଫ ଭୟରେ ଉଭୟ ଫେରାର ହୋଇଯାଇଥିଲା । କିଛିଦିନ ହେବ ଉଭୟ ଘରକୁ ଆସିଥିବା ଜଣାପଡିଥିଲା । ଫଳରେ ଯୋଜନା ଅନୁଯାୟୀ ଆଜି ଘରେ ଚଢ଼ଉ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି ।

## ସିଝୁଛି ଅଧା ଓଡ଼ିଶା : ଆଜିଠୁ ଖୋର୍ଦ୍ଧାରେ ୨୩ ଯାଏଁ ସ୍କୁଲ ଛୁଟି ଘୋଷଣା

ଭୁବନେଶ୍ୱର,(ସବ୍ୟୁ): ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ । ପଶ୍ଚିମରୁ ଉପକୂଳ, ଉତ୍ତରରୁ ଦକ୍ଷିଣ ସବୁଠି ଜଳୁଛି । ଅସହ୍ୟ ତାତିରେ କଲବଲ ହେଉଛନ୍ତି ରାଜ୍ୟବାସୀ । ସକାଳୁ ଆରମ୍ଭ ହୋଇଯାଉଛି ଭୀଷଣ ଗୁଳୁଗୁଳି । ପୂର୍ବାହ୍ନ ୧୦ଟା ବାଜିଲେ ଆକାଶରୁ ଯେପରି ନିଆଁ ବର୍ଷୁଛି । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ତାତିରୁ ନିସ୍ତାର ମିଳିବ ନାହିଁ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ରବିବାର ୧୪ଟି ସହରରେ ପାରଦ ୪୦ ଡିଗ୍ରୀ କିମ୍ବା ତା ଠାରୁ ଅଧିକ ରେକର୍ଡ କରାଯାଇଛି । ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୩.୩ ଡିଗ୍ରୀ ରେକର୍ଡ କରାଯାଇଥିବା ଟିଟିଲାଗଡ଼ରେ ୪୩ ଡିଗ୍ରୀ, ସୋନପୁରରେ ୪୨.୩ ଡିଗ୍ରୀ, ସମ୍ବଲପୁର ଓ ଭବାନୀପାଟଣାରେ ୪୨ ଡିଗ୍ରୀ, ସୁନ୍ଦରଗଡ଼, ବଲାଙ୍ଗୀର ଓ ରାଉରକେଲାରେ ୪୧.୫ ଡିଗ୍ରୀ, ନୂଆପଡ଼ାରେ ୪୧ ଡିଗ୍ରୀ, ଅନୁଗୁଳରେ ୪୧.୧ ଡିଗ୍ରୀ, ଫୁଲବାଣୀରେ ୪୦.୬ ଡିଗ୍ରୀ, ବୌଦ୍ଧରେ ୪୦.୯ ଡିଗ୍ରୀ, ତାଳଚେରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଆସନ୍ତାକାଲି (ସୋମବାର) ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଖରା ସାଙ୍ଗକୁ ଗୁଳୁଗୁଳି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବା ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

**୧୪ ସହରରେ ପାରଦ ୪୦° ଉପରେ**

**୨୪ ଯାଏଁ ତାତିରୁ ମିଳିବନି ନିସ୍ତାର**

ଭୀଷଣ ତାତି ଓ ଗ୍ରୀଷ୍ମପ୍ରବାହ ପାଇଁ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଉଛି । ମୋଟ୍ ୧୧ ଜିଲ୍ଲାରେ ଛୁଟି ଘୋଷଣା ହୋଇସାରିଲାଣି । ଖୋର୍ଦ୍ଧା ଓ ଦେବଗଡ଼ ଜିଲ୍ଲାରେ ୨୩ ତାରିଖ ପର୍ଯ୍ୟନ୍ତ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି ବନ୍ଦ କରିଛନ୍ତି ଜିଲ୍ଲାପାଳ । ଶୁକ୍ରବାର ତିନିଟି ଓ ଶନିବାର ୬ଟି ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା ହୋଇଥିଲା । ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବୌଦ୍ଧ, ସମ୍ବଲପୁର, ନୂଆପଡ଼ା, ନବରଙ୍ଗପୁର, ଝାରସୁଗୁଡ଼ା, ମୟୂରଭଞ୍ଜ, ଖୋର୍ଦ୍ଧା, ଦେବଗଡ଼ । ଆଗକୁ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନେବ ଜିଲ୍ଲା ପ୍ରଶାସନ । ଦିନରେ ତାତି ସାଙ୍ଗକୁ ରାତିରେ ପ୍ରବଳ ଗୁଳୁଗୁଳି ହେଉଛି । ଆସନ୍ତାକାଲି ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାରେ ରାତିରେ ଅସହ୍ୟ ଗରମ ଅନୁଭୂତ ହୋଇପାରେ । ୨୧ ତାରିଖରେ ମଧ୍ୟ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲା ସହ ସୁନ୍ଦରଗଡ଼ରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ରାତିରେ ଭୀଷଣ ଗରମ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୨୨ରେ ମଧ୍ୟ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର ଓ ସୁନ୍ଦରଗଡ଼ ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ଲାଗି ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୪ ତାରିଖ ପର୍ଯ୍ୟନ୍ତ ତାତିରୁ ମିଳିବନି ନିସ୍ତାର । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଗରମ ସହିତ ଗୁଳୁଗୁଳି ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

## ନାଉଗାଁ ଥାନା ଅଞ୍ଚଳରୁ ଅପହୃତ ନାବାଳିକା ପାରାଦୀପରୁ ଉଦ୍ଧାର

ନାଉଗାଁ, (ସବ୍ୟୁ) ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଂଚଳର ଜୈନିକ ବ୍ୟକ୍ତି ତାଙ୍କ ନାବାଳିକା ଝିଅକୁ ବାଲିକୁଦା ଥାନା ଅଂଚଳର ଜୈନିକ ଯୁବକ ଅପହରଣ କରି ନେଇ ଥିବା ନାଉଗାଁ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅପହୃତା ନାବାଳିକାକୁ ପାରାଦ୍ୱୀପରୁ ଉଦ୍ଧାର କରିଥିବା ବେଳେ ଅପହରଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ଜଣକ ହେଲେ ବାଲିକୁଦା ଥାନାର ହାଡିଆପଡା ଗ୍ରାମର ରବିନ୍ଦ୍ର ଓଝାଙ୍କ ପୁଅ ଗୁଲୁ ଓରଫ ଗୋରେଖନାଥ ବୋଲି ପୋଲିସ ସୂଚନା ପ୍ରଦାନ କରିଛି ।



ଭୁବନେଶ୍ୱର ଓମସା ଭବନ ଠାରେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ମରଶରୀରକୁ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### ସଫଳ ହେଲା ଅପରେସନ ଫେଡେକା

## ଭରତପୁର ଜଙ୍ଗଲକୁ ଗଲେ ଦୁଇ ଦନ୍ତା

ଭୁବନେଶ୍ୱର, (ସବ୍ୟୁ) : ଶିଖରଚଣ୍ଡି ମୁଣ୍ଡିଆ ଅଞ୍ଚଳରେ ଦୀର୍ଘ ୩ ଦିନ ଧରି ଉତ୍ପାତ କରୁଥିବା ଦୁଇ ଦନ୍ତାଙ୍କୁ ଅପରେସନ ଫେଡେକା ମାଧ୍ୟମରେ ଘଉଡାଇବାରେ ସଫଳ ହୋଇଛି ବନ ବିଭାଗ । ଶନିବାର ରାତିରେ କ୍ୟାମ୍ପ କରି ଡିଏଫ୍‌ଓ, ଏସ୍‌ସିଏଫ୍, ସିଏସ୍‌ଏଫ୍ ଓ ୨୦ବନ କର୍ମଚାରୀ ସେଠାରେ ରହିବା ସହ ଡୋନ୍ ମାଧ୍ୟମରେ ଦୁଇ ଦନ୍ତାଙ୍କୁ ଟ୍ରାକ୍ କରି ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଘଉଡାଇବାରେ ସଫଳ ହୋଇଛନ୍ତି । ଶନିବାର ଭୋର୍ ୪ଟା ୨୦ରେ ଦୁଇ ଦନ୍ତା ଭରତପୁର ଜଙ୍ଗଲକୁ ଚାଲିଯାଇଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ ।

ଭରତପୁର ଜଙ୍ଗଲ ପାଚେରିକୁ ଭାଙ୍ଗିବା ପରେ ଦୁଇଦନ୍ତା ଆଗପଛ ହୋଇ ଶିଖରଚଣ୍ଡି ମୁଣ୍ଡିଆକୁ ଆସିଥିଲେ । ମୁଣ୍ଡିଆ ଅଞ୍ଚଳରେ ଥିବା ଆମ୍ବଗଛରୁ ଆମ୍ବ ଖାଇବା ପାଇଁ ଦୁଇ ଦନ୍ତା ଆସିଥିବା ଅପରେସନ ଫେଡେକାରେ ସାମିଲ ଥିବା କର୍ମଚାରୀ କହିଛନ୍ତି । ତିନିଦିନ ଧରି ଦୁଇ ଦନ୍ତା ଶିଖରଚଣ୍ଡି ଅଞ୍ଚଳରେ ଉତ୍ପାତ କରିବା ସହ ସବୁ ଆମ୍ବଗଛ ଭାଙ୍ଗି ପକାଇଛନ୍ତି । ଏହି ଆମ୍ବଗଛ ଗୁଡିକୁ ହାତୀ ଭାଙ୍ଗିବାରେ ସଫଳ ହେବାର କାରଣ ସରକାରଙ୍କ ପକ୍ଷରୁ ଏହା ପ୍ଲାଣ୍ଟେସନ କରାଯାଇଥିଲା । ଗଛଗୁଡିକ ଛୋଟ ହେବା ସହ ସେଥିରେ ଫଳ ଧରିଥିବାରୁ ଦୁଇଦନ୍ତା ଭାଙ୍ଗି ଆମ୍ବ ସବୁ ଖାଇଛନ୍ତି । ଦୁଇଦନ୍ତା ଦୁଇଦିନ ଉତ୍ପାତ କରୁଥିଲେ ମଧ୍ୟ ବନ ବିଭାଗ କର୍ମଚାରୀ ସେଠାକୁ ଆସିନଥିଲେ । ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ୨୦ କର୍ମଚାରୀ ରାତିରେ ରହି ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ସେମାନଙ୍କୁ ଘଉଡାଇବାରେ ସଫଳ ହୋଇଛନ୍ତି । ଦୁଇ ଦନ୍ତାଙ୍କୁ ଘଉଡାଇବା କାର୍ଯ୍ୟକୁ ଅପରେସନ ଫେଡେକା ନାମରେ ନାମକରଣ କରିଥିଲା ବନବିଭାଗ । ଶିଖରଚଣ୍ଡି ଅଞ୍ଚଳରେ ଏହି ଦୁଇ ଦନ୍ତାଙ୍କ ଉତ୍ପାତ ନୂଆ କଥା ନୁହେଁ । ଏହା ପୂର୍ବରୁ ୨/୩ଥର ଭରତପୁର ଜଙ୍ଗଲରୁ ହାତୀ ଆସି ଉତ୍ପାତ କରିଥିଲେ । ବନ ବିଭାଗ ସେଠାରେ କ୍ୟାମ୍ପ କରି ଜଗି ରହିବା ସହ ସେମାନଙ୍କୁ ଘଉଡାଇବାରେ ସଫଳ ହୋଇଥିଲା ।

### ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଚଢ଼ାଇଦେବା ଘଟଣା

## ହତ୍ୟା ଉଦ୍ୟମ ଅଭିଯୋଗ: ଜେଲ୍‌ଗଲେ ୧୦ ଅଭିଯୁକ୍ତ

ପାଣିକୋଇଲି,(ସବ୍ୟୁ): କୋରେଇ ଥାନା "ଫାଜଲପୁର ମୌଜା ମୀନାବଜାରସ୍ଥିତ ହଜାରୀ ପୋଖରୀରୁ ବେଆଇନ୍ ମାଟି ଖନନ ବେଳେ ମାଫିଆଙ୍କୁ ଧରିବାକୁ ଯାଇ ଶନିବାର ଦିନ ବ୍ୟାସନଗର ତହସିଲଦାରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ କୋରେଇ ପୁଲିସ ରବିବାର ଦିନ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏହାସହିତ ୭ଟି ଟ୍ରାକଫର ଏବଂ ୨ଟି ଜେସିବି ମେସିନ୍‌କୁ ମଧ୍ୟ ପୁଲିସ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ କରିଥିବା ଟ୍ରାକଫର ଚାଳକ ସେକ୍ ନାୟତ, ଜେସିବି ମାଲିକ ପିଙ୍କୁନ ପଥେଇ, ଜିତେନ୍ଦ୍ର ବେହେରା, ଟ୍ରାକଫର ଚାଳକ ହିଦ୍ୟାତୁଲ୍ଲା ଖାନ୍, ମିଟୁ ପରିଡ଼ା, ମଜିତ ଅହମଦ ଖାନ, ଖୋଳାଯାଉଥିବା ଜମିର ମାଲିକ ସେକ୍ ଚାନ୍ଦ ଏବଂ ସୁପରଭାଇଜର ସେକ୍ ସାହିଲ । ଏନେଇ ଆଜି କୋରେଇ ଥାନାରେ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଏବଂ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି । ପୁଲିସର ସୁଚନା ଅନୁଯାୟୀ, ଶନିବାର ଦିନ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ଏବଂ ତୁଳତି ଆର୍‌ଆଇ ଇତିଶ୍ରୀ ସେନାପତି ଫାଜଲପୁରରେ ବେଆଇନ୍ ମାଟି ଖେଳାଯାଉଥିବାର ସୂଚନା ପାଇଥିଲେ । ଖବରପାଇ ସେଠାକୁ ଯିବାପରେ ସେମାନଙ୍କୁ ଦେଖି ଟ୍ରାକ୍ଟର ଏବଂ ଜେସିବି ଚାଳକ ସେଠାରୁ ଚମ୍ପଟ ମାରିଥିଲେ । ହେଲେ ସେକ୍ ନାୟତ ନାମକ ଚାଳକ ତହସିଲଦାରଙ୍କୁ ଦେଖିତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟ ରେ ତାଙ୍କ ଆଡ଼କୁ ଦ୍ରୁତ ଗତିରେ ଗାଡ଼ି ନେଇ ଆସିଥିଲା । ଫଳରେ ତହସିଲଦାର ଶ୍ରୀ ପଣ୍ଡା ତଳେ ପଡ଼ିଯିବାକୁ ଗାଡ଼ିକୁ ତାଙ୍କ ଗୋଡ଼ରେ ଚଢାଇ ସେଠାରୁ ଚମ୍ପଟ ମାରିଥିଲା । ଫଳରେ ଶ୍ରୀ ପଣ୍ଡା ଗୁରୁତର ଆହତ ହୋଇଥିଲେ । ପୁଲିସ ତାଙ୍କୁ ଉଦ୍ଧାର କରି କୋରେଇ ମେଡିକାଲୁ ନେଇ ଚିକିସା କରାଇଥିଲା । ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ କୋରେଇ ପୁଲିସ ୩ଟି ଗଠନ କରି ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା । ରାତିକ ମଧ୍ୟରେ କେନ୍ଦୁଝର, ବ୍ୟାସନଗର ଓ କଳିଙ୍ଗନଗର ଆଦି ଅଂଚଳରୁ ଡ୍ରାଇଭର ଏସକେ ସୋହିଏବ କାଦିରଙ୍କ ସମେତ ହିଦ୍ୟାତୁଲା ଖାନ, ମାଜିତ ଅହମଦ ଖାନ, କିର୍ତନ ଜେନା, ମନିର ମହମ୍ମଦ, ମିଟୁ ପରିଡା, ମାଟି ଖୋଳାଯାଇଥିବା ଜମିର ମାଲିକ ତଥା ଟ୍ରାକଫର ଡ୍ରାଇଭର ଏସକେ ଚାନ୍ଦ, ସୁପରଭାଇଜର ଏସ୍‌କେ ସାହିଲ, ଜେସିବି ଡ୍ରାଇଭର ପିଙ୍କୁନ ଫେଟେଇ ଓ ଜିତେନ୍ଦ୍ର ବେହେରା ପ୍ରମୁଖ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ବେଆଇନ୍ ମାଟି ଖୋଳାରେ ଜଡ଼ିତ ଥିବା ୭ଟି ଟ୍ରାକଫର ଏବଂ ୨ଟି ଜେସିବି ମେସିନକୁ ଜବତ କରିଥିଲା । ଏନେଇ କୋରେଇ ଥାନାରେ କେସ୍ ନମ୍ବର ୧୫୧/୨୬ରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ମଧ୍ୟ କରାଯାଇଛି । ଲଘୁ ଖଣିଜ ସଂପଦ ଲୁଟ ନେଇ ବାରମ୍ବାର ଅଭିଯୋଗ ସହ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଜିଲାପାଳ ଚୁପ ବସିଥିବା ବେଳେ ମାତ୍ର ଏହି ଘଟଣାରେ ସୋସିଆଲ ମିଡ଼ିଆରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସଫେଇ ଦେବା ଘଟଣା ସମଗ୍ର ଯାଜପୁର ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି । ଅନ୍ୟପଟେ ତହସିଲଦାର ଶୀ ପଣ୍ଡାଙ୍କର ଆଜି ଏକ ଘରୋଇ ହସ୍‌ପିଲାଟ୍‌ରେ ଅପରେସନ୍ କରାଯାଇଛି । ତାଙ୍କର ଏବେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି।



## ସୁନ୍ଦରଗ୍ରାମ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବ

# ଶିକ୍ଷା କେବଳ ପାଠପଢ଼ା ନୁହେଁ, ଚରିତ୍ର, ମୂଲ୍ୟବୋଧ ଗଠନ କରେ : ମୁଖ୍ୟମନ୍ତ୍ରୀ

କଣ୍ଟାପଡା / ଭୁବନେଶ୍ୱର (ସବ୍ୟୁ): ବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ଅଞ୍ଚଳର ସାମାଜିକ ଓ ବୌଦ୍ଧିକ ଉନ୍ନତିର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ବୋଲି କଟକ ଜିଲ୍ଲାର ସୁନ୍ଦରଗ୍ରାମରେ ଅବସ୍ଥିତ ସୁନ୍ଦରଗ୍ରାମ ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିଦ୍ୟାଳୟର ୭୫ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି ଏହା କହିଥିଲେ ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ୭୫ ବର୍ଷର ସଫଳ ଯାତ୍ରା କୌଣସି ସଂସ୍ଥା ପାଇଁ ଅପୂର୍ବ ସଫଳତା ଅଟେ ଏବଂ ଏହା ପଛରେ ଅନେକ ଶିକ୍ଷାନୁରାଗୀ ଓ ତ୍ୟାଗୀ ବ୍ୟକ୍ତିଙ୍କ ଅବଦାନ ରହିଛି । ସାଢେ ସାତ ଦଶନ୍ଧି ପୂର୍ବେ ସ୍ଥାପନ ହୋଇଥିବା ଏହି ଶିକ୍ଷାର ଚାରା ଆଜି ଏକ ବିଶାଳ ବୃକ୍ଷରେ ପରିଣତ ହୋଇ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଆଲୋକ ଦେଉଛି । ବିଦ୍ୟାଳୟର ସଫଳତାର ମୂଳ ମାପକାଠି ହେଉଛି ଏହାର ପୁରାତନ ଛାତ୍ରଛାତ୍ରୀଙ୍କ ସଫଳତା । ସୁନ୍ଦରଗ୍ରାମ ହାଇସ୍କୁଲର



ଅନେକ ପୁରାତନ ଛାତ୍ର ଆଜି ବିଭିନ୍ନ ଉଚ୍ଚ ପଦବୀରେ ରହି ସମାଜ ସେବା କରୁଛନ୍ତି, ଯାହା ବିଦ୍ୟାଳୟ ପାଇଁ ଗର୍ବର ବିଷୟ । ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସେମାନଙ୍କୁ ଆଦର୍ଶ ଭାବେ ଗ୍ରହଣ କରି ନିଜ ଭବିଷ୍ୟତ ଗଢ଼ିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ନୂତନ ଶିକ୍ଷାନୀତି ୨୦୨୦ ଅନୁସାରେ ଦକ୍ଷତାମୂଳକ ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ଡିଜିଟାଲ ଶିକ୍ଷା, ସ୍ମାର୍ଟ କ୍ଲାସରୁମ୍ ଓ ଅନଲାଇନ୍ ପାଠପଢା ପ୍ରଣାଳୀ ମାଧ୍ୟମରେ ଶିକ୍ଷାରେ ବିପ୍ଳବ ଆଣାଯାଇଛି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଭଳି ପ୍ରକଳ୍ପ ମାଧ୍ୟମରେ ଗ୍ରାମୀଣ ଶିକ୍ଷାର ମୂଳ ଭିତ୍ତିକୁ ସୁଦୃଢ କରାଯାଉଛି । ଏହି ଅବସରରେ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ୪ ଜଣ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହ ପ୍ଲାଟିନମ୍ ଜୁବିଲି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ ।

ପ୍ରାଚୀ ନଦୀର ପୁନରୁଦ୍ଧାର ନିମିତ୍ତ ୪୫୦ କୋଟି ଟଙ୍କା ଘୋଷଣା କରିଥିବାରୁ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ । ଗତ ଦେଢ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକଙ୍କ ନିଯୁକ୍ତି ହୋଇଥିବାବେଳେ ଆଗାମୀ ଦିନରେ ଆହୁରି ନିଯୁକ୍ତି ହେବାକୁ ଯାଉଛି । ଏହା ସହ ଶିକ୍ଷାର ଭିତ୍ତିଭୂମି ଓ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସରକାର ପ୍ରତିବଦ୍ଧ ରହିଛି । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁରର ସାଂସଦ ଡଃ ବିଭୁପ୍ରସାଦ ତରାଇ, ନିଆଳିର ବିଧାୟକ ଛବି ମଲ୍ଲିକ, ବିଶିଷ୍ଟ ସାହିତ୍ୟିକ ଓ ପୂର୍ବତନ ପ୍ରଶାସନିକ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ପୁରାତନ ଛାତ୍ର ଡଃ ସୁନିଲ କୁମାର ଷଡଙ୍ଗୀ, ପ୍ଲାଟିନମ ଜୁବୁଲି କମିଟିର ସଭାପତି ସୁଶାନ୍ତ କୁମାର ଦାଶ, ସମ୍ପାଦକ ଫଣିଭୂଷଣ ମହାନ୍ତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ ସମେତ ବହୁ ସଂଖ୍ୟକ ଶିକ୍ଷକ, ପୁରାତନ ଛାତ୍ର ଓ ଅଭିଭାବକମାନେ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ସୁନ୍ଦର ଗ୍ରାମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିରୋଧୀ ଦଳ ନେତାଙ୍କ ବିବୃତ୍ତି ଉପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟା

# ସାଂସଦ ସଂଖ୍ୟା ୨୧ରୁ ୩୨କୁ ବୃଦ୍ଧି ପାଇଲେ ବିଜେଡ଼ିକୁ ଅସୁବିଧା କେଉଁଠି

ଭୁବନେଶ୍ୱର, (ସବ୍ୟୁ): ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇବା ଭଳି ଏକ ସକାରାତ୍ମକ ସମ୍ଭାବନାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କାହିଁକି ଭୟଭୀତ ଓ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି, ତାହା ବୁଝାପଡୁନାହିଁ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଦେଇଥିବା ବିବୃତ୍ତି ଆଶ୍ଚର୍ଯ୍ୟଜନକ । ତାଙ୍କ ଭଳି ବ୍ୟକ୍ତିଙ୍କ ବକ୍ତବ୍ୟ ଓଡ଼ିଶାବାସୀଙ୍କ ମନରେ ଭ୍ରମ ତିଆରି କରୁଛି । ସେ ଯେଉଁ କଥା କହିଛନ୍ତି, ତାହା ଭିତ୍ତିହୀନ ଓ ହାସ୍ୟାସ୍ପଦ ଭଳି ମନେହେଉଛି । ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଗତ ୧୬ ଓ ୧୭ ତାରିଖରେ ସଂସଦରେ ୧୩୧ତମ ସମ୍ବିଧାନ



ସଂଶୋଧନ ବିଲ୍ ଉପରେ ଚର୍ଚ୍ଚା କରିବା ସମୟରେ, ଦେଶର ସବୁ ରାଜ୍ୟ ସମେତ ଓଡ଼ିଶାର ପ୍ରତିନିଧିତ୍ୱ ୫୦ ପ୍ରତିଶତ ବଢ଼ିବ ବୋଲି ମାନ୍ୟବର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି । ଏହା ଫଳରେ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ରୁ ବୃଦ୍ଧି ପାଇ ୩୨ ହେବ ଏବଂ ତତସହିତ ଅତିକମରେ ୧୧ ଜଣ ମହିଳା ନୂଆ ସାଂସଦ ଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ । ବର୍ତ୍ତମାନ ଦେଶର ଲୋକସଭା ସିଟ୍ ଆଧାରରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୮୭ ପ୍ରତିଶତ ଥିବା ବେଳେ ଏହି ଆସନ ବଢ଼ିଲେ ୩.୯୧ ପ୍ରତିଶତକୁ ବୃଦ୍ଧି ପାଇବ, ଯାହା ଦ୍ୱାରା ଜାତୀୟ ସ୍ତରରେ ଓଡ଼ିଶାର ଭୂମିକା ସୁଦୃଢ଼ ହେବ । ନବୀନ ବାବୁଙ୍କ ଭଳି ବ୍ୟକ୍ତିଙ୍କ ଠାରୁ ସତ୍ୟ ଆଧାରିତ ତଥ୍ୟ ଅପେକ୍ଷା କରାଯାଏ । ମିଥ୍ୟା ପ୍ରଚାର ନକରି ତଥ୍ୟଭିତ୍ତିକ ସତ୍ୟ ପ୍ରକାଶ କଲେ ଓଡ଼ିଶାର ପ୍ରକୃତ ହିତ ସାଧିତ ହେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

# ଦୁଷ୍କର୍ମ କରି ଜିମ୍ ଟ୍ରେନର୍ ଗିରଫ

କଟକ,(ସବ୍ୟୁ): ବାଦାମବାଡ଼ି ଥାନା ପୁଲିସ ଆଜି ଜଣେ ଜିମ୍ ଟ୍ରେନ୍‌ରକୁ ଗିରଫ କରିଛି । ଜଗତପୁର ଅଞ୍ଚଳର ଏକ ଜିମ୍‌ରେ ଟ୍ରେନର୍ ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକ ବିବାହର ଲୋଭ ଦେଖାଇ ଜଣେ ଯୁବତୀଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । କଟକର ବିଭିନ୍ନ ହୋଟେଲରେ ଯୁବତୀଙ୍କୁ ରଖି ଦୁଷ୍କର୍ମ କରିବା ଅଭିଯୋଗରେ ବାଦାମବାଡ଼ି ଥାନା ପୁଲିସ ଅଭିଯୁକ୍ତ ଟ୍ରେନର ଜଗତପୁର ନିମପୁରରେ ରହୁଥିବା ଗଞ୍ଜାମ ଜିଲ୍ଲା ଛତ୍ରପୁରର ତୋଫାନ ବେହେରା(୨୭)କୁ ଗିରଫ କରିଛି । ପୁଲିସ ସୂଚନା ଅନୁଯାୟୀ, ବାଦାମବାଡ଼ି ଅଞ୍ଚଳର ଜଣେ ୨୨ ବର୍ଷୀୟା ଯୁବତୀ ଜଗତପୁରରେ ଥିବା ଏକ ଜିମ୍‌କୁ ୨୦୨୫ରେ ବ୍ୟାୟାମ କରିବାକୁ ଯାଉଥିଲେ । ସେଠାରେ ଟ୍ରେନର ତୋଫାନ ସହିତ ପରିଚୟ ହୋଇଥିଲା । ତୋଫାନ ଏହି ଯୁବତୀଙ୍କ ସହିତ ପ୍ରଥମେ ପ୍ରେମ ସମ୍ପର୍କ ଯୋଡ଼ିଥିଲେ । ଏହା ପରେ ସମ୍ପର୍କ ଘନିଷ୍ଠ କରି ବିବାହର ପ୍ରସ୍ତାବ ଦେଇଥିଲା । ଏହି ବିବାହ ଆଳରେ କଟକର ବିଭିନ୍ନ ହୋଟେଲରେ ଯୁବତୀଙ୍କୁ ରଖି ତୋଫାନ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ତୋଫାନ ବିବାହ କରିବାକୁ ଧରାଛୁଆଁ ଦେଉନଥିଲା । ଏ ନେଇ ବାଦାମବାଡ଼ି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତୋଫାନକୁ ଗିରଫ କରିଥିବା ସୂଚନା ମିଳିଛି ।

# ଆଜି ଅକ୍ଷୟ ତୃତୀୟା : ରଥ ନିର୍ମାଣ କାର୍ଯ୍ୟର ହେବ ଶୁଭାରମ୍ଭ

ପୁରୀ (ସବ୍ୟୁ):ସୋମବାର ପବିତ୍ର ଅକ୍ଷୟ ତୃତୀୟା। ଏହି ପବିତ୍ର ତିଥି ଅବସରରେ ଚଳିତବର୍ଷ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସେପଟେ ନରେନ୍ଦ୍ର ପୁଷ୍କରିଣୀରେ ମଧ୍ୟ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହେବ। ଚନ୍ଦନଯାତ୍ରା କୁ ଶାନ୍ତି ଶୃଙ୍ଖଳାରେ ଆୟୋଜନ ପାଇଁ ପୁରୀ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ବିଶେଷ କରି ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଚଳିତବର୍ଷ ନରେନ୍ଦ୍ର ପୁଷ୍କରିଣୀରେ ବାଣ ଫୁଟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏଣୁ ଭକ୍ତମାନେ ପୋଲିସର ନିର୍ଦ୍ଦେଶ ଅନୁସାରେ ଶୃଙ୍ଖଳିତ ଭାବରେ ଆସି ମହାପ୍ରଭୁଙ୍କ ଚନ୍ଦନଯାତ୍ରାରେ ସାମିଲ୍ ହେବା ପାଇଁ ପୋଲିସ ପକ୍ଷରୁ ଭକ୍ତଙ୍କୁ ଅନୁରୋଧ କରାଯାଇଛି। ପୁରୀ ଏସପି ପ୍ରତୀକ ସିଂ ଙ୍କ ସୂଚନା ଅନୁସାରେ ସୁରକ୍ଷା ଦାୟିତ୍ୱରେ ପାଞ୍ଚ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଜଣେ ଅତିରିକ୍ତ ଏସପି, ୫ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୨୦ ଜଣ ଏଏସଆଇ,ଏସଆଇ ସହିତ ୫୮ ଜଣ ହୋମଗାର୍ଡ ରହିବେ। ସୁରକ୍ଷା ବ୍ୟବସ୍ଥା କୁ କଡ଼ାକଡ଼ି କରାଯିବା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି। ସନ୍ଦିଗ୍ଧ ବ୍ୟକ୍ତି ଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯିବା ସହ ଆଣ୍ଟି ସବୋଟାଜ୍ ଚେକିଙ୍ଗ ବ୍ୟବସ୍ଥାକୁ ଜୋରଦାର କରାଯିବ। ଅଧିକ ଭକ୍ତଙ୍କ ଆଗମନ ହେତୁ ଗାଡ଼ି ରଖିବା ପାଇଁ ଅଧିକ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି କୌଣସି ଅଗ୍ନିକାଣ୍ଡ ଅଘଟଣକୁ ରୋକିବା ପାଇଁ ଅଗ୍ନିଶମ ବାହିନୀକୁ ମଧ୍ୟ ମୁତୟନ କରାଯିବ। ବାଣ ଫୁଟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ବେଳେ ଏହା ଉପରେ କଡ଼ା ନଜର ରଖାଯିବ। ଅପରାହ୍ନରେ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳା କୁ ବିଜେ କରିବା ପରେ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହେବ। ଏଥିସହିତ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ମଧ୍ୟ ଆରମ୍ଭ ହେବ। ଏଣୁ ଏହି ଦିବ୍ୟ ଦୃଶ୍ୟକୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ପ୍ରକାଶ ପାଇଥିବା ବେଳେ ଏବେ ଠାରୁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି।

# ଧଳା ପୋଷାକ ପିନ୍ଧି ମୈଦାନକୁ ଓହ୍ଲାଇଲେ ପ୍ରଭାତ

କଟକ, (ସ୍ୱପ୍ର) : ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି । ପୂର୍ବ ସୂଚନା ମୁତାବକ ୧୯ ତାରିଖ ରବିବାର ଧଳା ପୋଷାକ ପରିଧାନ କରି ପୋଷାକ ପିନ୍ଧିଛନ୍ତି । ଦିନରେ ଭୁବନେଶ୍ୱରରେ ସମ୍ବାଦିକ ସମ୍ମିଳନୀ କରି ସନ୍ଧ୍ୟାରେ କଟକ ଓଏମ୍‌ପି ଛକରେ ଧଳା ବିଭିନ୍ନ ସ୍ଲୋଗାନ ଦେବା ସହିତ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମର୍ଥକ ମାନଙ୍କ ଏପରି ଉତ୍ସାହ ଦେଖି



ପ୍ରଭାତ ଭାବବିହ୍ୱଳ ହୋଇ ଉପସ୍ଥିତ ସମ୍ବାଦିକ ମାନଙ୍କୁ କହିଲେ ଧଳା ପୋଷାକ ବହୁତ ପ୍ରେରଣା ଦେଉଛି । କଟକବାସୀଙ୍କ ଭଲ ପାଇବା ରହିଛି । ମୁଁ ମୋ ସମର୍ଥକ ଶୁଭେଚ୍ଛୁ ମାନଙ୍କ ସହିତ ଆଲୋଚନା କରି ମୋର ରାଜନୈତିକ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବି । ଯାହା ଆପଣମାନେ ଖୁବ୍ କମ୍ ସମୟ ମଧ୍ୟରେ ଜାଣି ପାରିବେ । ସମୟ ବଡ ବଳବାନ । ଯେଉଁମାନେ ଖଇରୀଆ ପୋଷାକ ପିନ୍ଧାଇଥିଲେ ତାଙ୍କୁ ପ୍ରଭୁ ଶାସ୍ତି ଦେଇଛନ୍ତି ଓ ଆହୁରି ଦେବେ ।

ମୈଦାନକୁ ଓହ୍ଲାଇଛନ୍ତି ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ । ସେ ଗତ ୨୦୧୨ ମସିହାରୁ ଖଇରୀ ପୋଷାକ ପିନ୍ଧି ଆସୁଥିଲେ । ଆଜି ଦୀର୍ଘ ୧୪ ବର୍ଷ ପରେ ସେ ଖଇରୀ ପୋଷାକ ବଦଳାଇ ଧଳା ପୋଷାକରେ ଉଭା ହୋଇଥିଲେ ପ୍ରଭାତ । ପୂର୍ବରୁ ସେଠାରେ ହଜାର ହଜାର ସଂଖ୍ୟାରେ ତାଙ୍କ ସମର୍ଥକ ମାନେ ଉପସ୍ଥିତ ଥିଲେ । ସେ ତାଙ୍କ ନେତାଙ୍କୁ ଦୀର୍ଘ ୧୪ ବର୍ଷ ପରେ ଧଳା ପୋଷାକରେ ଦେଖି ଖୁସିରେ

# ବାଉଁଶ ସହ ଦୁଇ ପିକ୍‌ଅପ୍ ଜବତ ଡ୍ରାଇଭର ଫେରାର

ଦଶପଲ୍ଲା,(ସବ୍ୟୁ): ଶନିବାର ରାତିରେ ଦଶପଲ୍ଲା ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୮୬ ଟି ବାଉଁଶ ସହ ଦୁଇଟି ପିକଅପ ଭ୍ୟାନ ଜବତ କରାଯାଇଛି । ଜବତ ବାଉଁଶର ଦାମ ୨୦ ହଜାର ଟଙ୍କା ହେବ ବୋଲି ଦଶପଲ୍ଲା ରେଞ୍ଜର ଶ୍ରୀନିବାଶ ଦାସ ପ୍ରକାଶ କରିଛନ୍ତି । ଶନିବାର ବିଳମ୍ବିତ ରାତିରେ କଳଶାଖମଣ ଅଞ୍ଚଳ ର ଜଣେ ଟେଣ୍ଟ ହାଉସ ମାଲିକ ତାଙ୍କ ଟେଣ୍ଟ ହାଉସ ପାଇଁ କ=ପଦର କେନ୍ଦ୍ରୀୟ ସଂରକ୍ଷିତ ଜଙ୍ଗଲ ନିକଟ ଏକ ଗ୍ରାମରୁ କିଛି ଗ୍ରାମବାସୀଙ୍କ ଠାରୁ ୮୬ ଖଣ୍ଡ ବାଉଁଶ କିଣି ଟେଣ୍ଟ ହାଉସ ପାଇଁ ପିକଅପରେ ଧରି ଆସୁଥିବା ବେଳେ କିଛି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ସୂଚନା ପାଇ ବନବିଭାଗ କର୍ମଚାରୀଆସିଥିଲେ । ବନକର୍ମଚାରୀଙ୍କୁ ଦେଖି ଦୁଇ ପିକଅପ ଡ୍ରାଇଭର ଫେରାର ହୋଇ ଯାଇଥିବାବେଳେ ଦୁଇ ପିକ ଅପ ଓ ବାଉଁଶକୁ ବନ କର୍ମଚାରୀମାନେ ଜବତ କରିଥିଲେ । ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଗାଡିର ମାଲିକ ନାମ ଜାଣିବା ପାଇଁ ନୟାଗଡ଼ ଆର ଟି ଓ ଙ୍କୁ ପତ୍ର ବିନିମୟ କରାଯାଇଥିବା ରେଞ୍ଜର ପ୍ରକାଶ କରିବା ସହ ଏହି ବାଉଁଶ ସବୁ କ=ପଦର ସଂରକ୍ଷିତ ଜଙ୍ଗଲରୁ କଟା ହୋଇ ଅଣାଯାଉଥିବା ସେ ପ୍ରକାଶ କରିଛନ୍ତି ।

# ବିଜେପିର ଜିଲ୍ଲା ସ୍ତରୀୟ ଆଇ.ଟି. ସେଲ୍ କର୍ମଶାଳା




କଟକ,(ସବ୍ୟୁ): ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇ.ଟି. ସେଲ୍ ପକ୍ଷରୁ ଏକ କର୍ମଶାଳା ଯୁବ ନେତା ଅସୀମ୍ ଅମିତାଭ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ କଟକ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ତଥା ମଣ୍ଡଳ ସ୍ତରୀୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବିଜେପି ରାଜ୍ୟ ଆଇ.ଟି. ସେଲ୍ ସଂଯୋଜକ ଅଂଶୁମାନ ମହାପାତ୍ର ସାମାଜିକ ଗଣମାଧ୍ୟମର ରାଜନୈତିକ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ କହିଥିଲେ ଯେ, ସରକାରଙ୍କ ବିଭିନ୍ନ ଯୋଜନା ଓ ଦଳର ବିଚାରଧାରାକୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ହେଉଛି ଆଇ.ଟି. ସେଲ୍‌ର ପ୍ରମୁଖ ଲକ୍ଷ୍ୟ।ଏଥିରେ ଜିଲ୍ଲା ଆଇ.ଟି. ସେଲ୍ ସଦସ୍ୟ ଶାଶ୍ୱତ ବିଶ୍ୱାଳ, ଶୁଭ୍ରମ ବାରିକ, ବିଶ୍ୱଜିତ୍ ବିଶ୍ୱାଳ, କପିଳ ମହାନ୍ତି, ଅଲେଖ କୁମାର ନାୟକ ଓ ସୂର୍ଯ୍ୟଂଶୀ ନାୟକ ମୁଖ୍ୟ ଭୂମିକା ନେଇଥିଲେ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର ଓ ପୂର୍ବତନ ଜିଲ୍ଲା ସମ୍ପାଦକ କୀର୍ତ୍ତି ରଞ୍ଜନ ପଟ୍ଟନାୟକଙ୍କ ସହ ଜିଲ୍ଲାର ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ଜେସିଆଇ ଭୁବନେଶ୍ୱର ଦ୍ୱାରା

# ଚ୍ୟାରିଟି ମୁଭି ସ୍କ୍ରିନିଂ ଓ ଅଙ୍ଗଦାନ ସଚେତନତା ଶିବିର ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଜେସିଆଇ ଭୁବନେଶ୍ୱର ପକ୍ଷରୁ ପିଭିଆର୍ ଉତ୍କଳ କନିକା ଗ୍ୟାଲେରିଆ ମଲ ଠାରେ ଓଡ଼ିଆ ଚଳଚ୍ଚିତ୍ର 'ଆଫା'ର ଏକ ବିଶେଷ ଚ୍ୟାରିଟି ପ୍ରଦର୍ଶନ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା କନ୍ୟାଶିଶୁ ସଚେତନତା ଓ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା । ଏହି ଅବସରରେ କମଳା ନେହରୁ ମହାବିଦ୍ୟାଳୟର ୫୦ ଜଣ ଛାତ୍ରୀଙ୍କୁ ଆମନ୍ତ୍ରିତ କରାଯାଇଥିଲା, ଯାହା ଏହି କାର୍ଯ୍ୟକ୍ରମକୁ ଅଧିକ ସଫଳ କରିଥିଲା । ଏହା ସହିତ, ହାଇଟେକ୍ ହସ୍ପିଟାଲ୍, ଭୁବନେଶ୍ୱର ସହଯୋଗରେ ଏକ ଅଙ୍ଗଦାନ ସଚେତନତା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ମାଧ୍ୟମରେ ଲୋକମାନଙ୍କୁ ଅଙ୍ଗଦାନର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜେସିଆଇର ବରିଷ୍ଠ ସଦସ୍ୟ ଭି. ଶ୍ରୀନିବାସ, ଦିନେଶ ବିଣ୍ଡାଲ, ପୁନିତ ମିଶ୍ର, ନିଶିଥ ଦାସ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।



ଏହି ଅବସରରେ ଜେସିଆଇ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ଜେସି ଶ୍ରୀନିବାସ ସୁବୁଦ୍ଧି କହିଥିଲେ ଯେ, "ଏହି ପ୍ରୟାସ ଆମ ସାମାଜିକ ଦାୟିତ୍ୱର ପ୍ରତିଫଳନ । ଏହା ମାଧ୍ୟମରେ ଆମେ କନ୍ୟାଶିଶୁ ସଶକ୍ତିକରଣ ଓ ଅଙ୍ଗଦାନର ଗୁରୁତ୍ୱ ବିଷୟରେ ସମାଜକୁ ପ୍ରେରିତ କରିବାକୁ ଚାହୁଁଛୁ। ଏହି କାର୍ଯ୍ୟକ୍ରମର ସଫଳତା ଏବଂ ସଦସ୍ୟମାନଙ୍କର ସହୃଦୟ ଅଂଶଗ୍ରହଣ ଏବଂ ସମନ୍ୱୟ ସୁନିଶ୍ଚିତ କରିଥିବାରୁ ଜେସି ଗୌରୀ ସୁବୁଦ୍ଧିଙ୍କୁ ବିଶେଷ କୃତଜ୍ଞତା ଜଣାଯାଇଥିଲା । ଏହି ବିଶେଷ ଚାରିଟି ପ୍ରଦର୍ଶନ ବେଳେ ଚଳଚ୍ଚିତ୍ରର ନିର୍ମାତା ତଥା ନିର୍ଦ୍ଦେଶକ ପ୍ରୀତିରାଜ ଶତପଥି ଓ ମୁଖ୍ୟ ଅଭିନେତ୍ରୀ ନୈନା ଦାଶ ଯୋଗ ଦେଇ ଜେସିଆଇ ଭୁବନେଶ୍ୱରର ଏହି ଅଭିନବ ପ୍ରୟାସ ନିମନ୍ତେ ନିଜର ସହୃଦୟ କୃତଜ୍ଞତା ଜଣାଇଥିଲେ ।

# ନନ୍ଦନକାନନ ଆସିଲା ବିରଳ ଆଲବିନୋ ରଣା ସାପ

ବାରଙ୍ଗ ,(ସବ୍ୟୁ): ଶନିବାର ରାତିରେ ନନ୍ଦନକାନନକୁ ଆସିଛି ଉଧାର ବିରଳ ରଣାସାପ ।ଉଧାର ସାପଟି ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ୍ର ଛୁଆଳସିଂହ ଅଞ୍ଚଳରୁ ଆସିଛି ।ଶନିବାର ଉଦ୍ଧାର ହୋଇଥିବା ବିରଳ ଆଲ୍ବିନୋ ରଣାସାପଟି ନନ୍ଦନକାନନକୁ ଆସିବା ପରେ ତାର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯାଇଛି । ସାପ ମୁହଁରେ ସାମାନ୍ୟ କ୍ଷତ ଥିବା ଜଣାପଡ଼ିଛି । ଯେତେବେଳେ ସାପଟିର ଏକ୍ସରେ କରାଯାଇଥିଲା ସାପ ପେଟରେ ୭ଟି ଅଣ୍ଡା ଥିବା ଜାଣିବାକୁ ପାଇଥିଲେ ନନ୍ଦନକାନନ ଭେଟେନାରୀ ଟିମ । ଯାହାକୁ ନେଇ ନନ୍ଦନକାନନରେ ଏକ ପ୍ରକାର ଖୁସିର ଲହରୀ ଖେଳି ଯାଇଛି । ନନ୍ଦନକାନନରେଏହି ବିରଳ ସାପର ବଂଶବିସ୍ତାର ହୋଇପାରିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି । ତେବେ ଏଭଳି ସାପ ଦେଶର ଅନ୍ୟ କୌଣସି ଚିଡ଼ିଆଖାନାରେ ନଥିବା କୁହାଯାଉଛି । ସାପଟି ଦେଖିବାକୁ ଅତିସୁନ୍ଦର କାରଣ ଏହାର ଶରୀର ହଳଦିଆ ଓ ଧଳା ରଙ୍ଗର । ଏହି ବିରଳ ରଣା ସାପ ଦେଖିବାକୁ ଧଳା ରଙ୍ଗର ହୋଇଥିବା ବେଳେ ଧଳା ଉପରେ ହଳଦିଆ ରଙ୍ଗର ଚିହ୍ନ ରହିଛି । ଗତକାଲି ଛୁଆଳସିଂହ ଅଞ୍ଚଳର କିଛି ଲୋକ ଏହି ସାପକୁ ଧରି ଏକ ପ୍ଲାଷ୍ଟିକ ଡବାରେ ରଖିଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଥିଲେ ।

# କିସନା ଡାଏମଣ୍ଡ ଏବଂ ସୁନା ଗହଣାର କଟକରେ ନୂତନ ସ୍ୱତନ୍ତ୍ର ଶୋରୁମ୍

କଟକ, (ସବ୍ୟୁ):କିସନା ଡାଏମଣ୍ଡ ଏବଂ ସୁନା ଗହଣା ପକ୍ଷରୁ ଓଡିଶାରେ ଏହାର ୫ମ ଶୋରୁମ୍‌ର ଭବ୍ୟ ଶୁଭାରମ୍ଭ କରାଯାଇଛି । ଏହି ନୂତନ ଶୋରୁମ୍ କଟକର ସିଡିଏ ସେକ୍ଟର–୬, ପ୍ଲଟ୍ ନଂ ବି-୧୩୯୩ ଠାରେ ଅବସ୍ଥିତ । ଏହି ଉଦ୍ଘାଟନ ଅବସରରେ ହରି କ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଏବଂ ଏମଡ଼ି, ଘନଶ୍ୟାମ ଢୋଲକିଆ ଉପସ୍ଥିତ ରହି କହିଲେ ଯେ ଅଫର ଆରମ୍ଭ କରାଯାଇଛି, ଯେଉଁଥିରେ ହୀରା ଅଳଙ୍କାର ଉପରେ ୫%ର ଅତିରିକ୍ତ ରିହାତି ଅନ୍ତର୍ଭୁକ୍ତ ରହିଛି। ବର୍ତମାନ ଜାରି ରହିଥିବା ପାର୍ବଣ ଋତୁର ଅଂଶ ଭାବେ କିସ୍‌ନା 'ଅକ୍ଷୟ ହାପିନେସ୍ କ୍ୟାମ୍ପେନ' ଅଧିନରେ 'ଦ ବିଗେଷ୍ଟ ଫେଷ୍ଟିଭ ଅଫର'ର ଘୋଷଣା କରାଯାଇଛି।

କିସ୍‌ନା ପକ୍ଷରୁ ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ ୪୦% ରିହାତି ଓ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୩୦%ର ରିହାତି ପ୍ରଦାନ କରାଯାଉଛି। ଉପଭୋକ୍ତାମାନେ ହୀରା ଓ ସୁନା ଅଳଙ୍କାରର ନିର୍ଦ୍ଦିଷ୍ଟ କ୍ରୟ ଉପରେ ୧୦ ଗ୍ରାମ ଓ ୨୦ ଗ୍ରାମର ସିଲଭର କଏନ ମାଗଣାରେ ପାଇପାରିବେ ଏବଂ ପୁରୁଣା ସୁନା ଉପରେ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପାଇପାରିବେ।

କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ସିଇଓ ପରାଗ ଶାହ କହିଛନ୍ତି, କଟକରେ ଆମର ଶୋ'ରୁମଗୁଡିକରେ ଏକ ସହଜ ଓ ନିୟୋଜିତ ସପିଂ ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଆକର୍ଷଣୀୟ ଫେଷ୍ଟିଭ ଅଫର ଏବଂ ହୀରା ଓ ସୁନା ଅଳଙ୍କାର କଲେକ୍ସନର ଏକ ଉପଯୁକ୍ତ ମିଶ୍ରଣ ନିଶ୍ଚିତ କରୁଛି ।ସେହିପରି ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟଲେଟ ପାର୍ଟନର ସତ୍ୟସ୍ୱରୂପ ବେହେରା କହିଛନ୍ତି, "ଆମେ କଟକରେ ଆମର ଶୋ'ରୁମର ଶୁଭାରମ୍ଭ ପାଇଁ କିସ୍‌ନା ସହ ସହଭାଗିତା କରି ଆନନ୍ଦିତ। କିସ୍‌ନାର ବିଶ୍ୱାସ, ଅଭିନବ ଡିଜାଇନ ଓ ଗ୍ରାହକ-କେନ୍ଦ୍ରିତ ଆଭିମୁଖ୍ୟର



ବିସ୍ତୃତ ଶୃଙ୍ଖଳା ଦ୍ୱାରା ସମର୍ଥିତ। ପ୍ରତିଦିନର ଆଧୁନିକ ଡିଜାଇନଠାରୁ ଆରମ୍ଭ କରି ପାରମ୍ପରିକ ଅକେଜନ ୱେୟାର ପର୍ଯ୍ୟନ୍ତ, ଆମେ ପ୍ରତ୍ୟେକ ଉପଭୋକ୍ତାଙ୍କ ପସନ୍ଦ ପାଇଁ କିଛି ଉତ୍ପାଦ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଉତ୍କର୍ଷତା, ମୂଲ୍ୟ ଓ ଉପଲବ୍ଧତାର ଏକ ମଜବୁତ ବିରାସତ ସହିତ ଆମେ ନିଶ୍ଚିତ ଯେ, ଏହି ବ୍ରାଣ୍ଡ ଓଡିଶାର ଗ୍ରାହକଙ୍କ ସହ ଉତ୍ତମ ଭାବେ ପ୍ରତିଧ୍ୱନିତ୍ୱ କରିପାରିବ। ଏଥିରେ ଅନ୍ୟତମ ଅତିଥି ଭାବେ ବାରବାଟି କଟକ ବିଧାୟିକା ଶୋଫିଆ ଫିରଦୋଷ ଯୋଗ ଦେଇଥିଲେ।

## ଗୋଲିଆ ଗାଁରେ ଯୁବକଙ୍କୁ ଆକ୍ରମଣ ଘଟଣା, ୫ ଗିରଫ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ ଜନୈକ ଯୁବକଙ୍କୁ ମିଳିତ ଆକ୍ରମଣ ଘଟଣାରେ ପୋଲିସ ୨ ଜଣ ନାବାଳକଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

ଗିରଫ ସାବାଳକ ଅଭିଯୁକ୍ତମାନେ ହେଲେ ଗୋଲିଆ ଗ୍ରାମର ସନ୍ୟାସୀ ପୋଲେଇ (୨୪), ଜୟସେନ ଜେନା (୨୧) ଓ ରାଜା ଜେନା (୧୮) । ଆକ୍ରମଣରେ ଆହତ ହୋଇଥିବା ଯୁବକ ନାରାୟଣ ପ୍ରଧାନ(୨୫) ଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୧୭୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ମେରୁ ସଂକ୍ରାନ୍ତି ଦିନ ଅପରାହ୍ନରେ ନାରାୟଣ ଗୋଲିଆ ଗାଁ ଛକରୁ ଘରକୁ ଯାଉଥିବା ବେଳେ ସାମନା ପଟୁ ସନ୍ୟାସୀ ବାଇକରେ ଆସି ଘଷି ହୋଇଯାଇଥିଲା । ଫଳରେ ଉଭୟଙ୍କ ମଧ୍ୟରେ ବାକଯୁଦ୍ଧ ହୋଇଥିଲା ଏବଂ ପର ମୁହୂର୍ତ୍ତରେ ଦୁଇ ନାବାଳକଙ୍କ ସମେତ ପାଞ୍ଚ ଜଣ ମିଳିତ ଭାବେ ନାରାୟଣଙ୍କୁ ଆକ୍ରମଣ କରିଥିଲେ ।

ଆକ୍ରମଣରେ ନାରାୟଣଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୁଗୁଡ଼ା ମେଡିକାଲରେ ପହଞ୍ଚି ଚିକିତ୍ସିତ ହୋଇଥିଲେ ।

ଏହି ମାମଲାର ତଦନ୍ତ ଦାୟିତ୍ୱରେ ଏଏସଆଇ ସୁମନ୍ତ କୁମାର ବେହେରା ରହିଥିବା ବେଳେ ଗିରଫ ନାବାଳକ ଦ୍ୱୟଙ୍କୁ ଛତ୍ରପୁର ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ବେଳେ ଅନ୍ୟ ତିନି ସାବାଳକଙ୍କୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଥିବା ଜଣାଯାଇଛି ।

## ବିଳମ୍ବିତ ରାତ୍ରିରେ ବନପାଳଙ୍କ କ୍ୱାର୍ଟର ଆଗରେ ଗାଳିଗୁଲଜ

ଭଞ୍ଜନଗର, (ସବ୍ୟୁ): ତାରାସିଂ ଥାନା ଅଧିନ ଗାୟଗଣ୍ଡା ବନପାଳଙ୍କ ସରକାରୀ ବାସଭବନ ମୁଖ୍ୟ ଫାଟକ ପାଖରେ ଶୁକ୍ରବାର ବିଳମ୍ବିତ ରାତ୍ରରେ ପ୍ରାୟ ୪୦ରୁ ଅଧିକ କିଛି ଲୋକ ଆସି ମହିଳା ବନପାଳଙ୍କୁ ବିଭିନ୍ନ ଅସଭ୍ୟ ଭାଷାରେ ଗାଳି କରିବା ଓ ଜୀବନପ୍ରତି ଧମକ ଦେବା ନେଇ ତାରାସିଂ ଥାନାରେ ଲିଖିତ ଅଭିଯୋଗ ହୋଇଛିଛ ଖବର ନେବାରେ ଉତ୍ତର ଘୁମୁସର ବନଖଣ୍ଡ ତାରାସିଂ ବନାଞ୍ଚଳର ଗାୟଗଣ୍ଡା ସେକସନରେ ଆଜକୁ କିଛି ଦିନ ହେଲା ହାତୀଙ୍କ ଚଳପ୍ରଚଳ ଥିବା ହେତୁ ବିଦ୍ୟୁତ ବିଭାଗ ବାଧହୋଇ କିଛି ଘଣ୍ଟାପାଇଁ ବିଦ୍ୟୁ ପାଓ୍ୱାର କଟ କରିବାକୁ ପଡୁଛି । ସେପଟେ ବନବିଭାଗ ଓ ବିଦ୍ୟୁତ ବିଭାଗର ବରିଷ୍ଠ ଅଧିକାରୀଙ୍କ ନେଇ ପ୍ରତ୍ୟେକ ମାସରେ କୋଡିନସନ ମିଟିଂ ହେବା ସହ ସରକାରଙ୍କ ହାତୀ ସୁରକ୍ଷା ଉପରେ ହାତୀଙ୍କ ଗତିବିଧିକୁ ନେଇ ପାଓ୍ୱାର କଟ କରିବା ପାଇଁ ନିୟମ ରହିଛି । ହେଲେ ଗ୍ରାମାଞ୍ଚଳରେ ବାସ କରୁଥିବା ଜନସାଧାରଣ ବିଦ୍ୟୁତ କାଟ ହେଲେ ସେମାନଙ୍କର ଅସନ୍ତୋଷ ବଢୁଛ ।

ଏନେଇ ଶୁକ୍ରବାର ବିଳମ୍ବିତ ରାତ୍ରରେ ଉତ୍ତର ଘୁମୁସର ବନଖଣ୍ଡ ତାରାସିଂ ବନାଞ୍ଚଳ ଗାୟଗଣ୍ଡା ସେକସନ ଅଧିନ କଦଳୀଗଡ ଗ୍ରାମର ପ୍ରାୟ ୪୦ ରୁ ଅଧିକ ଲୋକ ଏକ ଯାତ୍ରୀବାହି ଅଟୋରେ ଆସି ଗାୟଗଣ୍ଡା ବନପାଳଙ୍କ ସରକାରୀ କ୍ୱାର୍ଟର ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ବିଭିନ୍ନ ଧମକ ଦେଇଥିଲେ । କ୍ୱାର୍ଟରରେ ରହୁଥିବା ମହିଳା ବନପାଳ ଶୁଭସ୍ମିତା ଦାଶ ଭୟରେ କବାଟ ନଖୋଲି ଆତଙ୍କିତ ଅବସ୍ଥାରେ ତାରାସିଂ ଥାନାକୁ ଖବର ଦେବା ସହ ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କୁ ମଧ ଫୋନ ଯୋଗେ ଜଣାଇଥିଲେ ।

ଖବର ପାଇ ତାରାସିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଖଳ ପ୍ରକୃତିର ଲୋକମାନେ ଗଲାବେଳେ କହିଥିଲେ ଫରଷ୍ଟର ତୁ ସବୁବେଳେ ବିଦ୍ୟୁତ ବିଭାଗକୁ କହି ଆମ ଏରିଆର କରେଣ୍ଟ କାଟୁଛୁ ହେଲେ ଆଜି ପଦାକୁ ବାହାରିଲୁନି, ହେଲେ ଆମ ଏରିଆକୁ ପେଟ୍ରୋଲିଙ୍ଗ କରିବାକୁ ଆସିଲେ ତୋ କଥା ବୁଝିବୁ କହି ଚାଲିଯାଇଥିଲେ ବୋଲି ମହିଳ ବନପାଳ ଶୁଭସ୍ମିତା ଦାଶ ଗଣମାଧମକୁ କହିବା ସହ ଲିଖିତ ଅଭିଯୋଗ ଥାନାରେ ଦେଇଥିବା କହିଛନ୍ତି । ସେପଟେ ବିଦ୍ୟୁତ ବିଭାଗ ସହ ଯୋଗାଯୋଗ କରିବାରୁ ସେମାନେ କହିଥିଲେ ଶୁକ୍ରବାର ରାତ୍ରୀରେ କଦଳୀଗଡ ଅଞ୍ଚଳରେ ହାତୀର ଗତିବିଧି ନଥିବାରୁ ବିଦ୍ୟୁତ କାଟ କରାଯାଇନଥିବା ଗଣମାଧମକୁ କହିଛନ୍ତି । ସେପଟେ ଏନେଇ ତାରାସିଂ ପୋଲିସ ତଦନ୍ତ ଚଳାଇଛନ୍ତି ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୁହ ଚିତ୍ରାଙ୍କନ ପ୍ରତିଯୋଗିତା



ବାରିପଦା, (ସବ୍ୟୁ) : ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାସ୍ତବ' ପରିବାର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ନର୍ସରୀରୁ ୧୦ମ ଶ୍ରେଣୀର ୩ଶହ ଛାତ୍ରଛାତ୍ରୀଙ୍କୁ ନେଇ ଚାରୋଟି ବିଭାଗ ମାଧ୍ୟମରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଭିତରେ ଅନେକ ସଂଖ୍ୟାରେ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିବା ପରିଲକ୍ଷିତ ହୋଇଥିଲା। ବାସ୍ତବ ଅନୁଷ୍ଠାନ ସମାଜରେ ବିଭିନ୍ନ କ୍ଷେତ୍ରରେ ଯଥା ସ୍ୱାସ୍ଥ୍ୟସେବା, ପରିବେଶ ସନ୍ତୁଳନ, ସ୍କୁଲ ସ୍ତରରେ ପିଲାମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ଚିତ୍ରାଙ୍କନ, ସ୍ୱଲିଖିତ କବିତାଆବୃତ୍ତି, ବିଦ୍ୟାଳୟମାନଙ୍କୁ ପୁସ୍ତକ ଦାନ ତଥା ସୁନନ୍ଦନ ବୃତ୍ତି ଯୋଜନା ମାଧ୍ୟମରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ ଆର୍ଥିକ ଅନୁଦାନ ଭଳି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରି ସମାଜରେ ଉଦାହରଣ ସୃଷ୍ଟି କରିପାରିଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ କାଶୀନାଥ ରଣା ଏହି ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ପିଲାମାନଙ୍କୁ ପ୍ରମାଣପତ୍ର ଏବଂ ମେଡାଲ ପ୍ରଦାନ କରି ଉତ୍ସାହିତ କରିଥିଲେ। ଅମରେଶ ବାସୁରୀ, ମହେନ୍ଦ୍ର ନାଥ ଦଣ୍ଡପାଟ, ନରସିଂହ ବାରିକ ପ୍ରମୁଖ ସଂସ୍ଥାର ବରିଷ୍ଠ ସଦସ୍ୟ ତଥା ପ୍ରଖ୍ୟାତ ଚିତ୍ରଶିଳ୍ପୀ ସୌର ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗୀଙ୍କ କଳାକୃତିକୁ ଆକଳନ କରିଥିଲେ।

ଏହି ପ୍ରତିଯୋଗିତାର ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନର ସୁନନ୍ଦନ ବୃତ୍ତି ଯୋଜନାର ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ କରାଯିବ ବୋଲି ସଂସ୍ଥାର ସମ୍ପାଦକ ଅରୁଣ ପାତ୍ର ପ୍ରକାଶ କରିଥିଲେ। ସଭାପତି ଶାନ୍ତନୁ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦସ୍ୟ ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତୋଷ ଦାଶ, ନନ୍ଦଲାଲ ମିଶ୍ର, ଚକ୍ରଧର ମହାପାତ୍ର, ସୁଧାଂଶୁ ଚକ୍ର, ମାନସ ଦାଶ, ତପନ ପଟ୍ଟନାୟକ, ଜୟନ୍ତ ସେନାପତି, କାମିନୀ କାନ୍ତ ମାଲାକାର, ଶମ୍ଭୁଦୟାଲ ଖଣ୍ଡେଲୱାଲ, ବିନୋଦ ସାହୁ, ଗଣେଶ ମହାପାତ୍ର, ଦେବାନନ୍ଦ ଜେନା, ଅଶ୍ୱିନୀ ବ୍ରହ୍ମା, ରଞ୍ଜନ ଗଡ଼ନାୟକ, ଅନୀଲ ପଣ୍ଡା, ବଳରାମ ଭଦ୍ର, ସଂଜୀବ ପଟ୍ଟନାୟକ ତଥା ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡ୍ରିମ୍‌ସରେ ସ୍ୱାଗତ ଉତ୍ସବ ଆଗମ୍ୟ-୨୦୨୬

## ସାଧନା ବଳରେ ସଫଳ ଭବିଷ୍ୟତ ଗଢ଼

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଆଗମ୍ୟ-୨୦୨୬ ଜୟଶ୍ରୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍ ପିଟାଲର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉତ୍ସବ ଉଦଘାଟନ କରି ନବାଗତ ବିଦ୍ୟାର୍ଥୀ ଓ ଅଭିଭାବକୁ ସ୍ୱପ୍ନ ଓ ସାଧନାର ଶିକ୍ଷାନୁଷ୍ଠାନ ଭାବରେ ଡ୍ରିମ୍‌ସକୁ ଚୟନ କରିବା ସ୍ୱାଗତଯୋଗ୍ୟ ବୋଲି ଉଲ୍ଲେଖକରି ସାଧନା ବଳରେ ସଫଳ ଭବିଷ୍ୟତ ଗଢିବାକୁ ଦିଗଦର୍ଶନ ଦେଇଥିଲେ ।

ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରଛାତ୍ରୀମାନେ ଭଲ ମଣିଷ ହୋଇ ସମାଜ ଓ ଦେଶର ଗୋର୍ୟରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ବୋର୍ଡ ଅଫ ଗଭର୍ଣ୍ଣର




ସଦସ୍ୟ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଉପ କୁଳ ସଚିବ ଶିଶିର କୁମାର ସାହୁ, ନିର୍ଦ୍ଦେଶିକା ପ୍ରଫେସର ଡା. ନିରୁପମା ଚୟନୀ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଅତିଥି ପରିଚୟ ଓ ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସଫଳତାର ସହ ଶିକ୍ଷା ସମାପ୍ତ କରି ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥା ଓ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନରେ କର୍ମ ନିୟୋଜନ ସୁଯୋଗ ପାଇଥିବା ଛାତ୍ରଛାତ୍ରୀଙ୍କୁ ଅଧକ୍ଷ ଡ. ରଥ ନିଯୁକ୍ତିପତ୍ର ପ୍ରଦାନ କରି ବ୍ରାଣ୍ଡ ଆମ୍ବାସଡର୍‌ର ପରିଚୟ ନେଇ ସେମାନେ ଶିକ୍ଷାନୁଷ୍ଠାନର ସୁନାମ ବୃଦ୍ଧି କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀମାନେ ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷାନୁଷ୍ଠାନର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମ ଯୋଗଦେଇଥିଲେ ।

### ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହାର

## ଗଞ୍ଜାମ ଜିଲା ଶୀର୍ଷରେ, ବାଲେଶ୍ୱର ପଛରେ

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶାର ୨୦୨୫ ବର୍ଷ ପାଇଁ ଅପରାଧିକ ମାମଲାର ଫଇସଲା ଏବଂ ଦୋଷୀ ସାବ୍ୟସ୍ତ ହାରରେ ଗଞ୍ଜାମ ଜିଲା ପ୍ରଥମ ସ୍ଥାନରେ ରହିଛି । ଏହି ଜିଲାରେ ୨୦୨୫ରେ ମୋଟ ୧୬୧୫ ଟି ଅପରାଧିକ ମାମଲାର ବିଚାରଣ ହୋଇଥିବା ବେଳେ ସେଥିରୁ ୧୦୪୯ଟି ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଯାହା ମୋଟ ମାମଲାର ୬୪.୯୫% । ସେହିପରି ରାଜ୍ୟରେ ଦୋଷୀସାବ୍ୟସ୍ତ ହାରରେ ଗଞ୍ଜାମ ପଛକୁ ଖୋର୍ଦ୍ଧା (୩୯.୭୬%) ଏବଂ କେନ୍ଦୁଝର (୩୪.୮୧%) ଜିଲା ରହିଛନ୍ତି । ସବୁଠୁ ପଛରେ ରହିଛି ବାଲେଶ୍ୱର ଜିଲା । ବାଲେଶ୍ୱରରେ ୨୦୨୫ରେ ମୋଟ ୧୪୦୧୬ଟି ଅପରାଧିକ ମାମଲା ବିଚାରଣ କରାଯାଇଥିବା ବେଳେ ସେଥିରୁ ମାତ୍ର ୩୦ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇପାରିଛି । ଏଠାରେ ସଫଳତା ହାର ମାତ୍ର ୦.୨୧% । ଯାହା ରାଜ୍ୟରେ ସବୁଠାରୁ କମ୍ । ସେହିପରି ଭଦ୍ରକ (୦.୮୦%) ଏବଂ କନ୍ଧମାଳ (୧.୧୨%) ଜିଲାରେ ମଧ୍ୟ ସ୍ଥିତି ନୈରାଶ୍ୟଜନକ ରହିଛି । ୨୦୨୫ରେ ସାମଗ୍ରିକ ଭାବେ ରାଜ୍ୟର ଦୋଷୀ ସାବ୍ୟସ୍ତ ହାର ମାତ୍ର ୭ ପ୍ରତିଶତ ରହିଥିବା ତଥ୍ୟ କହୁଛି । ରାଜ୍ୟରେ ମୋଟ ୯୪,୫୫୧ ମାମଲାର ବିଚାର ଶେଷ ହୋଇଥିବା ବେଳେ ସେଥିମଧ୍ୟରୁ ମାତ୍ର ୬,୬୨୪ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ରାଜ୍ୟର କିଛି ନିର୍ଦ୍ଦିଷ୍ଟ ଜିଲାରେ ନୂତନ ଆଇନ ବିଏନଏସ ଲାଗୁ ହେବା ପରେ ପୋଲିସ ଏବଂ ପ୍ରସିକ୍ୟୁସନ ମାମଲା ପରିଚାଳନାରେ ଦକ୍ଷତା ପ୍ରଦର୍ଶନ କରିଥିବା ବେଳେ ଅନେକ ଜିଲାରେ ପ୍ରମାଣ ଅଭାବ ଏବଂ ବିଭିନ୍ନ କାରଣରୁ ଦୋଷୀ ସାବ୍ୟସ୍ତ ହାର ଅତି ନଗଣ୍ୟ ରହିଛି ।

### ଭୁଲ୍ କାହାର, ଭୋଗୁଛି କିଏ ?

## ଚିତ୍ର ପାଲଟି ପ୍ରଶ୍ନର ଉତ୍ତର ଖୋଜୁଛି ମୃତ ନବଜାତ ଶିଶୁ

ବ୍ରହ୍ମପୁର, (ସବ୍ୟୁ): ଦଶମାସ ଗର୍ଭରେ ଧରି ଜନ୍ମଦେବା ପରେ ବନ୍ଧ ଭିତରେ ଫିଙ୍ଗିଦେଲା ନବଜାତ ଶିଶୁକୁ । ଏକଥା ଆମେ କହୁନୁ ପାଣିରେ ଭାସୁଥିବା ନବଜାତ ଶିଶୁର ଚିତ୍ର କହୁଛି । ଏମିତି ଘଟଣା ଧରାକୋଟ ବ୍ଲକର ମାଣିକ୍ୟପୁର ପଞ୍ଚାୟତର ଢଉପଦା ଗ୍ରାମରେ ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମାଣିକପୁର ପଞ୍ଚାୟତ ଅନ୍ତର୍ଗତ ଢ଼ଉପଦା ଗ୍ରାମ ହରିଜନ ସାହି ନିକଟରେ ।

ରବିବାର ସକାଳୁ ଶୌଚ ପାଇଁ କିଛି ଲୋକ ପୋଖରୀକୁ ଯିବାବେଳେ ନବଜାତ ଶିଶୁର ମୃତ ଦେହ ପୋଖରୀରେ ଭାସୁଥିବା ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ସମସ୍ତଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଥିଲା । ଏଭଳି କର୍ମ କରିବା ମହିଳା କିଏ । ଯେଉଁ ଶିଶୁଟିକୁ ଜନ୍ମ ଦେଇ ପୋଖରୀରେ ଫିଙ୍ଗି ବା କାରଣ କଣ ଓ କାହିଁକି ? ନବଜାତ ଶିଶୁଟି ପ୍ରକୃତରେ ପୁଅ ନା ଝିଅ ସ୍ୱଷ୍ଟ ହୋଇନଥିଲେ ମଧ୍ୟ ଜନ୍ମ ଦେଇଥିବା ମା ଉପରେ ବହୁତ ପ୍ରଶ୍ନ ସୃଷ୍ଟି କରୁଛି । ଯଦି ଓ ମା, ବାପାର ଭୁଲ ନବଜାତ ଶିଶୁ କାହିଁକି ବଳି ପଡିଲା । କେତେ ନିଷ୍ଠୁର ମା କୁଆଁ କୁଆଁ କାନ୍ଦ କଣ ମା' ର କାନକୁ ସୁଭୁ ନଥିଲା । ପାଷାଣ ନା ପିଚାଷି ପାଲଟି ଗଲା ମା । ଏହାର ଚିତ୍ର ଘୁରି ବୁଲିବା ପରେ ଲୋକେ ସେହିଜାଗା କୁ ଦେଖିବା ପାଇଁ ଗଲା ବେଳେ ସେଠାରେ ନବଜାତ ଶିଶୁର ଶବ ନଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢିଥିଲା । ନବଜାତ ଶିଶୁଟି ସଂସାର ଦେଖିବା, ଠିକଣା, ପରିଚୟ ଦେବାକୁ ଚାହୁଁ ନଥିଲା ପିଚାଷି ମା । ସବୁଠାରୁ ବଡପ୍ରଶ୍ନ ଅଙ୍ଗନବାଡି, ଆଶାକର୍ମୀ ଠାରୁ ଆରମ୍ଭ କରି ଶିଶୁ ମଙ୍ଗଳ ଅଧିକାରୀ ମାନେ ଅବଗତ ଥଲେ କି ନାହିଁ ? ଯଦି ଓ ଥିଲେ ମାଡିକାଲ ସୁବିଧା, ପୁଷ୍ଟିକର ଖାଦ୍ୟ ମାସକୁ ମାସ ଏ.ଏନ.ଏମ ଦିଦିଙ୍କ ଚିକିତ୍ସା ପାଉଥିଲେ ନା ଗୁପ୍ତ ଥିଲା । ଅବଶ୍ୟ ନିରୀହ ନବଜାତ ଶିଶୁଟି ସବୁଦିନ ପାଇଁ ଚାଲିଗଲା । ଯାହା ଦୁନିଆରେ ସବୁ ମା' ଙ୍କ ମମତାକୁ କୁଠାର ଘାତ କରୁଛି ।

## ଏମକେସିଜିର ୯ ସୁପର ସ୍ପେସିଆଲଟି ବିଭାଗ ଡାକ୍ତରଙ୍କ ତାଲିକା ମାଗିଲେ ସରକାର

ବ୍ରହ୍ମପୁର, (ସବ୍ୟୁ) : ଚଳିତମାସ ଠାରୁ ରାଜ୍ୟରେ ପୁଣି ଥରେ ଆରମ୍ଭ ହେବାକୁ ଯାଉଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା । ସେହିକ୍ରମରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି )ମେଡିକାଲ କଲେଜ ଓ ହସପିଟାଲରେ ଥିବା ୯ଟି ସୁପରସ୍ପେସିଆଲଟି ବିଭାଗରେ କେତେ ଜଣ ଡାକ୍ତର ରହିଛନ୍ତି ତାହାର ତାଲିକା ପ୍ରଦାନ କରିବାକୁ ଡିଏମଇଟିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ହୋଇଛି । ଏହି ସୁପରସ୍ପେସିଆଲଟି ବିଭାଗ ଗୁଡ଼ିକରେ କେତେ ଜଣ ଲେଖାଏଁ ରେସିଡେଣ୍ଟ ଡାକ୍ତର ରହିଛନ୍ତି ଏବଂ କେତେ ଜଣ ଫାକଲଫି ରହିଛନ୍ତି ତାହା ଜଣାଇବାକୁ କୁହାଯାଇଛି । ବାୟୁ ସ୍ୱାସ୍ଥ୍ୟସେବା ଯୋଜନା ଅଧିନରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସପିଟାଲର ସୁପରସ୍ପେସାଲଟି ବିଭାଗରେ କାର୍ଯ୍ୟରତ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଗଠିତ ଟିମ ଫ୍ଲାଇଟରେ ମାଲକାନଗିରି, ନୂଆପଡା, ନବରଙ୍ଗପୁର ଭଳି ଜିଲାକୁ ନିର୍ଦ୍ଧାରିତ ଦିନରେ ଯାଇ ସେଠାକାର ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ତେବେ ଡିଏମଇଟିଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ଏମକେସିଜି ଅଧକ୍ଷା ତଥା ଡିନୟୁରୋଲାଜି, କାର୍ଡିଓଲୋଜି, ନେଫ୍ରୋଲୋଜି, ନ୍ୟୁରୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି, ସର୍ଜରୀ, ନିଓ୍ୱଟକ, ଏଣ୍ଡୋକ୍ରାଇନଲୋଜି ଭଳି ୯ଟି ସୁପରସ୍ପେସିଆଲଟି ବିଭାଗର ମୁଖ୍ୟଙ୍କୁ ଚିଠି ଲେଖି ତାଲିକା ପ୍ରସ୍ତୁତ କରିବାକୁ କହିଛନ୍ତି । ଏମକେସିଜିରେ କିଛି ସୁପରସ୍ପେସିଆଲଟି ବିଭାଗରେ ଏମସିଏଚ ପାଠ୍ୟକ୍ରମ ରହିଥିବା ବେଳେ ଏଣ୍ଡୋକ୍ରାଇନଲୋଜି ଭଳି ବିଭାଗରେ ଡିଏମ ପାଠ୍ୟକ୍ରମ ରହିଛି । ପ୍ରତ୍ୟେକ ଦିନ ଶହଶହ ରୋଗୀ ଏହି ସୁପରସ୍ପେସିଆଲଟି ବିଭାଗରୁ ଚିକିତ୍ସା ସେବା ପାଉଛନ୍ତି ।ଯଦି ଏଠାକାର ଡାକ୍ତର ବାୟୁ ସ୍ୱାସ୍ଥ୍ୟସେବାରେ ସାମିଲ ହେବେ ତେବେ ଏମକେସିଜିରେ ରୋଗୀ ସେବା ପ୍ରଭାବିତ ହେବାର ଆଶଙ୍କା ରହିଥିବା ଆଲୋଚନା ହେଉଛି ।

## କବି ଲେଖକ ମାନେ ହିଁ ଭାଷା, ସାହିତ୍ୟ ଓ ଅସ୍ମିତାର ଅଗ୍ରଦୂତ




ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ବୈଶାଖୀ ସାହିତ୍ୟ ଆସର ଅବସରରେ କବି ଲେଖକ ମାନେ ହିଁ ଆମ ଭାଷା ସାହିତ୍ୟ ଓ ଅସ୍ମିତାର ଯଥାର୍ଥରେ ଉତ୍ତର ଦାୟାଦ ଓ ଅଗ୍ରଦୂତ ଏବଂ ସେମାନଙ୍କ ନିଷ୍ଠାପର ସାରସ୍ୱତ ସାଧନା ଭାଷା, ସାହିତ୍ୟ, କଳା, ସଂସ୍କୃତି ସର୍ବୋପରି ଆମ ସମାଜକୁ ମାର୍ଜିତ ଓ ସମୃଦ୍ଧ କରିଥାଏ ବୋଲି ମଞ୍ଚାସୀନ ଅତିଥି ମତବ୍ୟକ୍ତ କରିଥିଲେ ।

ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର କବି ଶିକ୍ଷାବିତ ଅବସରପ୍ରାପ୍ତ ଅଧକ୍ଷ ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ହାରିତସ ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଆରତୀ ଶତପଥୀ ଏବଂ ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସିନ୍ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫୋଟୋ ଚିତ୍ର ସମ୍ମୁଖରେ ଧୂପ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ।

ପଣ୍ଡିତ ଚନ୍ଦ୍ର ଶେଖର ମହାପାତ୍ର ମନ୍ତ୍ର ପାଠ କରିବା ସହ କବୟିତ୍ରୀ ମନୋରମା ଦାଶଙ୍କ ରଚିତ ଭଜନ ପରିବେଷଣ କରିଥିଲେ । ସାଧାରଣ ସମ୍ପାଦକ ଶ୍ରୀ ପଲ୍ଲବ ଅତିଥି ଆବାହନ କରି ଆଲୋଚନା ପ୍ରସଙ୍ଗରେ ସୂଚନା ପ୍ରଦାନ କରିଥିଲେ ।

### ଗଂଜାମ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ

## ଭାଲିଡେସନ ଆକ୍ଟ ପ୍ରତ୍ୟାହାର, ୧୦ ଦଫା ଦାବି ପୂରଣ ନେଇ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ଠାରେ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଙ୍ଘର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଡି.ମୋହନ ରାଓ ଅଧକ୍ଷତା କରିଥିଲେ । ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର ମହାସଙ୍ଘ ଡ଼ାକରାରେ ସର୍ବଭାରତୀୟ ସମସ୍ତ ବ୍ଲକଠାରୁ ଜିଲ୍ଲା ସ୍ଥରରେ ଭାଲିଡେଶନ ଆକ୍ଟ ପ୍ରତ୍ୟାହାର ସହ ଦଶଦଫା ଦାବୀ ପୂରଣ ପାଇଁ ଜାତୀୟ ଦାବୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

ଗଂଜାମ ଜିଲ୍ଲାର ସମସ୍ତ ବ୍ଲକ ପକ୍ଷରୁ ଏହି ଦାବୀ ଦିବସ ପାଳନ କରିବାପାଇଁ ସମସ୍ତ ପଦକ୍ଷେପ ନିଆଯାଇଥିବା ଓ ଜିଲ୍ଲା ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ନିକଟରେ ୨୧ ତାରିଖ ଦିନ ୧୧ ଘଣ୍ଟା ସମୟରେ ୩୦୦ ପେନସନର ଏକତ୍ରିତ ହୋଇ ବିକ୍ଷୋଭ କରାଯିବ ଓ ଭାରତର ସମ୍ମାନନୀୟ ପ୍ରଧନ ମନ୍ତ୍ରୀଙ୍କୁ ଭାଲିଡେଶନ ଆକ୍ଟ ପ୍ରତ୍ୟାହାର ସହ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ ।

ସେହିପରି ଜିଲ୍ଲାର ବ୍ରହ୍ମପୁର, ଛତ୍ରପୁର, ଗଂଜାମ, ପାତ୍ରପୁର, ଚିକିଟି, ଦିଗପହଣ୍ଡି, ହିଞ୍ଜିଲିକାଟୁ, ରଙ୍ଗେଇଲୁଣ୍ଡ, ବେଳଗୁଣ୍ଠା ଆଦି ୨୨ ଟି ବ୍ଲକର ବି.ଡି.ଓ.ଙ୍କ ମାଧ୍ୟମରେ ବ୍ଲକ ସଂଗଠନମାନେ ଶୋଭାଯାତ୍ରା, ବିକ୍ଷୋଭମାନ କରି ଦାବୀପତ୍ର ପ୍ରଦାନ କରିବେ । ରାଜ୍ୟ ସଙ୍ଗଠନର ଉପଦେଷ୍ଟା କେ.ନନ୍ଦେଷୁ ସେନାପତି, ଯୁଗ୍ମସମ୍ପାଦକ ମହର୍ଷି ସିଂହ, କୋଷାଧକ୍ଷ ନିରାକାର ସାବତ, ସହ ସମ୍ପାଦକ ଡି.ଗୁରୁ ମୂର୍ତିପାତ୍ର, ରାଙ୍ଗା ପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ନାରାୟଣ ପାଣିଗ୍ରାହୀ, କୁମୁଦ ଚନ୍ଦ୍ର ବେହେରା, ନରସିଂହ ବେହେରା ସର୍ବଭାରତୀୟ ଦାବୀ ଦିବସ ପାଳନର ସାର୍ଥକତା ପାଇଁ ବକ୍ତବ୍ୟ ରଖିଥିଲେ । ପେଟପାଟଣା ଦାବୀ ପାଇଁ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ କହିଥିଲେ । ଦେବରାଜ କୋଠିଆ, ଡି.ଶ୍ରୀନିବାସ ରାଓ, ରାଧାକୃଷ୍ଣ ପଣ୍ଡା, ସୋମନାଥ ପ୍ରଧାନ, ସୀମାଞ୍ଚଳ ପ୍ରଧାନ, କେ.ବିଜୟ ଚନ୍ଦ୍ର ଦାସ, ଖଲ୍ଲି ଜାନୀ, କେଲୁ ଚରଣ ଡାକୁଆ, ପ୍ରଫୁଲ୍ଲ ଚନ୍ଦ୍ର ପାଲି, ବୃନ୍ଦବାନ ବାରିକ, ପଦ୍ମ ଚରଣ ପରିଡା, ରହିମ ଖାଁ, ଡି.ଦଣ୍ଡପାଣି ରେଡ୍ଡୀ ଯୋଗ ଦେଇଥିଲେ ।

## ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନ ପକ୍ଷରୁ ବିଦାୟ ଉତ୍ସବ

ବୁଗୁଡ଼ା ,(ସବ୍ୟୁ): : ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଉପାଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅକ୍ଷୟ କୁମାର ସାହୁ, ଅଧ୍ୟାପକ ବିନୋଦ କୁମାର କର, ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ, ଆଡମିନିଷ୍ଟ୍ରେସନ ବରସର ଡ.ପ୍ରଦୀପ କୁମାର ଦାଶ, ଅଧ୍ୟାପକ ଦିନେଶ ଚୌଧୁରୀ, କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ସାଙ୍ଗକୁ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । ଏ ଅବସରରେ ଶେଷ ବର୍ଷର ବିଦାୟୀ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଧ୍ୟୟନ କାଳର ସ୍ମୃତି ଓ ଅନୁଭୂତିକୁ ବ୍ୟକ୍ତ କରିଥିଲେ ଏବଂ ସେମାନଙ୍କୁ ବିଭାଗ ପକ୍ଷରୁ ଉପହାର ପ୍ରଦାନ କରିଯାଇଥିଲା । ପରିଶେଷରେ ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ପୋଲିସ କବଜାରେ ଦୁଇ ବେଆଇନ ଗୋ-ଚାଲାଣକାରୀ

## ଗାଈ ଗାଡି ଜବତ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ଗାଁ ଛକରେ ଗତକାଲି ବିଳମ୍ବିତ ରାତିରେ ପେଟ୍ରୋଲିଂ ସମୟରେ ପୋଲିସ କବଜାରେ ଦୁଇ ଜଣ ବେଆଇନ ଗୋଚାଲାଣକାରୀ ପଡିଥିବା ବେଳେ ଦୁଇଟି ଗାଈ ସହ ଟାଟା-ଏସି ଗାଡି ଜବତ ହୋଇଥିବା ଜଣାଯାଇଛି । ଗିରଫ ହୋଇଥିବା ଦୁଇ ଗୋଚାଲାଣକାରୀ ହେଲେ ମକରାପଲ୍ଲୀ ଗ୍ରାମର ଭୀମସେନ ନାଇକ (୨୮) ଓ ବିଷ୍ଣୁ ନାଇକ (୨୭) । ଏନେଇ ପୋଲିସ ଏଏସଆଇ ରାଜକୁମାର ମହାପାତ୍ରଙ୍କ ଅଭିଯୋଗ କ୍ରମେ କେସ୍ ନଂ ୧୯୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ ଶନିବାର ବିଳମ୍ବିତ ରାତିରେ ମକରାପଲ୍ଲୀ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ବେଆଇନ ଗୋଚାଲାଣ ହେଉଥିଲା । ପେଟ୍ରୋଲିଂ ସମୟରେ ଗାଈ ବୋଝେଇ ଗାଡି(ନଂ-ଓଡି-୦୨-ଏଏର୍- ୭୩୬୮)ଟି ବିରଞ୍ଚିପୁର ଛକରେ ପୋଲିସ କବଜାରେ ପଡିଥିଲା । ପୋଲିସ ଗାଡି ଓ ଗାଈ ଦୁଇଟିକୁ ଜବତ କରିବା ସହ ଗୋଚାଲାଣକାରୀ ଦୁହିଁଙ୍କୁ ଗିରଫ କରିଥିଲା । ପୋଲିସ ଜବତ ଗାଈ ଦୁଇଟିକୁ କରଚୁଲି ଗ୍ରାମସ୍ଥ ଗୋଶାଳାକୁ ପଠାଇଥିବାବେଳେ ଘଟଣାର ତଦନ୍ତ ଦାୟିତ୍ୱରେ ଏସ୍ଆଇ ଜ୍ୟୋତିଶ୍ରୀ ସାହୁ ରହିଥିବା ଜଣାଯାଇଛି ।



## ଜଳ ଭଣ୍ଡାରରେ ବୁଡ଼ି ଦୁଇ କଲେଜ ଛାତ୍ରଙ୍କ ମୃତ୍ୟୁ

ଭଂଜନଗର, (ସବ୍ୟୁ): ଭଞ୍ଜନଗର ଜଳଭଣ୍ଡାରରେ ଗାଧୋଇବା ସମୟରେ ପାଣିରେ ବୁଡି ଦୁଇ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି । ରବିବାର ଅପରାହ୍ନରେ ନିକଟସ୍ଥ ଲାଲସିଙ୍ଗି ଗ୍ରାମର କାହ୍ନୁ ପ୍ରଧାନ ଏବଂ ଆଶୁତୋଷ ଭୂୟାଁ ଏବଂ ତାଙ୍କର କିଛି ସାଙ୍ଗ ଭଞ୍ଜନଗର ଜଳଭଣ୍ଡାରକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ସମୟରେ ଦୁଇଜଣ ଗଭୀର ପାଣି ଭିତରକୁ ପଳାଇଥିଲେ । କେହି କିଛି ଭାବିବା ଆଗରୁ ଆଶୁତୋଷ ଏବଂ କାହ୍ନା ଗଭୀର ପାଣିରେ ବୁଡି ଯାଇଥିଲେ । ଅନ୍ୟ ସାଙ୍ଗ ମାନେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ । ହେଲେ ବିଫଳ ହୋଇଥିଲେ । ପରେ ପୋଲିସ ଏବଂ ଅଗ୍ନିଶମ ବାହିନୀର ସହଯୋଗରେ ଦୁଇ ଜଣଙ୍କୁ ଉଧାର କରି ଭଂଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ମେଡିକାଲ ପରିବେଶରେ ଶୋକାକୁଳ ପରିବେଶ ହୋଇଯାଇଛି ।

## ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚମ୍ପିଆନସିପ୍‌ରେ ମୟୂରଭଞ୍ଜ ପୋଲିସ ଦଳ

ବାରିପଦା, (ସବ୍ୟୁ) : ବାଲେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ୭୮ତମ ରାଜ୍ୟସ୍ତରୀୟ ଭଲିବଲ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ପୋଲିସ ଦଳ ଘୋଷିତ ହୋଇଯାଇଛି। ଦଳରେ ହରିହର ମଲ୍ଲିକ, ଅଧିନାୟକଙ୍କ ସମେତ ନିରଞ୍ଜନ ନାଏକ, ଆଶିଷ କୁମାର ସେଠି, ଲକ୍ଷ୍ମୀ ନାରାୟଣ ସାହୁ, ଚନ୍ଦ୍ର ବିନ୍ଧୁ ସେଠି, ମିଲୁ ମହାନ୍ତ, ବିକାଶ ଗିରି, ଅଂଶୁମାନ ପଣ୍ଡା, ଜଗତ ଜୀବନ ସେଠି, ସ୍ନେହାଶିଷ ମହାନ୍ତି, ଅଞ୍ଜନ ବେହେରା, ଜନ୍ମେଜୟ ଦାସ ପ୍ରମୁଖ ସ୍ଥାନ ପାଇଛନ୍ତି। ରାଜେଶ ଦାସ କୋଚ ଓ କେ ବିଶ୍ୱନାଥ ରାଓ ଟିମ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିବେ। ଏନ୍ଏଇଏସ କୋଚ ମନୋରଞ୍ଜନ ଜୀଉ, ପୋଲିସ ଆଲୋକ କୁମାର କାନୁନଗୋ, ସାରଜେଣ୍ଟ ଗୌତମ ପ୍ରଧାନ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ମୟୂରଭଞ୍ଜ ପୋଲିସ ସଙ୍ଘ ସମ୍ପାଦକ ସ୍ୱରାଜ କୁମାର ରାଜ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ସଫଳତା କାମନା କରିଥିଲେ।



### ଜଳ ସେଚନ ବିଭାଗର ରାସ୍ତା ଦୁର୍ନୀତି

# ଅକ୍ଷୟ ତୃତୀୟାରୁ ଗ୍ରାମବାସୀଙ୍କ ଆମରଣ ଅନଶନ

ପଟ୍ଟାମୁଣ୍ଡାଇ, (ସବ୍ୟୁ): ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗ ଦ୍ୱାରା ନିର୍ମାଣ କରା ଯାଇଥିବା ଏକ ରାସ୍ତା କାର୍ଯ୍ୟରେ ହୋଇଥିବା ଦୁର୍ନୀତିରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ ଉକ୍ତ କାର୍ଯ୍ୟର ତଥ୍ୟ ପ୍ରଦାନ ଦାବିରେ ଅକ୍ଷୟ ତୃତୀୟା ଠାରୁ ଆମରଣ ଅନଶନରେ ବସିବାକୁ ଗ୍ରାମବାସୀ ଜଣାଇ ଛନ୍ତି । ସୂଚନା ଅନୁସାରେ ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗର ୧୬ ନଂ ଡିସଟ୍ରିବ୍ୟୁଟରୀ କେନାଲ ବାମ ପାଶ୍ୱର୍ ସେବା ବନ୍ଧରେ ଶାସନ ଗ୍ରାମ ପଞ୍ଚାୟତର ବାତ୍ୟା କଲୋନୀ ନିକଟରେ ଏକ ମୋରମ ରାସ୍ତା କାମ କିଛି ଦିନ ପୂର୍ବରୁ ଆରମ୍ଭ ହୋଇ ଥିଲା । ରାସ୍ତା କାମ ଆରମ୍ଭରୁ ସୂଚନା ଫଳକ ନଲଗାଇ ଠିକାଦାର ଅତ୍ୟନ୍ତ ନିମ୍ନ ମାନର କାମ କରୁଥିବା ଏବଂ ରାସ୍ତାର ବର୍ମ ଏରିଆ ବିଲକୁଲ ତିଆରି କରା ଯାଇ ନଥିବାର ଅଭିଯୋଗ କରି ଗ୍ରାମବାସୀ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ,ଉପରିସ୍ଥ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ । ଗ୍ରାମବାସୀ ବାରମ୍ବାର ମାଗିବା ସେ%୦ବି ପ୍ରକଳ୍ପର ଏଷ୍ଟିଫିମେଟ ବିଭାଗୀୟ ଅଧିକାରୀ ଦେଇ ନଥିଲେ ।

ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ କାମ କିଛି ଦିନ ପାଇଁ ବନ୍ଦକରି ଠିକାଦାର ଚାଲି ଯାଇଥିଲେ । କିନ୍ତୁ କିଛି ଦିନ ପରେ ଠିକାଦାର ହଠାତ ଗୋଟିଏ ଦିନରେ ସେହି ଅର୍ଦ୍ଧ ନିର୍ମିତ ରାସ୍ତାକୁ ପାଣି ଢାଳି ରୋଲିଙ୍ଗ କରି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରି ସୂଚନା ଫଳକ ଲଗାଇ ଚାଲି ଯାଇଥିଲେ । ସୂଚନା ଫଳକରୁ ୧୬ ନଂ ଡିସଟ୍ରିବ୍ୟୁଟରୀ କେନାଲର ବାମ ପାଶ୍ୱର୍ ସେବାବନ୍ଧ ୩.୦୩ କିମି ଠାରୁ ୩.୬୧୫ କିମି ପର୍ଯ୍ୟନ୍ତ ମାତ୍ର ୬୦୦ମିଟର ରାସ୍ତା ପ୍ରକଳ୍ପର ମୂଲ୍ୟ ୧୯ ଲକ୍ଷ ୬୨ ହଜାର ୫ଶହ ୨୫ଟଙ୍କା ବୋଲି ଜଣା ପଡିଥିଲା । ପଟ୍ଟାମୁଣ୍ଡାଇ ଜଳସେଚନ ବିଭାଗ କାର୍ଯ୍ୟାଳୟ ଦ୍ୱାରା କାର୍ଯ୍ୟରେ ଦୁର୍ନୀତି କରାଯାଇଥିବାର ସନ୍ଦେହ ପ୍ରକଟ ହେବାରୁ ଗ୍ରାମବାସୀ ସୂଚନା ଅଧିକାର ଆଇନ ବଳରେ ରାସ୍ତା ସମ୍ପର୍କିତ ତଥ୍ୟ ପଟ୍ଟାମୁଣ୍ଡାଇ ବିଭାଗୀୟ କାର୍ଯ୍ୟାଳୟକୁ ମାଗିଥିଲେ । ବିଭାଗୀୟ ଜନସୂଚନା ଅଧିକାରୀ ସୂଚନା ଅଧିକାର କର୍ମୀଙ୍କୁ କୌଣସି ତଥ୍ୟ ପ୍ରଦାନ କରିନ ଥିଲେ । ତେଣୁ ସୂଚନା ଅଧିକାର କର୍ମୀ ପ୍ରଥମ ଅପିଲ ଅଧିକାରୀଙ୍କ ନିକଟରେ ତଥ୍ୟ ପ୍ରଦାନ ନିମନ୍ତେ ଅପିଲ କରିଥିଲେ ।

ଧାର୍ଯ୍ୟ ତାରିଖ ପରେ ଦୀର୍ଘ ଦିନ ବିତି ଯାଇଥିଲେବି ପ୍ରଥମ ଅପିଲ ଅଧିକାରୀ ଙ୍କ ତରଫରୁ ସୂଚନା ଅଧିକାର କର୍ମୀଙ୍କୁ କୌଣସି ଉତ୍ତର କିମ୍ବା କୌଣସି ତଥ୍ୟ ବିଭାଗ ତରଫରୁ ବିଭାଗୀୟ ଜନ ସୂଚନା ଅଧିକାରୀ ପ୍ରଦାନ କରି ନଥିଲେ । ବିଭାଗୀୟ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ଜାଣିଶୁଣି ତଥ୍ୟ ପ୍ରଦାନ କରା ଯାଉନଥିବାର ସନ୍ଦେହ ଦୃଢ଼ୀଭୁତ ହେବାରୁ ଗ୍ରାମବାସୀଙ୍କ ତରଫରୁ ତା ୨୦/୦୪/୨୦୨୬ରିଖ ଅକ୍ଷୟ ତୃତୀୟା ଠାରୁ ବିଭାଗୀୟ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବାକୁ ବିଭାଗୀୟକାର୍ଯ୍ୟାଳୟସହିତ ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇ ଥିବା ସୂଚନା ଦେଇଛନ୍ତି ।

# ଚାରିବାଟିଆ ସଂସ୍କୃତ ବିଦ୍ୟାନିକେତନ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର



ମଙ୍ଗଳପୁର,(ସବ୍ୟୁ): ସରକାର ଶିକ୍ଷାର ବିକାଶ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ବିଦ୍ୟାଳୟ ଗୁଡିକର ଭିତ୍ତି ଭୂମିର ବିକାଶ କରିବା ସହ ମଧ୍ୟାହ୍ନ ଭୋଜନ, ସାଇକେଲ ପ୍ରଦାନ, ଛାତ୍ର ବୃତ୍ତି ପ୍ରଦାନ, ମାଗଣା ବହି, ଡ୍ରେସ, ବୁଟ ଆଦି ଯୋଗାଇ ଦେଉଥିବା ବେଳେ କେତେକ ସ୍ଥାନରେ ଏହାର ସଦୁପଯୋଗ ହେଉନଥିବା ନେଇ ଦେଖିବା ପାଇଁ ମିଳିଛି ଏପରି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତସ୍ଥ ରଘୁନାଥ ଜିଉ ସଂସ୍କୃତ ବିଦ୍ୟାନିକେତନ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କ୍ଷେତ୍ରରେ ଏହି ବିଦ୍ୟାଳୟର ଏକ ନୂତନ ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଟେଣ୍ଡର ମାଧ୍ୟମରେ ୧୨ ଲକ୍ଷ ୭୨ ହଜାରେ ୯୧୯ ଟଙ୍କା ୫୭ ପଇସା ଯୋଗାଇ ଦିଆଯାଇ ଥିବାବେଳେ ବର୍ତ୍ତମାନ ଟେଣ୍ଡର ପାଇଥିବା ଠିକାଦାର ଜଣକ ଉକ୍ତ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବା ପାଇଁ ମିଳିଛି ମାତ୍ର କାର୍ଯ୍ୟ ଆରମ୍ଭରୁ ଠିକାଦାର ଜଣକ ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ କରୁଥିବା ନେଇ ଗ୍ରାମବାସୀ ମାନେ ଦେଖିବା ପରେ ଘର ନିର୍ମାଣ କାର୍ଯ୍ୟକୁ ଘୋର ବିରୋଧ କରିବା ସହ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି ଗ୍ରାମବାସୀ ମାନଙ୍କ ଅଭିଯୋଗ ଅନୁଯାଇ ଘରର ପିଲାର ଖୋଳାଯିବା ପରେ ପିଲାର ଢେଇ ପଡିବା ପରେ ପିଲାର ମୂଳରେ ବାଲି ଫିଲିଙ୍ଗ କରିବା ପରିବର୍ତ୍ତେ ଠିକାଦାର ସମ୍ପୂର୍ଣ୍ଣ ମାଟି ଭର୍ତ୍ତି କରିବା ସହ ଘର ଭିତରେ ବାଲି ଫିଲିଙ୍ଗ ନକରି ମାଟି ଭର୍ତ୍ତି କରିଛନ୍ତି ଉକ୍ତ କାର୍ଯ୍ୟରେ ଫଳକ ମରାଯାଇ ନଥିବା ଦେଖିବାକୁ ମିଳିଥିଲିଥିବାବେଳେ ସାଧାରଣ ଲୋକ ଏହି କାର୍ଯ୍ୟର କେତେ ପରିମାଣ ଟଙ୍କା ରହିଛି ଏବଂ କେତେ ଭାଗ ମାପ ଜାଣି ପାରୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଠିକାଦାର ଜଣକ କେଉଁ କାରଣରୁ ଫଳକ ନଲଗାଇ କାର୍ଯ୍ୟ କିପରି କରୁଛନ୍ତି ସାଧାରଣରେ ପ୍ରଶ୍ନ ଉଠିଚି ଘର କାର୍ଯ୍ୟରେ ବ୍ୟବହୃତ ଇଟା ଏତେ ନିମ୍ନ ମାନରଯେ ଯାହା ହାତରେ ଧରିବା କ୍ଷଣି ଭାଙ୍ଗି ଯାଉଛି ସେହିପରି ଇଟା ବ୍ୟବହାର କରି ଠିକାଦାର ଘରର ପ୍ଲିନ୍ଥ ଢ଼ଳେଇ ପକାଇ ଥିବା ବେଳେ ଢେଇ ପ ୨ ଦିନ ପରେ ପ୍ଲିନ୍ଥ ଫାଟି ଯାଇଥିବା ଦେଖିବା ପାଇଁ ମିଳିଥିବାବେଳେ ମାଟିମିଶା ବାଲିରେ କାର୍ଯ୍ୟ କରିବା ସହ ଅତି ନିମ୍ନମାନର ସିମେଣ୍ଟରେ ଘର କାର୍ଯ୍ୟ କରାଯାଉ ଥିବାରୁ ଘରର ପ୍ଲିନ୍ଥ ଫାଟି ଗଲା ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ସେହିପରି ଘରର ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ କାର୍ଯ୍ୟ ସ୍ଥଳକୁ ବ୍ଲକର କନିଷ୍ଠ ଯନ୍ତ୍ରୀ ଆଦୌ ଆସୁନଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଘର କାର୍ଯ୍ୟ ଆରମ୍ଭରୁ ଘରର ପ୍ଲିନ୍ଥ ଫାଟିଯିବାକୁ ନେଇ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନ ବାଚି ସୃଷ୍ଟି ହେବା ସହ ଘରର ସ୍ଥାୟିତ୍ୱ ନେଇ ଆଶଙ୍କା ସୃଷ୍ଟି ହୋଇଛି । ବ୍ଲକର କନିଷ୍ଠ ଯନ୍ତ୍ରୀ ଆଦୌ କାର୍ଯ୍ୟ ସ୍ଥଳକୁ ଯାଉନଥିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ ବ୍ଲକର କନିଷ୍ଠ ଯନ୍ତ୍ରୀ ଶ୍ରୀ ଶତପଥୀଙ୍କୁ ପଚାରିବାରୁ ମୁଁ ଠିକାଦାରଙ୍କୁ ଏଥିନେଇ ପୂର୍ବରୁ ତାଗିଦ କରିଛି ଓ ଜଦି କିଛି ଭୁଲ କରିଥାନ୍ତି ତାହେଲେ ତଦନ୍ତ କରିବା ପରେ ଯାହା ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା କଥା ତାହା କରାଯିବ ବୋଲି କହିଥିଲେ । ତେବେ ଏହି ଘର କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ମାନେ ଦଶରଥପୁର ବ୍ଲକର ବିଡ଼ିଓ ଆକାଶ ପଟ୍ଟନାୟକ ଓ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ଚରଣ ରାଉତ ସମେତ ସମେତ ଚାଷୀ ମହଲରେ ଅସନ୍ତୋଷ ପ୍ରକାସ ପାଉଛି ।

# ଜମ୍ବୁ ମହୋତ୍ସବ ଉଦ୍‌ଯାପିତ




ମହାକାଳପଡ଼ା, (ସବ୍ୟୁ): ଜମ୍ବୁ ଦ୍ୱୀପ ମହୋତ୍ସବ ଉଦଯାପିତ ହୋଇଯାଇଛି । ରବିବାର ଏହାର ଉଦଯାପିତ ସନ୍ଧ୍ୟାରେ ଖଣ୍ଡପଡା ବିଧାୟକ ଙ୍କ ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି, ଏଡିଏମ ରବୀନ୍ଦ୍ର କୁମାର ମଲ୍ଲିକ, ଡ଼ିଏଫଓ ଭରଦ୍ୱାଜ ଗାଁଓକର,ଉପଜିଲ୍ଲାପାଳ ଅରୁଣ ନାୟକ ଓ ତହସିଲଦାର ରବିନାରାୟଣ ଆଚାର୍ଯ୍ୟ,ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ଅଞ୍ଚଳର ଯୁବ ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକଙ୍କ ପ୍ରଚେଷ୍ଟାରେ ପାଞ୍ଚ ଦିନ ଧରି ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣ ରେ ଆୟୋଜିତ ଜମ୍ବୁଦ୍ୱୀପ ମହୋତ୍ସବକୁ ଆମନ୍ତ୍ରିତ ଅତିଥି ଓ ସହଯୋଗୀମାନଙ୍କୁ ଅନ୍ତିମ ସନ୍ଧ୍ୟାରେ ମଂଚାସୀନ ଅତିଥିମାନେ ଧନ୍ୟ ବାଦ ଅର୍ପଣ କରିଥିଲେ । ପରେ ପରେ ଡ଼ିଏଫଓ ଅଭିଭାଷଣ ପ୍ରସଙ୍ଗରେ କହିଥିଲେ ଯେ ସ୍ଥାନୀୟ ଅଞ୍ଚଳରେ ଜୈବ ବିବିଧତାର ବିଭିନ୍ନତା । ସେହିପରି ମୁଖ୍ୟଅତିଥି ପ୍ରସଙ୍ଗ କ୍ରମେ କେନ୍ଦ୍ରାପଡ଼ା ରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ନେଇ ଯୁବ ବିଧାୟକ ଙ୍କ ପ୍ରୟାସକୁ ବେଶ ତାରିଫ କରିଥିଲେ । ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ସ୍ଥାନୀୟ ନେତୃତ୍ୱ ଙ୍କ ମିଳିତ ସହଯୋଗ ରେ ଅନୁଷ୍ଠିତ ପାଞ୍ଚ ଦିନ ର କାର୍ଯ୍ୟକ୍ରମ ରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନଙ୍କ ମଧ୍ୟରେ ପ୍ରଶାନ୍ତ ସେଠି, ଚନ୍ଦ୍ରକାନ୍ତ ସ୍ୱାଇଁ,ମାନସ ମହାନ୍ତି,ପବିତ୍ର ଚୌଧୁରୀ, ରତନ କାଞ୍ଜିଲାଲ, ସରପଞ୍ଚ ପ୍ରସନ୍ନ ବେହେରା ଓ ମିଳନ ଦେବନାଥ, ସମିତି ସଭ୍ୟ କୃଷ୍ଣ ପଦ ମଣ୍ଡଳ, ରଞ୍ଜନ ଚୌଧୁରୀ ଆଦି ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ସଭା ଶେଷରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା

## ବିବି ମଡେଲ ହାଇସ୍କୁଲକୁ ଜିଲ୍ଲାପାଳଙ୍କ ପରିଦର୍ଶନ

ଡେରାବିଶ, (ସବ୍ୟୁ) :ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ଦୋହଳି ସ୍ଥିତ ବନମାଳୀ ବ୍ରହ୍ମଚାରୀ ମଡେଲ ହାଇସ୍କୁଲକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ପରିଦର୍ଶନ କରିଛନ୍ତି। ଶନିବାର ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଆୟାର ବିଦ୍ୟାଳୟରେ ପହଂଚିବା ପରେ ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସ, ଶିକ୍ଷକ ଆଲୋକ କୁମାର ଜେନା, ବିଶ୍ୱଜିତ ଦାଶ, ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ନିମନ୍ତେ ନୂତନ ଭାବେ ନିର୍ମିତ "ବିଦ୍ୟୋଦୟା ଭବନ'କୁ ଉଦଘାଟନ କରିଥିଲେ।

ଏହି ଭବନରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷିତ ହେବା ସହ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ ନିମନ୍ତେ ଗଣିତ, ବିଜ୍ଞାନ, ଜୀବବିଜ୍ଞାନ, ପଦାର୍ଥ ବିଜ୍ଞାନ ସମ୍ପର୍କୀତ କିଟ୍ ଗୁଡ଼ିକୁ ଦେଖିଥିଲେ। ପରେ କିଟ୍ ମଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ କିଭଳି ଶିକ୍ଷାଦାନ କରାଯିବ ସେ ସମ୍ପର୍କରେ ବୁଝିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ପରେ ବିଦ୍ୟାଳୟରେ ଶିକ୍ଷା ସମ୍ପର୍କୀୟ ସରକାରୀ ଯୋଜନା ଉଚିତ୍ ମାର୍ଗରେ ପରିଚାଳନା ହେଉଛି କି ନାହିଁ ଅନୁଧ୍ୟାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିବା ବେଳେ ବିଦ୍ୟାଳୟର କର୍ମଚାରୀ ମଳୟ ରଥ ପରିଚାଳନାରେ ସହଯୋଗ କରିଥିଲେ ।

## ୩ ବର୍ଷ ଧରି ଅକ୍ଷୟ ତୃତୀୟା ପାଳନ ବନ୍ଦ : ଚାଷୀଙ୍କୁ ମିଳୁନି ବିହନ

ନାଉଗାଁ, (ସବ୍ୟୁ): : ଅକ୍ଷୟ ତୃତୀୟା, ଯାହାକି ଚାଷୀମାନଙ୍କ ପାଇଁ ଅତ୍ୟନ୍ତ ପବିତ୍ର ଓ ଗୁରୁତ୍ୱପୂର୍ଣ୍ଣ ଦିନ । ଏହି ଦିନରେ ପାରମ୍ପରିକ ଭାବେ ଅଖି ମୁଠି ଅନୁକୂଳ କରାଯାଇ ଚାଷ କାମର ଶୁଭାରମ୍ଭ ହୁଏ । କିନ୍ତୁ ଦୁଃଖର ବିଷୟ, ନାଉଗାଁ ବ୍ଲକରେ ଗତ ତିନି ବର୍ଷ ଧରି ଏହି ପରମ୍ପରା ପ୍ରାୟ ଅସ୍ତିତ୍ୱହୀନ ହୋଇ ପଡ଼ିଛି । ନାଉଗାଁ ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ ହେବା ସହିତ ଏଠାରେ ପ୍ରାୟ ୭୦ ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରନ୍ତି । ତଥାପି, ଆସନ୍ତା ଏପ୍ରିଲ ୨୦ ତାରିଖରେ ଅକ୍ଷୟ ତୃତୀୟା ଥିବା ସତ୍ତ୍ୱେ ଚାଷୀମାନଙ୍କ ପାଇଁ ଆବଶ୍ୟକ ବିହନ (ବିଜ) ଏପର୍ଯ୍ୟନ୍ତ ଉପଲବ୍ଧ କରାଯାଇନି । ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ନାଉଗାଁ କୃଷି ବିଭାଗ ଓ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଫଳରେ ଅଖି ମୁଠି ଅନୁକୂଳ ଭଳି ପାରମ୍ପରିକ କୃଷି ପରମ୍ପରା ବନ୍ଦହେଉଛି । ଏହାକୁ ନେଇ ଅଞ୍ଚଳର ବିଭିନ୍ନ ଚାଷୀ ଅସନ୍ତୋଷ ପ୍ରକାଶ କରିଥିବା ସହ, ଶୀଘ୍ର ବିହନ ବ୍ୟବସ୍ଥା କରିବା ସହ ଅକ୍ଷୟ ତୃତୀୟାରେ ପାରମ୍ପରିକ କାର୍ଯ୍ୟକ୍ରମ ପାଳନକରିବାକୁ ଦାବି କରିଛନ୍ତି ।

## ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ା ସ୍ଥିତ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟଭାରତୀ ସାଥୀ ସମାଜ ପରିସରରେ ଗତ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦାଘଟିତ ହୋଇଯାଇଛି।

ଜୟଭାରତୀ ସାଥୀ ସମାଜ ଓ ଡେରାବିଶ ପଞ୍ଚାୟତ ସମିତିର ପ୍ରତ୍ୟେକ୍ଷ ତତ୍ୱାବଧାନରେ ସାତ ଦିନ ବ୍ୟପୀ ଅନୁଷ୍ଠିତ ଏହି ଶିବିରକୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା ଆୟୋଜିତ ଏହି ଶିବିରରେ ଡେରାବିଶ ବ୍ଲକର ମଙ୍ଗଳପୁର, ବେଣିପୁର, ମୁକୁନ୍ଦପୁର ପଂଚାୟତର ପାଂଚ ଗୋଟି ଗାଁର ୫୦ ଜଣ ସ୍ୱେଚ୍ଛାସେବୀ ପ୍ରଶିକ୍ଷିତ ହେଉଛନ୍ତି। ଏହି ଶିବିରକୁ ମୁଖ୍ୟଅତିଥି ଅତରିକ୍ତ ଜିଲ୍ଲାପାଳ ନବକୃଷଣ ଜେନା ଉଦଘାଟନ କରିଥିଲେ।

ଏଥିରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ନିତ୍ୟରଞ୍ଜନ ସାମଲ, ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଜୟ କୁମାର ମହାନ୍ତି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଙ୍କିମ ମିତ୍ର, ବାନାମ୍ବର ସାହୁ ଓ ପି ଶ୍ରୀମତୀ ରାଓ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଭୂକମ୍ପ, ସୁନାମୀ, ଓ ଅଗ୍ନିକାଣ୍ଡ ଭଳି ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳମାନ ଶିକ୍ଷାଦାନ କରୁଛନ୍ତି। ଏହି ଶିବିର ଆସନ୍ତା ୨୨ ତାରିଖ ଯାଏ ଚାଲିବ ବୋଲି ଜୟଭାରତୀ ସାଥୀ ସମାଜର ସମ୍ପାଦକ ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂଯୋଜିକା ମନୋରମା ରାଉତ ପରିଚାଳନାରେ ସହଯୋଗ କରୁଛନ୍ତି।

## ମା ଜାଗୁଲେଇ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲିସ୍ଥିତ ଅଳତିରି ଗ୍ରାମର ମା ଜାଗୁଲେଇ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉସିବ ମହାସମାରୋହରେ ପାଳିତ ହେଉଛି। ଶନିବାର ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ଶୋଭାଯାତ୍ର ଆସି ମା ଜାଗୁଲେଇ ପୀଠରେ ପହଂଚିଥିଲା। ଅଙ୍କୁରୋପଣ, ଶୁଭାଧିବାସ, କଳସ ଶୋଭାଯାତ୍ର, ସଢ୍ରିତ୍କନ, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିପୂଜା, ଯଜ୍ଞ କର୍ମ , ପାଶ୍ୱର୍ ଦେବତା ଜୀବନ୍ୟାସ, ନ୍ୟାସାଧିବାସ, ଭଜନ ସନ୍ଧ୍ୟା, ଚଣ୍ଡିପାଠ୍, ବେଦପାଠ ଆଦି କାର୍ଯ୍ୟକ୍ରମ ଚାଲୁ ରହିଛି। ସୋମବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି।

ରଘୁନାଥ ପାଢ଼ୀ, ନନ୍ଦ କିଶୋରୀ ଦାଶ, ରବି ନାରାୟଣ ପଣ୍ଡା ପୂଜକ ଭାବେ ଯୋଗଦେଇଥିବା ବେଳେ କର୍ତ୍ତା ଭାବେ କଳ୍ପତରୁ ମହାପାତ୍ର ଓ ସାବିତ୍ରୀ ମହାପାତ୍ର, ସୁରେନ୍ଦ୍ର ସାହୁ, ମାନସୀ ସାହୁ, ଲାଲ କୃଷ୍ଣ ମଲ୍ଲିକ, ସୁଚିତ୍ର ମଲ୍ଲିକ ପ୍ରମୁଖ ଯୋଗଦାନ କରିଛନ୍ତି। ଜଗଦୀଶ୍ୱର ମଲ୍ଲିକଙ୍କ ସମତେ ଅଳତିରି ଗ୍ରାମବାସୀ ସ ଆଦର୍ଶ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି।

## ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା କୋର୍ଟର ବିଚାରପତି ଅନ୍ନପୂର୍ଣ୍ଣା ନାୟକଙ୍କୁ ଜିଲ୍ଲା ଓକିଲସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଚାରପତି ଅନ୍ନପୂର୍ଣ୍ଣା ନାୟକ କେନ୍ଦ୍ରାପଡାରେ ବିଚାରପତି ଭାବେକାର୍ଯ୍ୟ କରିସୁନାମ ଅର୍ଜନ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ପକ୍ଷରୁ ସଭାପତି ରବି ନାରାୟଣ ମହାନ୍ତି , ସମ୍ପାଦକ ନିହାର ମହାପାତ୍ର, ଉପସଭାପତି ନୃସିଂହ ରାଉତଙ୍କ ସମେତ ହରିପ୍ରସାଦ କର, ସଂଘମିତ୍ରା ମଲ୍ଲିକ, ରାଜୀବ ପାତ୍ର ପ୍ରମୁଖ ଏହି ସମ୍ବର୍ଦ୍ଧନା ସମୟରେ ଉପସ୍ଥିତ ଥିଲେ ।

## ଅଷ୍ଟପ୍ରହରୀ ମଣ୍ଡପର ଶୁଭ ଉଦଘାଟନ ଉତ୍ସବ

ସାଲେପୁର, (ସବ୍ୟୁ): ସାଲେପୁର ବ୍ଲକ ନାନ୍ଦୋଳ ପଂଚାୟତର ଭାତପଡା ଗ୍ରାମରେ ୧୦୦ବର୍ଷ ହେବ ପାଳନ ହେଉଥିବା ଅଷ୍ଟପ୍ରହରୀ ମଣ୍ଡପ ଶନିବାର ଉଦଘାଟିତ ହୋଇଯାଇଛି । ସାଲେପୁର -ଟାଙ୍ଗୀ ବିଜେପି ନେତା ଅରବିନ୍ଦ ରାୟ ଏହି ମଣ୍ଡପକୁ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେପି ବରିଷ୍ଠ ନେତା କୁଞ୍ଜମୋହନ ସେଠୀ, ନାନ୍ଦୋଳ ସମିତିସଭ୍ୟା ବନ୍ଦନା ରାଉତ,ହରେକୃଷ୍ଣ ରାଉତ, ଯଶୋବନ୍ତ ରାଉତ,ରମେଶ ଚନ୍ଦ୍ର ନାୟକ, ଚଇନି ଭୋଇ,ରାମକୃଷ୍ଣ ରାଉତ, ତ୍ରିନାଥ ଭୋଇ,ଆନନ୍ଦ ଭୋଇଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ହୃଦ୍‌ଘାତରେ ପ୍ରଧାନଶିକ୍ଷକଙ୍କ ପରଲୋକ

ନାଉଗାଁ, (ସବ୍ୟୁ) : ନାଉଗାଁ ବ୍ଲକ ଶିଖର ପଂଚାୟତ ନଳାଙ୍ଗ ଗ୍ରାମର ଅଶୋକ କୁମାର ସ୍ୱାଇଁ (୫୩)ଙ୍କର ହୃଦଘାତରେ ବିୟୋଗ ଘଟିଛି । ସେ ତିରୁଣା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ଶନିବାର ସକାଳେ ନିଜ ଘର ଛାତ ଉପରେ ପ୍ରାତଃ ଭ୍ରମଣ କରୁଥିବା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକଙ୍କ ସହାୟତାରେ ପ୍ରଥମେ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ଓ ଚିକିତ୍ସାଳୟ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କର ଗୋଟିଏ ପୁତ୍ର ଓ ଝିଅ ରହିଛନ୍ତି । ସେ ଜଣେ ଛାତ୍ର ବତ୍ସଳ, ମିଷ୍ଟଭାଷୀ ,ମେଳାପୀ ବ୍ୟକ୍ତିତ୍ୱ ଥିଲେ । ତାଙ୍କର ମୃତ୍ୟୁଓ ଖବର ପାଇବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଥିଲା । ମର ଶରୀର ତାଙ୍କ ବାସଭବନରେ ପହଂଚିବା ପରେ ବିଇଓ ଦିଲ୍ଲିପ କୁମାର ବଡପଣ୍ଡା, ସୁଧୀର କୁମାର ବିଶ୍ୱାଳ ,ଶାରଦା ପ୍ରସନ୍ନ ଓଝା, ଆଶୁତୋଷ ପାଢ଼ୀ, ରୁଦ୍ରପ୍ରସାଦ ସ୍ୱାଇଁ, ଚିତରନ ପରିଡ଼ା, ଶରତ ଚନ୍ଦ୍ର ରାଉତ, ବିଭୁତି ଭୂଷଣ ବିଶ୍ୱାଳ, ରଶ୍ମୀରଂଜନ ପୁହାଣ, ପ୍ରତାପ ସ୍ୱାଇଁ, ସୁବୋଧ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପୁତ୍ର ସାଗର ଓ ଝିଅ ଐଶ୍ୱର୍ଯ୍ୟା ମର ଶରୀର ନିକଟରେ ଉପସ୍ଥିତ ରହିଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା ।

## ବିଶ୍ୱ ବିଦ୍ୟାଳୟର ଶିକ୍ଷାର ବିକାଶ ଚରମ ଲକ୍ଷ୍ୟ : କୁଳପତି ଡକ୍ଟର ମହେନ୍ଦ୍ର ମହାନ୍ତି



କୁଆଁପାଳ , (ସବ୍ୟୁ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୁରାତନ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଭଗବତୀ ବିଦ୍ୟାଳୟ , ଶୁକ୍ଳେଶ୍ୱରର ପୂର୍ବତନ ଛାତ୍ର ତଥା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ,ବିଶ୍ୱବିଦ୍ୟାଳୟର ନବ ନିଯୁକ୍ତ କୁଳପତି ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଡକଫର ମହେନ୍ଦ୍ର ମହାନ୍ତିଙ୍କୁ ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ଦ୍ୱାରାସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଗଠନ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ଭିତିଭୂମିର ବିକାଶ ପାଇଁ ପ୍ରଫେସର ଡକଫର ମହାନ୍ତି କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ପୁରାତନ ଛାତ୍ର ସଂଗଠନ ପକ୍ଷରୁ ନୟାପଲ୍ଲୀ ସନ୍ନିକଟ ନୂଆସାହି ଆଖଣ୍ଡଳମଣୀ କଲ୍ୟାଣୀ ମଣ୍ଡପରେ ଆଇନଜିବୀ ସତ୍ୟ ନାରାୟଣ ଦାସଙ୍କ ସଂଯୋଜନା ଓ ପୁରାତନ ଛାତ୍ର ସଂଘର ସଭାପତି ତଥା ଜାତୀୟ ବିଦ୍ୟୁତ୍ ଶକ୍ତି ନିଗମର ପୂର୍ବତନ ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଞ୍ଜିନିୟର ସହଦେବ ଖଟୁଆଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ର ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପେନ୍ଦ୍ର ନାଥ ବେହେରା ଯୋଗଦେଇ ପ୍ରଫେସର ଡକଫର ମହାନ୍ତିଙ୍କୁ ପୁଷ୍ପଗଚ୍ଛ ,ଉତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ବିଶିଷ୍ଟ ଗାନ୍ଧିବାଦୀ ନେତା ଆଇନଜିବୀ ଜୟନ୍ତ ଦାସ , ଅର୍ଥ ବିଭାଗର ପୂର୍ବତନ ବରିଷ୍ଠ ଅଧିକାରୀ ହେମନ୍ତ ପଣ୍ଡା,ସମାଜସେବୀ କୈଳାସ ଚନ୍ଦ୍ର ସ୍ୱାଇଁ ,ଅବସରପ୍ରାପ୍ତ ନୌଠସେନା ଅଧିକାରୀ ଭାରତ ଭୂଷଣ ପଟ୍ଟନାୟକ,ପୁରାତନ ଛାତ୍ର ସଂଘର ସଂପାଦକ ଅରୁଣ କୁମାର ବାରିକ, ଶିକ୍ଷାବିତ ଜ୍ଞାନରଞ୍ଜନ ମହାପାତ୍ର,ଅନନ୍ତ ଗୋପାଳ ପଟ୍ଟନାୟକ,ପୂର୍ଣ୍ଣଚନ୍ଦ୍ର ମହାପାତ୍ର ,ଓପିଟିସିଏଲର ପୂର୍ବତନ ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପ୍ରଧାନ,ପୂର୍ବତନ ଆୟକର ଅଧିକାରୀ ମନ୍ମଥ ରାଉତ ପ୍ରମୁଖ ଅତିଥି ଭାବେ ଉକ୍ତ ସଭାରେ ଯୋଗ ଦେଇଥିଲେ।

### ମରାମତି ହେଉନି ବିଚାରପତିଙ୍କ ସରକାରୀ ବାସଭବନ

କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା ପୌରାଂଚଳ ଅନ୍ତ ର୍ଗତ ଖଡିଅଙ୍ଗଠାରେ ଥିବା ବିଚାରପତିଙ୍କ ସରକାରୀ ବାସଭବନ ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ମରାମତି ହେଉ ନଥିବାରରୁ ଏହି ବାସ ଭବନଟି ଦିନକୁ ଦିନ ନଷ୍ଟ ହେଇ ଯାଉଛି । ସହରରମୁଖ୍ୟ ସ୍ଥାନରେ ଥିବା ମୂଲ୍ୟବାନ ସମ୍ପତିର ରକ୍ଷଣାବେକ୍ଷଣ କରି ବାସଭବନଟିକୁ ରହିବା ଯୋଗ୍ୟ କରିବା ପାଇଁ ଦାବିହେଉଛି ।

## ଗାଗୃତି ସମାଜ ପକ୍ଷରୁ ଜଳଛତ୍ର

ପାଣିକୋଇଲି (ସବ୍ୟୁ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେଁ କୋରେଇ ଜାଗୃତି ସମବାଜ ପକ୍ଷରୁ ପାଣିକୋଇଲି ଜଳଛତ୍ରର ଶୁଭାରମ୍ଭ କରାଯାଇଛି। କାରେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉ"ାଟନ କରିଥିଲେ। ବିଭୂଦତ ମଲ୍ଲିକ, ଜଗବନ୍ଧୁ ଜେନା, ସୁଧାକର ପଣ୍ଡା, ମୁସଲିମ ଖାଁ, ପ୍ରଶାନ୍ତ ମଲିକ, ବିନୋଦ ପଣ୍ଡା, ପୂର୍ଣ୍ଣ ସେଠୀ, ପୁନିଆ ବେହେରା, ଦିଲ୍ଲିପ ବାରିକ, ଅଶୋକ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ

ଭାପୁର ,(ସବ୍ୟୁ): ଭାପୁର ଅଗ୍ନିଶମ ବାହିନୀ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ଗତ ୧୪ ତାରିଖରୁ ଆରମ୍ଭ ହୋଇ ସଓ୍ୱାସ୍ଥ୍ୟକେନ୍ଦ୍ର ତଥା ଜଣାଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ସଚେତନତା କରାଯାଉଛି । ଅଗ୍ନିଶମ କାର୍ଯ୍ୟାଳୟରେ ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି ଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଘାଟନ ହୋଇଥିଲା । ଏହି କାର୍ଯ୍ୟକ୍ରମ ଭାପୁର ସଦର ମହକୁମା ଠାରୁ ୮ କିମି ବ୍ୟାସର୍ଦ୍ଧ ଅଞ୍ଚଳର ଜନଗହଳି ସ୍ଥାନ ତଥା ବିଦ୍ୟାଳୟମାନଙ୍କରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅଗ୍ନିଶମ ଅଧିକାରୀ ଶ୍ରୀ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି ।

## କରଦା ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଜଳଛତ୍ର

ପାଣିକୋଇଲି, (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତ ସପ୍ତାହିକ ହାଟରେ କରଦା ଉନ୍ନୟନ ପରିଷଦ ପକ୍ଷରୁ ଜଳଛତ୍ର ଉ"ାଟିତ ହୋଇଛି। ସାପ୍ତାହିକ ଭାବେ ରବିବାର କରଦା ହାଟ ହୁଏ। ହାଟରେ ଗ୍ରାହକ ଓ ଦୋକାନିଙ୍କୁ ଗ୍ରୀଷ୍ମ ପ୍ରବାହରୁ ଶେଶଷରୁ ମୁକ୍ତି ପାଇଁ ଜଳଛତ୍ର କରାଯାଇଥିଲା।

ପାଣିକୋଇଲି ଥାନାଧିକାରୀ ରଂଜିତ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉ"ାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ରିଷ୍ଟ ସମ୍ବାଦିକ ସୁବାସ ଧଳ, ପ୍ରଦୀପ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତି ହାଟ ପାଳିରେ ଏହି କାର୍ଯ୍ୟ କ୍ରମ ଚାଲୁ ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ନାରାୟଣ ଚନ୍ଦ୍ର ନାୟକ, ସୁଶିଲ କୁମାର ବେହେରା, ଶରତ ଖଣ୍ଡାଇ, ସନ୍ତୋଷ କୁମାର ପଣ୍ଡା, ଭାସ୍କର ଚନ୍ଦ୍ର ସାହୁ ମାର୍କଣ୍ଡ ସାହୁ, ଗଣେଷ ଦାସ, ଫକିର ଚନ୍ଦ୍ର ବାରିକ, ବିଜୟ କୁମାର ସେନାପତି, ବିରଂଚି ନାରାୟଣ ସାହୁ ଧବଳେଶ୍ୱର ପଣ୍ଡା, ଶିବ ପ୍ରସାଦ ମଲିକ, ବୃନ୍ଦାବନ ବେହେରା, ବ୍ରହ୍ମାନନ୍ଦ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ସୁନୀଲ କୁମାର ବେହେରା, ଜିତେନ୍ଦ୍ର ବେହେରା, ଅଭୟ କୁମାର ବେହେରା, ଭଗବାନ ପୃଷ୍ଟି, ସନ୍ତୋଷ କୁମାର ପଣ୍ଡା, ରଂଜନ କୁମାର ସାହୁ, ଜିତେନ୍ଦ୍ର ମାଝୀ, ସଂଜୟ ବେହେରା, ସୁଦାମ ସାହୁ, ଲକ୍ଷ୍ମୀଧର ମଲିକ, ସୁରେନ୍ଦ୍ର ସାହୁ, ମୁରଲି ମଲିକ ନାରଣ ମଲିକ, ଶମ୍ଭୁ ମଲିକ, ଅଭି ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ପୋଷାକ ବଣ୍ଟନ




ରଘୁନାଥପୁର,(ସବ୍ୟୁ): ରାଜ୍ୟ ସରକାରଙ୍କ ଚିଠି ନଂ ୭୪୯/ ଜିଇ/୨୬ ଅନୁଯାୟୀ ଖରା ଛୁଟି ପୂର୍ବରୁ ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସ୍କୁଲ ଡ୍ରେସ ବଣ୍ଟନ ପ୍ରକ୍ରିୟା ଶେଷ ହେବାକୁ ନିର୍ଦ୍ଦେଶ ରହିଛି । ଏହି ଆଧାରରେ ରଘୁନାଥପୁର ବ୍ଲକର ୯୩ଟି ସ୍କୁଲ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଶାଳିଜଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟ, କରଡା ସରକାରୀ ପ୍ରାଥମିକ ବିଦ୍ୟାଳୟ,ଏରଡଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜଇପୁର ମହେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ ୭ଟି ସ୍କୁଲରେ ପୋଷାକ ବଣ୍ଟନ କରାଯାଇଛି । ଶିଶୁ ବାଟିକା ଠାରୁ ଆରମ୍ଭ କରି ୧୦ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ସ୍କୁଲ ଡ୍ରେସ ପ୍ରଦାନ କରାଯିବ ଏବଂ ଆସନ୍ତା ଖରା ଛୁଟି ପୂର୍ବରୁ ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପୋଷାକ ବଣ୍ଟନ ପ୍ରକ୍ରିୟା ସମାପ୍ତ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ରଘୁନାଥପୁର ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

# ବ୍ରାହ୍ମଣଝରିଲୋ ଛକରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ

ଫୁଲନଖରା ,(ସବ୍ୟୁ): :କଟକ ସଦରଥାନାଅନ୍ତର୍ଗତବ୍ରାହ୍ମଣଝରିଲୋ ଛକ ଏକ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇରହିଲା, ଯେତେବେଳେ ଓଡ଼ିଶାର ଲୋକପ୍ରିୟ ଓ ଜନନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହଜାର ହଜାର ଜନସାଧାରଣ ଓ ଦଳୀୟ କର୍ମୀଙ୍କ ଦ୍ୱାରା ଭବ୍ୟ ଓ ଅଭୂତପୂର୍ବ ସାଗତ ସମ୍ବର୍ଦ୍ଧନା ଜଣାଇ ଯାଇଥିଲା । ଏହି ଅବସର ସମଗ୍ର ଅଞ୍ଚଳକୁ ଉତ୍ସବମୟ କରିଦେଇଥିଲା ଓ ଲୋକମାନଙ୍କ ମନରେ ଅପାର ଉତ୍ସାହ ଓ ଆନନ୍ଦର ପ୍ରବାହ ସୃଷ୍ଟି କରିଥିଲା । ମୁଖ୍ୟମନ୍ତ୍ରୀ କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବରେ ଯୋଗଦେବା ପାଇଁ ଯାଉଥିବା ବେଳେ, ନିଆଳି ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର କୁମାର ବାରିକଙ୍କ ସୁଦୃନେତୃତ୍ୱରେ ବିପୁଳ ଜନସମାଗମ ହୋଇଥିଲା । ହଜାର ହଜାର ସମର୍ଥକ ଓ ଦଳୀୟ କର୍ମୀ ରାସ୍ତା ଦୁଇପାର୍ଶ୍ୱରେ ଭିଡ଼ ଜମାଇ, ଫୁଲମାଳା ଓ ନାରାରେ ଆକାଶକୁ ଗୁଞ୍ଜାଇ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗାଡ଼ି ଉପରକୁ ଫୁଲ ବର୍ଷା କରି ସେମାନେ ତାଙ୍କ ପ୍ରତି ଅପାର ଭଲପାଇବା ଓ ଶ୍ରଦ୍ଧା ବ୍ୟକ୍ତ କରିଥିଲେ । ଏହି ସ୍ୱାଗତ ସମ୍ବର୍ଦ୍ଧନା କେବଳ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଜନମନର ଅଭିନବ ଆସ୍ଥା,



ଭରସା ଓ ଆଦରର ପ୍ରତିକ ରୂପେ ପ୍ରକାଶ ପାଇଥିଲା । ତାଙ୍କର ସରଳ ଜୀବନଶୈଳୀ, ଦୃଢ଼ ନେତୃତ୍ୱ ଓ ଲୋକକଲ୍ୟାଣମୂଳକ ନୀତି ଆଜି ସମଗ୍ର ଓଡ଼ିଶାରେ ତାଙ୍କୁ ଏକ ଅଲଗା ପରିଚୟ ଦେଇଛି । ଗ୍ରାମ୍ୟ ଉନ୍ନତି ଠାରୁ ଆରମ୍ଭ କରି ଯୁବପିଢ଼ିର ଭବିଷ୍ୟତ ଗଢ଼ିବା ପର୍ଯ୍ୟନ୍ତ ତାଙ୍କର ଦୃଷ୍ଟିକୋଣ ସବୁବେଳେ ସ୍ୱଷ୍ଟ ଓ ଦୃଢ଼ ରହିଛି । ଏହି ଅବସରରେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ , ନିଆଳିର ଜନପ୍ରିୟ ବିଧାୟକ ଛବି ମଲ୍ଲିକ , ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ଯୁବ ସଂଗଠକ ଆଲୋକ ଲେଙ୍କା, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର, ଜୟନ୍ତ କୁମାର ଜେନା, ଗୌରାଙ୍ଗ ଚରଣ ନାଥ, ରାଜ କିଶୋର ସଓ୍ୱାଇଁ, କ୍ଷୀରୋଦ ଜେନା ପ୍ରମୁଖ ଅନେକ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ । ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମୁଖରେ ପାଇ ଭାବବିହ୍ୱଳ ହୋଇଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା ।ଏହି ଭବ୍ୟ ସାଗତ ଦୃଶ୍ୟ ପ୍ରମାଣ କରି ଦେଇଛି ଯେ, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କେବଳ ଏକ ନେତା ନୁହେଁ, ସେ ଲୋକମାନଙ୍କ ହୃଦୟର ନିକଟତମ ନାୟକ । ଏହି ଅବସର ସମଗ୍ର ଅଞ୍ଚଳ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବା ସହିତ ଆଗାମୀ ଦିନରେ ଏହା ଜନସେବାର ଏକ ପ୍ରେରଣାଦାୟକ ଦୃଷ୍ଟାନ୍ତ ହିସାବରେ ସ୍ଥାପିତ ହେବ ।ଉପେନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ବେହେରା, କବି ନାରାୟଣ ଜେନା, ତୁଷାର ଜେନା, ବିଜୟ ରାୟ, ବ୍ରଜ କିଶୋର ମହାନ୍ତି, ପ୍ରଦୀପ ସୁନ୍ଦରରାୟ, ପ୍ରଦୀପ ସାଇଁ, ବିକାଶ ସାହୁ, ସନ୍ଦୀପ ବାରିକ ଓ ବିଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟ କ୍ରମ ସଞ୍ଚାଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# ସତ୍ୟଭାମା ଶବ୍ଦରାଗ ୨୦୨୬

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟଭାମା ଶବ୍ଦରାଗ ୨୦୨୬ ଚତୁର୍ଥ ବାର୍ଷିକ ଉତ୍ସବ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ବରାଳ ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି ।ବିଶିଷ୍ଟ ଓଡ଼ିଆ ଭାଷାବିଦ ପ୍ରାଧ୍ୟାପକ କୈଳାଶ ଚନ୍ଦ୍ର ଟିକାୟତରାୟ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଓଡିଶା ରାଜ୍ୟ ପାଲା ଗାୟକ ପରିଷଦର ସଭାପତି ଗାୟକସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା,ଓଡିଶା ବିଧାନସଭାର ପୂର୍ବତନ ଅନୁଶାସନ ସଚିବ ସୁରେଶ କୁମାର ନାୟକ, ଜ୍ୟୋର୍ତିବିଦ ନିରଞ୍ଜନ ମହାପାତ୍ର, ପ୍ରକାଶନ ସଂସ୍ଥା ଆଦିତ୍ୟ ପବଲିକେସନର ସମ୍ପାଦକ ଦେବାଶିଷ ସାମନ୍ତରାୟ, ମେକ ଇନ ମେ ଆଣ୍ଡ ଇଣ୍ଡିଆର ଅଧ୍ୟକ୍ଷ ସାମ୍ବାଦିକ ଦିଲ୍ଲୀପ କୁମାର ଧାଉଡିଆ ପ୍ରମୁଖ ଆୟୋଜିତ ସଭାରେ ଅତିଥି ଭାବେ ଯୋଗ ଦେଇ ସମବେତ ସାରସଓ୍ୱତ ସାଧକ ମାନଙ୍କୁ ସମ୍ବୋଧିତ କରିଥିଲେ । ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ ।ଏହି ଅବସରରେ ସ୍ମରଣିକା 'ସତ୍ୟଭାମା ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥଲା ୫ ଅନୁଷ୍ଠିତ କବିତା ଆସରରେ ଶତାଧିକ କବି ଓ କବୟିତ୍ରୀ 'ମା ' ଶୀର୍ଷକ ସଓ୍ୱରଚିତ କବିତା ଆବୃତ୍ତି କରି ପରିବେଶକୁ ମା ମୟ କରିଦେଇଥିଲେ ।କବୟିତ୍ରୀ ତଥା କ=ଶିଳ୍ପୀ ସର୍ବାଣୀ ଦାସ କବିତା ଆସର ସଂଯୋଜନା କରି ଥିଲେ ।ସାହିତ୍ୟ,କଳା ସଂସ୍କୃତି ଓ ସାମ୍ବାଦିକତା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଯୁବ ଓଡିଶୀ ନୃତ୍ୟାଙ୍ଗନା ସୁଦତ୍ତା ସାଙ୍ଖସ୍ୱାତା ମିଶ୍ର ନବଦୁର୍ଗା ନୃତ୍ୟ ପରିବେଷଣ କରିଥିଲେ ।ସଦାଶିବ ବରାଳ, ବିଜୟ ଚନ୍ଦ୍ର ସାମନ୍ତରାୟ, ସୁଧୀର




ସଓ୍ୱାଇଁ,ହେମେନ୍ଦ୍ର ପଟ୍ଟନାୟକ,ବିଶ୍ୱନାଥ ବିଶାଳ ଓ ବିଶନାଥ ପଟ୍ଟନାୟକଙ୍କ ସହଯୋଗରେ ମାନସ ରଞ୍ଜନ ପଟ୍ଟନାୟକ ଓ ରମେଶ ଚନ୍ଦ୍ର ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଦେବୀ ପ୍ରସାଦ ମହାପାତ୍ର ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ୫ ଶେଷରେ କବି ଶବ୍ଦଭାରତୀ ଦେବଦତ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଣ୍ଡେଶ୍ୱରୀ ପ୍ରାଥମିକ ବିଦ୍ୟାଳୟରେ ଓଡିଆ ପକ୍ଷ ପାଳନ

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଓଡିଆ ପକ୍ଷ ଗୁଆଳିପଡା ପଞ୍ଚାୟତ ସ୍ଥିତ ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରି ସମୀର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ବିଜେପି ରାଜ୍ୟ ଉପସଭାପତି ଜତିନ ମହାନ୍ତି, ପୁରୀ ସାଂସଦ ଡ. ସମ୍ବିପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରାକ୍ତନ ସୂଚନା ଆୟୁକ୍ତ ଶଶୀପ୍ରଭା ବିନ୍ଧାଣୀ,ପ୍ରାକ୍ତନ ଏନଟିପିସି ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, ରାଜ୍ୟ ପ୍ରଗତି ଶିଳ ମଞ୍ଚ ଅଧ୍ୟକ୍ଷା ମମତା ସାମନ୍ତରାୟ, ସଂଗୀତ ବିଶାରଦ ରୁଦ୍ରନାରାୟଣ ମହାନ୍ତି, ବିଜେପି ଜିଲ୍ଲା ସମ୍ପାଦକ ଗଙ୍ଗାଧର ବରାଳ, ସିଡିପିଓ ଜାପାନୀ ମିତ୍ର, ପଞ୍ଚାୟତ ମହିଳା ସଂଘ ସଭାପତି ଲିଲିମାଞ୍ଜଳୀ ସାହୁ, ସମ୍ପାଦିକା ଶୁଭଲକ୍ଷ୍ମୀ ସଓ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଓଡିଆ ପକ୍ଷ ପାଳନର ଲକ୍ଷ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ଶିକ୍ଷାବିତ ଶ୍ରୀଧର ପ୍ରଧାନଙ୍କ ଦ୍ୱାର ରଚିତ ମୋ ମା ନମୋ ନଦୀଆ ସନ୍ଦ୍ରିଭ୍ମନ କୁନିକୁନି ଛାତ୍ରମାନଙ୍କ




ଦ୍ୱାରା ପରିବେଷଣ କରାଯାଇଥିଲା । ଶିକ୍ଷକ ଦିଲ୍ଲିପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସ ସୁଦିପ୍ତ ପରିଡା ସଭାସଂଯୋଜନା କରିଥିଲେ । ମହିଳା ସଂଘର ସଦଶ୍ୟା ମାନଙ୍କ ଦ୍ୱାରା ଆରିଶା ପୀଠା, ପୋଡପିଠା, ହାଲୁଆ, ମଟରତରକାରୀ, ଡାଲେମା, ଚକୁଳିପିଠା, ଖେଚେଡି, ହଳଦି ପକା ଅନ୍ନ, ଚିତଉପିଠା, ରାସୀଲଡୁ,ଚାଉଳ ଯୀରି,ନଡିଆ ପିଠା,ହାଣ୍ଡିପିଠା,କାଞ୍ଜୀ, ମୁଠି ମୁଆଁ, ସରୁ ଚକୁଳି, ସେକାବରା ପ୍ରଭୃତି ୬୦ରୁ ଉର୍ଦ୍ଧ୍ୱର୍ ପ୍ରକାରର ପାମ୍ପାରିକ ଖାଦ୍ୟ ପଦର୍ଶନ କରାଯାଇଥିଲା ।ଗୁଆଳିପଡା ପଂଚାୟତର ମହିଳା ସଂଘର ସଦଶ୍ୟା ଅନିତା ଜେନା, ସ୍ୱାତିପ୍ରଜ୍ଞା ସ୍ୱାଇଁ, ସୁଚିସ୍ମିତା ସୁବଳ, ମଧୁସ୍ମିତା ପ୍ରଧାନ, ଟୁନି ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଡାକଘର ସ୍ଥାନାନ୍ତରକୁ ବିରୋଧ କରି ଧାରଣା

ନିମାପଡ଼ା,(ସବ୍ୟୁ): ଦୀର୍ଘ ୪୭ ବର୍ଷର ହେବ ଦୋଳବେଦୀ ଉପ ଡ଼ାକଘରକୁ ନିମାପଡ଼ା ମୁଖ୍ୟ ଡ଼ାକଘର କାର୍ଯ୍ୟାଳୟ ସହିତ ମିଶାଇ ଦେବା କେନ୍ଦ୍ର ସରକାରଙ୍କ ନିଷ୍ପତିକୁ ନିମାପଡ଼ା ବାସୀ ନାପସନ୍ଦ କରି ଏ ସଂକ୍ରାନ୍ତରେ ପୁନଃ ବିଚାର କରିବା ପାଇଁ ଦାବି କରି ଗୁରୁବାର ଦିନ ଜାଗ୍ରତ ଯୁବଶକ୍ତି ସଂଗଠନ,ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ସୂଚନାରୁ ପ୍ରକାଶ ଯେ,୧୯୮୪ ମସିହାରୁ ଦୋଳବେଦୀ ଉପ ଡାକଘର ଅଣ୍ଡିଆ ସାହି ୯ ନମ୍ବର ଓ୍ୱାର୍ଡ ଜୟଶ୍ରୀ ଛକ ଦେବୀ ମଣ୍ଡପ ଠାରେ ଚାଲି ଆସୁଛି । ଏହି ଉପ ଡାକଘର ଉପରେ ଏନ ଏସିର ବିଭିନ୍ନ ଓ୍ୱାର୍ଡ, କଲୋନୀ ର ବାସିନ୍ଦା ର୍ନିଭର କରିଥାନ୍ତି । ପୁରୀ ଜିଲାର ୪୪ଟି ଡାକ ଘର ମଧ୍ୟରୁ ଏହା ୧୫ନମ୍ବର ସ୍ଥାନରେ ରହିଛି ।ଏଠାରେ ଦୈନିକ ୨୦୦ରୁ ଉର୍ଦ୍ଧ ଗ୍ରାହକ ବିଭିନ୍ନ କାମ ଶାନ୍ତି ଶୃଙ୍ଖଳାର ସହ କରିଥାନ୍ତି । ଏଠାରୁ ଡ଼ାକଘର ଉଠିଗଲେ ଅନେକ ଗ୍ରାହକ ଗହଳି ମଧ୍ୟରେ ଯିବା ପସନ୍ଦ କରିବେ ନାହିଁ ବୋଲି ରୋକଠୋକ ମନା କରି ଦେଇଥିଲେ । ଏହି ଡ଼ାକଘର ଦ୍ୱାରା ବାର୍ଷିକ ୨୦ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ ବୋଲି ଡ଼ାକ ବିଭାଗ ସହିତ ଜଡ଼ିତ କର୍ମଚାରୀ / ଏଜେଣ୍ଟମାନେ ସୂଚନା ଦେଇ ସରକାର ଜନସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଉପ ଡାକଘର ଘରକୁ ଏଠାରୁ ସ୍ଥାନାନ୍ତର ନ କରିବା ପାଇଁ ଜାଗ୍ରତ ଯୁବଶକ୍ତି ସଂଗଠନ,ବରିଷ୍ଠ ନାଗରିକମଞ୍ଚ,ବ୍ୟବସାୟୀ ସଂଘ, ସାମୱାଦିକ ସଂଘ, ଗ୍ରାମ୍ୟ କମିଟି ଦାବି କରିବା ସହ ଆନ୍ଦୋଳନ କରିଛନ୍ତି । ଏହି ବାବଦରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦୃଷ୍ଟି ଦେବେକୁ ଆନ୍ଦୋଳନ କାରୀମାନେ କହିଛନ୍ତି । ଏହି ଆନ୍ଦୋଳନରେ ପୂର୍ବତନ ବିଧାୟକ ବେଣୁଧର ସେଠୀ, ବରିଷ୍ଠ ନାଗରିକ ମାଧବ ମଲ୍ଲିକ, ଅଣ୍ଡିଆସହି ଗ୍ରାମ ମଙ୍ଗଳ ସମିତି ସଭାପତି ବିବେକା ନନ୍ଦ ପାତ୍ର, ବଜାର କମିଟି ସଭାପତି ସୂର୍ଯ୍ୟ ନାରାୟଣ ମିଶ୍ର, ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରମୋଦ ମହାନ୍ତି ,ସମ୍ପାଦକ ଦିଗମ୍ବର ନାୟକ,ଆର୍ତବନ୍ଧୁ ସେନାପତି, ନିମାପଡ଼ା ପ୍ରେସ କ୍ଲବ ସଭାପତି ଅକ୍ଷୟ ବେହେରା, ଯୁବ ଶକ୍ତି ସଂଗଠନ ଆବାହକ ଆଦର୍ଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆଗାଁରାମଲୀଳାରେ ରାବଣ ପୋଡି

ରଣପୁର (ସବ୍ୟୁ): :ରଣପୁର ଏନଏସି ଅଧିନସ୍ଥ ୧୨ନଂ ଓ୍ୱାର୍ଡ ନୂଆଗାଁ ରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ରଘୁନାଥ ଦେବଙ୍କ ୬୧ତମ ବାର୍ଷିକ ରାମଲୀଳା ସହ ନୂତନ ମନ୍ଦିର ପ୍ରତିଷ୍ଠା ଓ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରଘୁନାଥ ଯୁବକ ସଂଘ ଓ ନୂଆଗାଁ ବାସୀଙ୍କ ପୂର୍ଣ୍ଣ ସହଯୋଗ ରେ ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହେଉଛି । ରାବଣ ପୋଡି କାର୍ଯ୍ୟକ୍ରମ ରାମଲୀଳା ସହ ଅନୁବନ୍ଧିତ ଭାବେ ହୋଇଆସୁଛି ।ଶୁକ୍ରବାର ବିଳମ୍ବିତ ରାତ୍ରରେ ଅନୁଷ୍ଠିତ ରାବଣ ପୋଡି କାର୍ଯ୍ୟକ୍ରମରେ ବହୁ ମାତ୍ରାରେ ଆତସବାଦୀ ଖଞ୍ଜା ଯାଇଥିବା ସହ ବିଳମ୍ବିତ ରାତ୍ରରେ ରାମଲୀଳାର ରାମଚନ୍ଦ୍ରଙ୍କ ଦ୍ୱାରା ନିକ୍ଷେପ ଧନୁତିରରେ ସମ୍ମୁଖ ଭାଗରେ ଥିବା ୫୫ଫୁଟର ରାବଣ ପ୍ରତିମୂର୍ତ୍ତିର ନାଭିମୁଣ୍ଡାରେ ଅଗ୍ନି ସଂଯୋଗ ହେବା ଫଳରେ ରାବଣର ପ୍ରତିମୂର୍ତ୍ତିରେ ଖଞ୍ଜା ଯାଇଥିବା ଆତଶବାଜିରେ ଖଣ୍ଡ ମଣ୍ଡଳ ପ୍ରକମ୍ପିତ ହୋଇଥିଲା । ଏପରିକି ରାବଣ ପ୍ରତିମୂର୍ତ୍ତିର ଆଖପାଖ ପଡିଆରେ ଲାଗିଥିବା ବହୁ ପ୍ରକାରର ଗଛବାଣରେ ମଧ ଏକା ସାଙ୍ଗରେ ଅଗ୍ନି ସଂଯୋଗ ହେବା ଫଳରେ ଏହି କାର୍ଯ୍ୟକ୍ରମକୁ ଅତ୍ୟଧିକ ଅତିରଂଜିତ କରିଥିଲା



। ରାବଣ ପୋଡି କାର୍ଯ୍ୟକ୍ରମ ପୂର୍ବରୁ ପଡିଆ ନିକଟରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା । ଅପରପକ୍ଷରେ ନୂତନ ରଘୁନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁକ୍ରବାର ନୂତନ ମନ୍ଦିର ପରିସରରେ ମଣ୍ଡଳାଧିବାସ ଓ ଅଙ୍କୁରା ରୋପଣ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ପ୍ରାତଃ ସମୟରେ ଜଳ ଯାତ୍ରା, ମଣ୍ଡପ ଦେବତା ମାନଙ୍କ ଆବାହନ ପୂଜନ, ଅଗ୍ନିସ୍ଥାପନ, ପ୍ରତିଷ୍ଠାଙ୍ଗ ହବନ, ସାଙ୍ଖ ସମୟରେ ଧାନ୍ୟଦିବାସ ସନ୍ଧ୍ୟ ଆରତୀ ଓ ପୁଷ୍ପାଞ୍ଜଳି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସେହିଭଳି ରବିବାର ପ୍ରାତଃ ସମୟରେ ସୂର୍ଯ୍ୟ ପୂଜା, ଗୁରୁ ପୂଜା,ଗୋପୁଜା,ମଣ୍ଡପ ଦେବତା ପୂଜନ, ପ୍ରତିଷ୍ଠାଙ୍ଗ ହୋମ, ଜଳଧିବାସ,ବିଗ୍ରହ ମହାସ୍ନାନ,ଶୟନ, ଆରତୀ ଓ ପୁଷ୍ପାଞ୍ଜଳି ପ୍ରଦାନ କାର୍ଯ୍ୟକ୍ରମ ରହିଥିବା ବେଳେ ସୋମବାର ପ୍ରାତଃରେ ସୂର୍ଯ୍ୟ ପୂଜା,ଗୁରୁ ପୂଜା, ଗୋ ପୂଜା, ମଣ୍ଡପ ଦେବତା ପୂଜନ, ହୋମ,ପ୍ରାଣ ପ୍ରତିଷ୍ଠା, ବିଗ୍ରହ ସ୍ଥାପନ, ଗୋଧୂଳି ସମୟରେ ପୂର୍ଣ୍ଣାହୁତି, ସନ୍ଧ୍ୟ ଆରତୀ, ପୁଷ୍ପାଞ୍ଜଳି ପରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା କମିଟି ତରଫରୁ ସୂଚନା ମିଳିଛି ।

# ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧଦିବସ

କଣ୍ଟିଲୋ,(ସବ୍ୟୁ) : ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟଳ ସ୍ୱର୍ଗତ ସତ୍ୟ ସୁନ୍ଦର ମିଶ୍ରଙ୍କ ଚତୁର୍ଦ୍ଦଶ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନୀଳମାଧବ ମହାବିଦ୍ୟାଳୟ ପରିସରରେ ସ୍ଥାପିତ ସତ୍ୟ ସୁନ୍ଦର ମିଶଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇ ପୁଷ୍ପ ମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର କୁମାର ପିୟୁଷ ପ୍ରସାଦ ମିଶ୍ର, ପୁତ୍ର ବଧୂ ଡ଼ ବିଷ୍ଣୁପ୍ରିୟା ମିଶ୍ର, ନାତି ର୍ନିଲିପ୍ତ ମିଶ୍ର ଓ ଶ୍ରୀବତ୍ସ ମିଶ୍ର ଯୋଗଦେଇଥିଲେ । ମହାବିଦ୍ୟାଳୟ ସ୍ମୃତି କମିଟି ପକ୍ଷରୁ ଅଧ୍ୟାପକ ଓମ



ପ୍ରକାଶ ସାହୁ, ଶରତ କୁମାର ସାହୁ,ହୃଷିକେଶ ମିଶ୍ର,ରମେଶ ଚନ୍ଦ୍ର ପାଢ଼ୀ ଓ ସାମ୍ବାଦିକ ପ୍ରଭାକର ଶିରୋମଣୀ, ସରୋଜ ମିଶ୍ର, ଶୁଭ୍ରାଂଶୁ ମହାରଣା, ସୁକାନ୍ତ ମିଶ୍ର ଙ୍କ ସମେତ ମହାବିଦ୍ୟାଳୟ ଅଧ୍ୟାପକ,କର୍ମଚାରୀ ସ୍ୱର୍ଗତ ସତ୍ୟସୁନ୍ଦର ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ ।

# ବିଜେପିର ମିଶିଲେ ନାଏବ ସରପଞ୍ଚ ସମେତ ୱାର୍ଡ ସଭ୍ୟ,ସଭ୍ୟା

ବାଲିଅନ୍ତା ,(ସବ୍ୟୁ): ବାଲକାଟି ମଣ୍ଡଳ ଅଧିନ ପ୍ରତାପ ଶାସନ ପଞ୍ଚାୟତରେ ଶୁକ୍ରବାର ଦିନ ଦେଖିବାକୁ ମିଳିଛି ବିଜେପିର ଶକ୍ତି ପ୍ରଦର୍ଶନ । ବାଲକାଟି ମେଳଣ ପଡ଼ିଆରେ ଆୟୋଜିତ ମହାମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡିର ନାଏବ ସରପଞ୍ଚ ,୧୦ ଜଣ ଓ୍ୱାର୍ଡ ସଭ୍ୟ ,ପୂର୍ବତନ ସମିତି ସଭ୍ୟାଙ୍କ ସମେତ ଶତାଧିକ କର୍ମୀ ପଦ୍ମ ଧରିଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି, ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ନିରଂଜନ ମିଶ୍ର , ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ , ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ , ସାଙ୍ଗଠନିକ ଉପସଭାପତି ଜଗନ୍ନାଥ ବେହେରା, ପଞ୍ଚାୟତ ପ୍ରମୁଖ ସୁଦର୍ଶନ ଜେନା, ମାଗୁଣି ଚରଣ ସେଠୀ , ଦିଲ୍ଲୀପ କୁମାର ସଓ୍ୱାଇଁ, ପ୍ରଦିପ୍ତ କୁମାର ମହାନ୍ତି , ରଞ୍ଜନ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ବିଜେପିର ଆଦର୍ଶ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ନାଏବ ସରପଞ୍ଚ ଅରୁଣ କୁମାର ସାହୁ , ଓ୍ୱାର୍ଡ ସଭ୍ୟ



ଦେବାଶିଷ ଦାଶ , ମଞ୍ଜୁଲତା ଶତପଥୀ , ଗୌରାଙ୍ଗ ଭୋଇ , ପୁଷ୍ପଲତା ପାତ୍ରଙ୍କ , ପୂର୍ବତନ ସମିତି ସଭ୍ୟା ନୟନା ବେହେରାଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ । ଦଳ ପକ୍ଷରୁ ସେମାନଙ୍କୁ ଦଳୀୟ ଟୋପି ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକରେ ଦୀନବନ୍ଧୁ ଭୋଇ, କେଳୁଚରଣ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ନାରୀନେତ୍ରୀ ଝିଲ୍ଲୀ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ଏହି ଜନସ୍ରୋତ ବିଜେପିକୁ ଅଧିକ ଶକ୍ତିଶାଳୀ କରିବ ବୋଲି ଦଳୀୟ କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ମହାମିଶ୍ରଣ ପର୍ବରେ ବହୁ ସଂଖ୍ୟାରେ ବିଜେପିର ଛାମୁଆ ନେତା ଓ ସ୍ଥାନୀୟ ନେତା ମାନେ ଉପସ୍ଥିତ ଥିଲେ ।

# ଶ୍ରୀଜଗନ୍ନାଥଜୀୟୁରାମଲୀଳା ଉଦଯାପିତ

ଆଠଗଡ଼ ,(ସବ୍ୟୁ): ସହରର ପ୍ରାଚୀନ ଶ୍ରୀ ଅଟ୍ଟାଳୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାମ ନବମୀଠାରୁ ଆରମ୍ଭ ହୋଇ ୨୩ ଦିନ ଧରି ଚାଲିଥିବା ରାମଲୀଳା ଶନିବାର ରାତିରେ ରାବଣ ବଧ ଓ ରବିବାର ସକାଳେ ଶ୍ରୀରାମ ଅଭିଷେକ ସହିତ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ପାରମ୍ପାରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା । ଏହି ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ଥିବା ରାମଲୀଳା ମଞ୍ଚରେ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ବ୍ରାହ୍ମଣ ନିମାଇଁ ଚରଣ ଦାଶଙ୍କ ପରିଚାଳନାରେ ଅଭିଷେକ ପୂଜା ସମାପନ ହୋଇଥିଲା । ଜ୍ୟୋତି ପ୍ରକାଶ ପଟ୍ଟନାୟକ, ଲକ୍ଷ୍ମଣ, ଜିତେନ୍ଦ୍ର ସଓ୍ୱାଇଁ, ମାନସରଞ୍ଜନ ଭକ୍ତା, ଉମା ଶଙ୍କର ସାମନ୍ତ ଓ ଅନ୍ୟାନ୍ୟ କଳାକାର ମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ଆଠଗଡ଼ ଗଡ଼ଜାତରେ ଶହେ ବର୍ଷରୁ ଉର୍ଦ୍ଧ୍ୱର୍ ସମୟଧରି ଏହି ରାମଲୀଳା ଅନ୍ୟତମ ଗଣପର୍ବ ଭାବେ ପାଳିତ ହୋଇଆସୁଛି । ଶ୍ରୀ ଜଗନ୍ନାଥଜୀୟୁ ରାମଲୀଳାରେ ଚଳିତବର୍ଷ ଅନେକ ଯୁବ କଳାକାର ଯୋଗଦେଇ ଅତି ନିଖୁଣ ଭାବରେ ରାମଲୀଳା ପରିବେଷଣ କରି ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ । ଦୀର୍ଘଦିନ ଧରି ବ୍ରତ ରଖିବା ସହିତ ଘରୁ ଅଲଗା ରହି ଏହି କଳାକାର ମାନେ ନିଜର ଅଭିନୟ ମାଧ୍ୟମରେ ପ୍ରଭୁ ଶ୍ରୀରାମଙ୍କ କଥାମୃତକୁ ସୁନ୍ଦର ଅଭିନୟ ମାଧ୍ୟମରେ ଉପସ୍ଥାପନ କରି ଅନେକ ଲୋକ ଓ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଏହି ଅନୁଷ୍ଠାନର ସ୍ଥାୟୀ ସଭାପତି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସଓ୍ୱାଇଁ ଆଗାମୀ ବର୍ଷ ଏହାକୁ ଆହୁରି ସରସ ସୁନ୍ଦର କରାଯିବାକୁ କହିବା ସହିତ ଏଠାରେ ଥିବା ମଞ୍ଚଟିର ଆଧୁନିକୀକରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରଘୁନାଥ ମହାନ୍ତି, ସମ୍ପାଦକ ରଞ୍ଜନ କୁମାର ଜେନା, ସଦସ୍ୟ ଗଗନ ରଞ୍ଜନ ଦାସ ଓ କିଶୋର କୁମାର ଦାସ ସହିତ ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଏହି ରାମଲୀଳା ନାଟ୍ୟ ଉତ୍ସବ ପରିଚାଳନା କରିଥିଲେ ।

# ସାଂସଦ ଚିକିତ୍ସା ଶିବିର ଆୟୋଜନ

କୁହୁଡ଼ି, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡ଼ି ଗ୍ରାମପଞ୍ଚାୟତ ପରିସରରେ ସାଂସଦ ଚିକିତ୍ସା ଶିବିର ପକ୍ଷରୁ ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦଘାଟନ କରିଥିଲେ । ଅଭିଜ୍ଞ ବିଶେଷଜ୍ଞ ଡାକ୍ତରମାନେ ରୋଗୀମାନଙ୍କ ସଓ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ । ଏହି ଶିବିରରେ ଆୟୁର୍ବେଦିକ ବିଭାଗ, ମେଡ଼ିସିନ, ଶଲ୍ୟ ଚିକିତ୍ସା, ଚକ୍ଷୁ ଚିକିତ୍ସା, ଦାନ୍ତ ଚିକିତ୍ସା, ଏହିଭଳି । ୭ରୁ ଉର୍ଦ୍ଧ ବିଭାଗ ଓ ପରୀକ୍ଷା କରାଯାଇଥିଲା । କୁହୁଡ଼ି ଗ୍ରାମପଞ୍ଚାୟତରେ ଜନସାଧାରଣମାନଙ୍କୁ ଜଳପାନ ପରିବେଷଣ କରାଯାଇଥିଲା ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଡାକ୍ତରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।ଏହି କାର୍ଯ୍ୟକ୍ରମରେ କୁହୁଡ଼ି ସରପଞ୍ଚ ପ୍ରିୟମ୍ବଦା ବେହେରା, ମଣ୍ଡଳ ସଭାପତି ଜୟରାମ ବେହେରା, ସାଂସଦ ପ୍ରତିନିଧି ବିଦ୍ୟୁ କାଣ୍ଡି, ପୂର୍ବତନ ସରପଞ୍ଚ ଜୟଦେବ ବେହେରା , ପୂର୍ବତନ ସରପଂଚ ପବିତ୍ର ହରିଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସତ୍ୟନାରାୟଣ ପରିଡ଼ା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, ଲଳିତ କେଶରୀ ମଙ୍ଗରାଜ, ଭଗବାନ ସେଠ, ମିତ୍ରଭାନୁ ସୁବୁଦ୍ଧି, ଓ ଜନପ୍ରତିନିଧି କର୍ମଚାରୀ ସମସ୍ତ ଉପସ୍ଥିତ ରହି ଏହି ସ୍ୱାସ୍ଥ୍ୟ ଶିବିରକୁ ସଫଳ କରିଥିଲା ।

# କାଶୀପୁର ବଡ଼ପାଟଣାରେ ରାମଲୀଳା: ୨ୟ ଦିବସର ଶିବଧନୁ ଭଙ୍ଗ, ତାଡକା ବଧ

ନିରାକାରପୁର,(ସବ୍ୟୁ):: ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ବଡ଼ପାଟଣା ଗ୍ରାମରେ ପାରମ୍ପରିକ ରାମଲୀଳା ମହୋତ୍ସବ ଅତି ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି । ଚଳିତ ବର୍ଷ ଏହି ରାମଲୀଳାର ଦ୍ୱିତୀୟ ଦିବସରେ ଭଗବାନ ଶ୍ରୀରାମଙ୍କ ଦ୍ୱାରା ଶିବଧନୁ ଭଙ୍ଗ ଓ ତାଡକା ବଦ୍ଧ ଭଳି ଅତି ଆକର୍ଷଣୀୟ ପ୍ରସଙ୍ଗ ମଞ୍ଚସ୍ଥ ହୋଇଯାଇଛି ।ଏହି ନାଟକରେ ମନୋଜ ପ୍ରଧାନ ଶ୍ରୀରାମଙ୍କ ଭୂମିକାରେ ନିଖୁଣ ଅଭିନୟ କରିଥିବା ବେଳେ ଜିତେନ୍ଦ୍ର ରାଉତରାୟ ତାଡକା ଭୂମିକାରେ ଅବତୀର୍ଣ୍ଣ ହୋଇ ଦର୍ଶକଙ୍କ ମନ ଜିଣିଥିଲେ । ଗୁରୁ ପଦ୍ମନାଭ ଦଳାଇଙ୍କ ନିର୍ଦ୍ଦେଶନାରେ କଳାକାରମାନେ ସୁନ୍ଦର କଳା ପ୍ରଦର୍ଶନ କରିଥିଲେ । ଗାୟକ ଶ୍ୟାମସୁନ୍ଦର ବିଶ୍ୱାଳଙ୍କ କ=ର ସୁମଧୁର ସଙ୍ଗୀତ ଓ ବାୟକ ମହେଶ୍ୱର ନାୟକଙ୍କ ମୃଦଙ୍ଗର ତାଳେ ତାଳେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇଉଠିଥିଲା ।ମଞ୍ଚର ସାଜସଜ୍ଜା ଓ କଳାକାରଙ୍କ ରୂପସଜ୍ଜାକୁ ପେଣ୍ଟର ନବକିଶୋର ବରାଳ ଅତି ଜୀବନ୍ତ ଭାବେ ଚିତ୍ରଣ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ନକୁଳ ସାହୁ, ରାକେଶ ପରିଡ଼ା, ଅଗ୍ରଜ ପ୍ରଧାନ, ଗାନ୍ଧୀ ପରିଡ଼ା ଓ ନୃସିଂହ ଦଳାଇ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଶତାଧିକ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଏହି ଭକ୍ତିଭାବପୂର୍ଣ୍ଣ କାର୍ଯ୍ୟକ୍ରମର ଆନନ୍ଦ ଉପଭୋଗ କରିଛନ୍ତି ।

# ମହିଳାଙ୍କୁ ଆକ୍ରମଣ : ଆସାମୀକୁ ୭ବର୍ଷ ଜେଲ ଦଣ୍ଡ

ବାଲୁଗାଁ ,(ସବ୍ୟୁ): ଜଣେ ମହିଳା ଏବଂ ତାଙ୍କ ପରିବାରବର୍ଗଙ୍କୁ ଆକ୍ରମଣ ମାମଲାରେ ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ବିଚାର କରି ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଗତ ଗୁରୁବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତ ହେଲେ ବାଲୁଗାଁ ଚିଲିକା କୂଳ ଅଞ୍ଚଳର ମହାଦେବ ମଣ୍ଡଳ (୪୫) । ଅଭିଯୁକ୍ତଙ୍କୁ ୧ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ୭ଦିନ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଗତ ବର୍ଷ ଜୁଲାଇ ୭ ତାରିଖ ଦିନ ବାଲୁଗାଁ ଚିଲିକା କୂଳ ସ୍ଥିତ ବଙ୍ଗୀୟ ବସ୍ତିରେ ରହୁଥିବା ହରିଚାନ୍ଦ ମଣ୍ଡଳ ଗ୍ରାମ ରାସ୍ତାରେ ଜାଲେଣି କାଠ ଶୁଖାଇଥିଲେ । ଏହି ସମୟରେ ଉକ୍ତ ବସ୍ତିର ମନିଶଙ୍କର ମଣ୍ଡଳ ସାଇକେଲରେ ଯାଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହାକୁ ନେଇ ହରିଚାନ୍ଦଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । ଉକ୍ତ ଦିନ ରାତ୍ରି ପ୍ରାୟ ୧୧ ଘଟିକା ସମୟରେ ହରିଚାନ୍ଦର ସାନ ଭାଇ ମହାଦେବ ନିଶାସକ୍ତ ଅବସ୍ଥାରେ ମନିଶଙ୍କର ଘର ସମ୍ମୁଖରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିବେଜିତ କରିବା ସହ ହତ୍ୟା ଧମକ ଦେଇଥିଲେ ।ମଣିଶଙ୍କରଙ୍କ ମା କଳ୍ପନା ଏହାର ପ୍ରତିବାଦ କରିଥିଲେ । ଫଳରେ ଉତକ୍ଷିପ୍ତ ହୋଇ ମହାଦେବ କଳ୍ପନାଙ୍କୁ ଟଣା ଓଟରା କରିବା ସହ ଗ୍ରାମ ରାସ୍ତାରେ ଉଲଗ୍ନ କରି ମାଡ ମାରିଥିଲେ । ପରେ ପରେ ସ୍ୱାମୀ ଓ ପୁଅ ରକ୍ଷା କରିବାକୁ ଯାଇ ସେମାନେ ମଧ୍ୟ ଆକ୍ରମଣରୁ ବର୍ତ୍ତିନଥିଲେ । ଏ ସମ୍ପର୍କରେ ଅଭିଯୋଗକୁ ଭିତ୍ତି କରି ବାଲୁଗାଁ ପୋଲିସ କେସ ନଂ ୧୯୯/୨୫ ରେ ମାମଲା ରୁଜୁ କରିଥିଲା ୫ ମାମଲାଟି ଅଦାଲତରେ ବିଚାରାଧୀନ ଥିଲା । ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ମାମଲା ପରିଚାଳନା କରିଥିଲେ ।

# ଆରସଏସ ସଂଘର ପ୍ରମୁଖ ନାଗରିକ ସଂଗୋଷ୍ଠୀ

ନୟାଗଡ, (ସବ୍ୟୁ):ରାଷ୍ଟ୍ରୀୟ ସ୍ୱୟଂ ସେବକ (ଆରଏସଏସ) ସଂଘ, ନୟାଗଡ ପ୍ରୟାସରେ ପ୍ରମୁଖ ନାଗରିକ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି । ସହରର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତବର୍ଷ କୁ ପରମ ବୈଭବଶାଳୀ ରାଷ୍ଟ୍ର ରେ ପରିଣତ କରିବା ଏବଂ ବିଶ୍ୱ ଭାତୃତ୍ୱ ବୃଦ୍ଧି କରିବାରେ ନାଗରିକଙ୍କ ଯୋଗଦାନ ସଂପର୍କରେ ଆଲୋଚନା ହୋଇଥିଲା ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ନୟାଗଡ ଶାଖା ପକ୍ଷରୁ ଆୟୋଜିତ




ଉତ୍ସବରେ ମୁଖ୍ୟଅତିଥି ଭାବେ ସଂଘର ସହ ପ୍ରାନ୍ତ ସମ୍ପର୍କ ପ୍ରମୁଖ ତଥା ସମ ହସ୍ପିଟାଲ ନିର୍ଦ୍ଦେଶକ ଡ଼ଃ ବସନ୍ତ ପତି, ମୁଖ୍ୟବକ୍ତା ଭାବେ ସଂଘର ପୂର୍ବ ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ ଯୋଗ ଦେଇ ଭାରତକୁ ପରମ ବୈଭବଶାଳୀ ରାଷ୍ଟ୍ରରେ ପରିଣତ କରିବା ଏବଂ ବିଶ୍ୱ ଭାତୃତ୍ୱ ବୃଦ୍ଧି ଦିଗରେ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାଛଡ଼ା ସଂଘର ଶହେ ବର୍ଷ ଯାତ୍ରାର ଅନନ୍ୟ ଅନୁଭୂତି ବ୍ୟାଖ୍ୟା କରି ହିନ୍ଦୁ ଓ ହିନ୍ଦୁତ୍ୱ ରକ୍ଷା ପ୍ରତ୍ୟେକଙ୍କର ଦୀକ୍ଷା ହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ଉତ୍ସବରେ ନୟାଗଡ ଜିଲ୍ଲା ସଂଘଚାଳକ ହର ପ୍ରସାଦ ରଣସିଂହ ଉପସ୍ଥିତ ଥିବା ସମସ୍ତ ଅତିଥି ଓ ପ୍ରମୁଖ ନାଗରିକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସମ୍ପର୍କ ପ୍ରମୁଖ ଡ଼ଃ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସ୍ୱୟଂସେବକ ଜ୍ଞାନ ରଞ୍ଜନ ଦାସ ଗୀତି ଗାନ କରିଥିଲେ । ସଂଘ ପରିବାରର ସହଯୋଗୀ ଭଉଣୀମାନଙ୍କ ଦ୍ୱାରା ବନ୍ଦେ ମାତରଂ ଗାନ ଓ ଅତିଥି ସ୍ୱାଗତ କରାଯାଇଥିଲା । ସଂସ୍କାର ଭାରତୀ ଜିଲ୍ଲା ସଂଯୋଜକ ରଜନୀକାନ୍ତ ମହାପାତ୍ର ଏବଂ ଆଚାର୍ଯ୍ୟା ସୁନିତା ମିଶ୍ର ଏଥିରେ ସହଯୋଗ କରିଥିଲେ । ଅନୁଷ୍ଠିତ ସମାରୋହରେ ନୟାଗଡ ନଗର ସମେତ ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳରୁ ୨ଶହରୁ ରୁ ଉର୍ଦ୍ଧ୍ୱ ପ୍ରମୁଖ ନାଗରିକ ଓ ବୁଦ୍ଧିଜୀବୀ ଯୋଗଦେଇ ପୁଣ୍ୟଭୂମି ଭାରତବର୍ଷ ର ଗୌରବମୟ ଐତିହ ଓ ପ୍ରାଚୀନ ପରମ୍ପରାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଅନୁଷ୍ଠିତ ଆଲୋଚନାଚକ୍ର ଏବଂ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ ।

## ସମ୍ପାଦକୀୟ

# ମହିଳାଙ୍କୁ ଅବଳା କରାଯିବାର ପ୍ରୟାସ

ଲୋକସଭା ଓ ବିଧାନସଭାମାନଙ୍କରେ ମହିଳା ସଂରକ୍ଷଣ ସମ୍ବିଧାନ ସଂଶୋଧନ ବିଧେୟକ ବା ବିଲ୍ ଦୁଇ ତୃତୀୟାଂଶ ସମର୍ଥନ ଲାଭ ନ କରିବା ଯୋଗୁଁ କାଟ ଖାଇଥିଲା– ଗତ ଏପ୍ରିଲ ୧୮ (୨୦୨୬)ର ଲୋକସଭାର ସ୍ୱତନ୍ତ୍ର ଅଧିବେଶନ ଚାଲିଥିବା ସମୟରେ । ବିଜେପି ନେତୃତ୍ୱରେ ଚାଲିଥିବା ଏନ୍.ଡି.ଏ ସରକାର ଓ ମହିଳାମାନଙ୍କୁ ସଶକ୍ତ କରିବାକୁ ଚାହିଁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏହା ଏକ ବଡ଼ ଝଟକା ବୋଲି କଂଗ୍ରେସ କବଳିତ ବିରୋଧୀ ଦଳ ଓ କେତେକ ପ୍ରଚାରକ ପ୍ରକାଶ କରି ଆସୁଛନ୍ତି । ମାତ୍ର ଏହା ଭବିଷ୍ୟତରେ ଯେ ବିରୋଧୀ ଦଳଗୁଡ଼ିକ ପାଇଁ ଏକ ଝଟକା, ଏଥିରେ ସନ୍ଦେହ ନାହିଁ ।

ଏହି ବିଲ୍‌ଟିକୁ ଲୋକସଭାରେ ଭୋଟ ଦେବା ବେଳେ ମା', ଭଗିନୀ ଓ କନ୍ୟାମାନଙ୍କର ମଙ୍ଗଳ କାମନା କରି ସେମାନଙ୍କୁ ସ୍ମରଣ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେପରି ସଂସଦରେ ଅନୁରୋଧ କରିଥିଲେ, ତାହାକୁ ବିରୋଧୀ ଦଳଗୁଡ଼ିକ ମାନିଲେ ନାହିଁ । ଏପରିକି ମହିଳାଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରଚାର କରି ଆସୁଥିବା ତୃଣମୂଳ କଂଗ୍ରେସ ଦଳର ନେତ୍ରୀ ଓ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ ମଧ୍ୟ ମହିଳାଙ୍କ ପକ୍ଷରେ ଭୋଟ ଦେଇନାହାନ୍ତି ଲୋକସଭାରେ । ଏଥିରୁ ମନେ ହେଉଛି ମହିଳାମାନଙ୍କୁ ସବୁ ଦିନେ ଅବଳା ଭୂମିକାରେ ରଖି ପୁରୁଷ କିମ୍ବା ନାରୀ ନେତ୍ରୀମାନେ ଭୋଟ ହାତେଇବାକୁ ଚାହାଁନ୍ତି । ମହିଳାମାନେ ପୂର୍ବରୁ ଅବଳା ଥିଲେ, ମାତ୍ର ଏବେ ନୁହଁନ୍ତି । ସୈନ୍ୟ ଓ ସୁରକ୍ଷା ବାହିନୀରେ, ଯୁଦ୍ଧ କ୍ଷେତ୍ରରେ ହେଉ ବା ଆଇନ ଶୃଙ୍ଖଳା ପରିସ୍ଥିତି କ୍ଷେତ୍ରରେ ହେଉ, ସେମାନଙ୍କ ବଳିଷ୍ଠ ଭୂମିକାକୁ ଅସ୍ୱୀକାର କରି ହେବ ନାହିଁ । ସେମାନେ ମଧ୍ୟ କଷ୍ଟ ସହିଷ୍ଣୁ ଓ ବିବେକବାନ । ପୁରୁଷକୈନ୍ଦ୍ରିକ ସମାଜରେ ଅନେକ ଧନୀଘରର ପୁରୁଷମାନେ ମହିଳାମାନଙ୍କୁ ଘର କାମରେ ବ୍ୟବହାର କରି ନିଜେ ରାଜନୀତି ଓ ଅନ୍ୟାନ୍ୟ କ୍ଷେତ୍ରକୁ ଉପଭୋଗ କରିବା ପାଇଁ ଯେଉଁ ମାନସିକତା ରଖିଥାଆନ୍ତି, ଏବେ ଲୋକସଭାରେ ଭୋଟ ବେଳେ ତାହା ପ୍ରତିପାଦିତ ହୋଇଛି । ବିରୋଧୀ ରାଜନୀତିକ ଦଳଗୁଡ଼ିକର ଭବିଷ୍ୟତ ଯେ ଅନ୍ଧକାରମୟ ସେପରି ଆଶଙ୍କା କରାଯାଉଛି ।

**ବିରୋଧୀ ଦଳର ଏପରି ମନ୍ଦ ଉଦ୍ଦେଶ୍ୟର ପ୍ରଭାବ ୨୦୨୯ର ସାଧାରଣ ନିର୍ବାଚନ ଓ ତା'ପୂର୍ବରୁ ହେବାକୁ ଥିବା ବିଧାନସଭା ନିର୍ବାଚନମାନଙ୍କ ଉପରେ ପ୍ରତିଫଳିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ମହିଳାମାନେ ପୂର୍ବପରି ଅବଳା ରୁହନ୍ତୁ ବୋଲି ବିରୋଧୀ ଦଳ ଚାହୁଁଛି ବୋଲି ମଧ୍ୟ ଅଭିଯୋଗ ହେଉଛି ।**

କେନ୍ଦ୍ରର ଏନ୍.ଡି.ଏ ସରକାର 'ନାରୀଶକ୍ତି ବନ୍ଦନ ଅଧିନିୟମ' ବିଲ୍‌ଟିକୁ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ ଭାବରେ ଲୋକସଭାରେ ଆଗତ କରିଥିଲେ । ଏହି ସମ୍ବିଧାନ ସଂଶୋଧନ ବିଲ୍‌ଟି ବିନା ଜନଗଣନାରେ ଆସିଥାନ୍ତା ଓ ଆସନ୍ତା ୨୦୨୯ର ସାଧାରଣ ନିର୍ବାଚନ ବେଳକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଆଶା ରଖିଥିଲେ । ଜନଗଣନା ଯାହା ୨୦୨୬ରୁ ଆରମ୍ଭ ହୋଇ ୨୦୨୭ରେ ସରିଥାନ୍ତା, ତାହା ବିନା ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ କରାଯିବାକୁ ଏହି ବିଲ୍‌ରେ କୁହାଯାଇଥିଲା । ମାତ୍ର ତାହା ସମ୍ଭବ ହୋଇ ନଥିଲା । ଏହି ବିଲ୍ ଉପରେ ଲୋକସଭାରେ ଭୋଟ ଗ୍ରହଣ ସମୟରେ ୫୨୮ ଜଣ ସାଂସଦ ଉପସ୍ଥିତ ଥିବାବେଳେ ୨୯୮ ସାଂସଦ ବିଲ୍ ପକ୍ଷରେ ଭୋଟ ଦେଇଥିଲେ । ମାତ୍ର ବିଲ୍ ବିପକ୍ଷରେ ୨୩୦ ଜଣ ଭୋଟ ଦେଇଥିଲେ । ଏହି ବିଲ୍‌ଟି ପାରିତ ହୋଇଥା'ନ୍ତା, ଯଦି ଏନ୍‌ଡିଏ ସରକାରଙ୍କ ପକ୍ଷରେ ୩୨୬ ଜଣ ସାଂସଦ ଭୋଟ ଦେଇଥା'ନ୍ତେ । ମୂଳ ବିଲ୍‌ଟି କାଟ ଖାଇବା ପରେ, ୨୦୨୬ର ସୀମା ନିର୍ଦ୍ଧାରଣ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଇନ (ସଂଶୋଧନ) ବିଲ୍ ୨୦୨୬ ଦୁଇଟିକୁ ମଧ୍ୟ ଏନ୍.ଡି.ଏ ସରକାର ପ୍ରତ୍ୟାହାର କରି ନେଇଛନ୍ତି । ଫଳରେ ମହିଳା ସଂରକ୍ଷଣ ବିଲ୍ ୨୦୨୯ ବେଳକୁ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ମାତ୍ର ବିରୋଧୀ ଦଳର ଏପରି ମନ୍ଦ ଉଦ୍ଦେଶ୍ୟର ପ୍ରଭାବ ୨୦୨୯ର ସାଧାରଣ ନିର୍ବାଚନ ଓ ତା'ପୂର୍ବରୁ ହେବାକୁ ଥିବା ବିଧାନସଭା ନିର୍ବାଚନମାନଙ୍କ ଉପରେ ପ୍ରତିଫଳିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ମହିଳାମାନେ ପୂର୍ବପରି ଅବଳା ରୁହନ୍ତୁ ବୋଲି ବିରୋଧୀ ଦଳ ଚାହୁଁଛି ବୋଲି ମଧ୍ୟ ଅଭିଯୋଗ ହେଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,
ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ
ମୁଁ ଚୋରିକଲି ବୋଲି କହିବାକୁ ହେବ ।
(ମହାତ୍ମା ଗାନ୍ଧି)

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ନଈ ପାଣିରେ ହଜାର ହଜାର ଲିଟର କ୍ଷୀର ଢଳାଯିବା



ଡ. ମୃଣାଳ ଚାଟାର୍ଜୀ



ସମ୍ପ୍ରତି ମଧ୍ୟପ୍ରଦେଶର ସେହୋର ଜିଲ୍ଲା ସତଦେବ ଗ୍ରାମରେ ପାତାଳେଶ୍ୱର ମହାଦେବ ମନ୍ଦିର ପାଖରେ ଏକ 'ଅଭିଷେକ' ଆଚାର ଅବସରରେ ପ୍ରାୟ ୧୧,୦୦୦ ଲିଟର କ୍ଷୀର ନର୍ମଦା ନଦୀରେ ପ୍ରବାହିତ କରାଯାଇଥିଲା । ଏହାକୁ ନେଇ ଦେଶବ୍ୟାପୀ ବିବାଦ ସୃଷ୍ଟି ହୋଇଛି ।

ଅନେକେ କହିଲେ, ଏହି କ୍ଷୀର ହଜାର ହଜାର କୁପୋଷିତ ଶିଶୁଙ୍କୁ ଦିଆଯାଇ ପାରିଥାନ୍ତା । ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ ସରକାରୀ ତଥ୍ୟ (ଅଗଷ୍ଟ ୨୦୨୫) ଅନୁସାରେ, ମଧ୍ୟପ୍ରଦେଶରେ ପ୍ରାୟ ୧.୩୬ ଲକ୍ଷ ଶିଶୁ କୁପୋଷଣରେ ପୀଡ଼ିତ ।

ଏହାର ପ୍ରତିଯୁକ୍ତି ମିଳିଲା–କେହି ଯଦି ନିଜ ଇଚ୍ଛାରେ ନିଜ ଟଙ୍କାରେ କିଣିଥିବା ବା ନିଜ ଘରେ ଉତ୍ପାଦିତ କରିଥିବା କ୍ଷୀର ନଈ ପାଣିରେ ଢାଳିଦିଏ – ତେବେ କାହାର କଣ କହିବାର ଅଛି ?'

ବିଷୟଟି କିନ୍ତୁ ଏତେ ସରଳ ଆଉ ସୀମିତ ନୁହେଁ । ପରିବେଶ ବିଶେଷଜ୍ଞମାନେ କହୁଛନ୍ତି ଯେ, ଏପରି କାର୍ଯ୍ୟ ଜଳକୁ ଗଭୀର ଭାବେ ଦୂଷିତ କରେ । କିଛି ଅଧ୍ୟୟନ ଅନୁସାରେ, ନଈପାଣି ଉପରେ ଏତେ ପରିମାଣ କ୍ଷୀରର ପ୍ରଭାବ ସାଧାରଣ ଅଶୋଧିତ ଘରୋଇ ନିଷ୍କାସିତ ଜଳଠାରୁ ପ୍ରାୟ ୪୦୦ ଗୁଣା ଅଧିକ ହୋଇପାରେ ।

**ଏବେ ଦେଖାଯାଉ କେମିତି ଓ କଣ ପାଇଁ ଅଧିକ ପରିମାଣର କ୍ଷୀର ନଦୀ ଜଳକୁ ପ୍ରଦୂଷିତ କରେ ?**

କ୍ଷୀରରେ ଲାକ୍ଟୋଜ (ଚିନି), ପ୍ରୋଟିନ ଓ ଚର୍ବି ପରି ପୋଷକ ଉପାଦାନ ଅଧିକ ରହିଥାଏ । ଜଳରେ ବ୍ୟାକ୍ଟେରିଆ ଏହାକୁ ଶୀଘ୍ର ଭାବେ ଭାଙ୍ଗିଦେଇ ଅକ୍ସିଜେନକୁ ଶୋଷଣ କରେ ।

ଏହାକୁ 'ଉଚ୍ଚ ବାୟୋକେମିକାଲ ଅକ୍ସିଜେନ୍ ଡିମାଣ୍ଡ (BOD)' କୁହାଯାଏ, ଯାହା ଜଳକୁ ଅକ୍ସିଜେନ୍‌ହୀନ କରିଦିଏ । ଫଳରେ ମାଛ ଓ ଅନ୍ୟ ଜଳଚର ପ୍ରାଣୀ ଶ୍ୱାସରୋଧରେ ମରିଯାଆନ୍ତି ।

ବହୁ ପରିମାଣରେ କ୍ଷୀର ପଡିଲେ ନଦୀର ପାଣି ଶ୍ୱେତ ଓ ଧୂସର ହୋଇଯାଏ । ପରେ ଏହା କଳା କାଦୁଅର ଆକାର ନେଇ ନଦୀତଳକୁ ଆବରଣ କରେ, ଯାହା ଜଳଚର ଜୀବ ବିବିଧତାକୁ କ୍ଷତିଗ୍ରସ୍ତ କରେ । ଏହାର ଫଳରେ ଦୁର୍ଗନ୍ଧ ସୃଷ୍ଟି ହୁଏ ଓ ଅମ୍ଳ ବୃଦ୍ଧି ପାଇ ଜଳକୁ ଆଉ ଅଧିକ ଅକ୍ସିଜେନ୍‌ହୀନ କରେ ।

**ହିନ୍ଦୁ ଶାସ୍ତ୍ରକୁ ଭଲ ଭାବେ ଅଧ୍ୟୟନ କଲେ ଦେଖିବେ, ଏଥିରେ ନଦୀଜଳ ଦୂଷିତ ହେବ– ଏପରି ସବୁ କାର୍ଯ୍ୟକୁ ନିଷେଧ କରାଯାଇଛି । ଅଥର୍ବ ବେଦରେ ଜଳସ୍ରୋତକୁ ଅଶୁଚି କରାଯିବା ବିରୋଧରେ ସତର୍କ କରାଯାଇଛି ଓ ଜଳର ପବିତ୍ରତାକୁ ରକ୍ଷା କରିବାକୁ କୁହାଯାଇଛି । ରଗ ବେଦର 'ନଦୀ ସୂକ୍ତ' (୧୦.୭୫)ରେ ନଦୀମାନଙ୍କୁ ଜୀବନଦାୟିନୀ ଓ ଦିବ୍ୟ ମାତୃ ଭାବେ ବର୍ଣ୍ଣନା କରାଯାଇଛି ।**

ସାରକଥା, 'ଅଭିଷେକ' ନାମରେ କରାଯାଉଥିବା ଏହି ପୂଜା ପ୍ରକ୍ରିୟାର ଅଂଶ ଭାବରେ ଏତେ ପରିମାଣ କ୍ଷୀର ନଦୀକୁ ନିଶ୍ଚିତ ଭାବେ ପ୍ରଦୂଷିତ କରିବା ସହିତ ମୃତ୍ୟୁମୁଖୀ ବି କରିପାରେ । ଏହା କେବଳ 'ବ୍ୟକ୍ତିଗତ ପସନ୍ଦ ବା ଇଚ୍ଛା' ନୁହେଁ–ଏହା ଜନସ୍ୱାସ୍ଥ୍ୟ ଓ ପରିବେଶର ପ୍ରଶ୍ନ । ଏହିପରି କାର୍ଯ୍ୟ ପାଇଁ କଡ଼ା ଆଇନ ମଧ୍ୟ ଅଛି । ସମ୍ପୃକ୍ତ ରାଜ୍ୟ ସରକାର ଆଇନ ଅନୁସାରେ କଡ଼ା ପଦକ୍ଷେପ ନେବା ଉଚିତ ହୋଇଥାନ୍ତା ।

ଅନେକେ ଏ କାର୍ଯ୍ୟକୁ 'ଆମ ଧର୍ମରେ ରହିଛି' ବୋଲି କହିପାରନ୍ତି । ହଁ, କ୍ଷୀର ଅଭିଷେକର ପରମ୍ପରା ରହିଛି । ତେବେ ସବୁ ପରମ୍ପରା ମଣିଷ ତିଆରି । ଆଉ ସବୁ ପରମ୍ପରା ଶାସ୍ତ୍ର-ସମ୍ମତ ନୁହେଁ ।

ହିନ୍ଦୁ ଶାସ୍ତ୍ରକୁ ଭଲ ଭାବେ ଅଧ୍ୟୟନ କଲେ ଦେଖିବେ, ଏଥିରେ ନଦୀଜଳ ଦୂଷିତ ହେବ– ଏପରି ସବୁ କାର୍ଯ୍ୟକୁ ନିଷେଧ କରାଯାଇଛି । ଅଥର୍ବ ବେଦରେ ଜଳସ୍ରୋତକୁ ଅଶୁଚି କରାଯିବା ବିରୋଧରେ ସତର୍କ କରାଯାଇଛି ଓ ଜଳର ପବିତ୍ରତାକୁ ରକ୍ଷା କରିବାକୁ କୁହାଯାଇଛି । ରଗ ବେଦର 'ନଦୀ ସୂକ୍ତ' (୧୦.୭୫)ରେ ନଦୀମାନଙ୍କୁ ଜୀବନଦାୟିନୀ ଓ ଦିବ୍ୟ ମାତୃ ଭାବେ ବର୍ଣ୍ଣନା କରାଯାଇଛି ।

ଏହିପରିସ୍ଥିତିରେ, ନଦୀକୁ ପରିଚ୍ଛନ୍ନ ଓ ପବିତ୍ର ରଖିବା ଆମର କର୍ତ୍ତବ୍ୟ, ସଂସ୍କୃତିର ଦ୍ୱାହି ଦେଇ ନଷ୍ଟ କରିବା ଠିକ୍ ନୁହେଁ ।

*(ଲେଖକ ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନରେ ପ୍ରଫେସର ପଦରୁ ଅବସର ନେଇଛନ୍ତି । ସମାଜ-କେନ୍ଦ୍ରିକ ପ୍ରବନ୍ଧ ଲେଖି ସୁପରିଚିତ )*

**ନିର୍ମାଲ୍ୟ, VIP ୨୧, ଛତାବର, ଭୁବନେଶ୍ୱର -୭୫୨୦୫୪**
**ମୋ- ୯୪୩୭୦୨୬୧୯୪**

# ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଶ୍ରୀଜୟଦେବ



ଅନନ୍ତ ଗୋପାଳ ପଣ୍ଡା

ଉତ୍କଳୀୟ ଆଧ୍ୟାତ୍ମିକ ତଥା ସାରସ୍ୱତ ପରିମଣ୍ଡଳରେ ଯେଉଁ କତିପୟ ସାରସ୍ୱତ ସାଧକ ସେମାନଙ୍କର ଲେଖନୀ ନିଃସୃତ କାଳଜୟୀ ସୃଷ୍ଟି ଦ୍ୱାରା ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ତଥା ସେମାନଙ୍କର ସେହି ଅମ୍ଳାନ କୃତି ସେମାନଙ୍କୁ ଧରାପୃଷ୍ଠରେ ଅମର ଆସନରେ ଆସୀନ କରାଇଛି, ସେମାନଙ୍କ ମଧ୍ୟରେ ଭକ୍ତକବି ଜୟଦେବ ହେଉଛନ୍ତି ଅନ୍ୟତମ । ତାଙ୍କ ଦ୍ୱାରା ଦ୍ୱାଦଶ ଶତାବ୍ଦୀରେ ରଚିତ, ଦ୍ୱାଦଶ ସର୍ଗ ଆଧାରିତ, କାନ୍ତ କୋମଳ ପଦାବଳୀଯୁକ୍ତ, ଭକ୍ତି ଶୃଙ୍ଗାର ସମ୍ମିଶ୍ରିତ ତଥା ରାଧାକୃଷ୍ଣଙ୍କର ଆପ୍ରାକୃତ ପ୍ରେମରସ ସମନ୍ୱିତ କାଳଜୟୀ ସୃଷ୍ଟି ହେଉଛି 'ଶ୍ରୀଗୀତଗୋବିନ୍ଦ' କାବ୍ୟ ।

**ଅନନ୍ୟ ପ୍ରତିଭା ସମ୍ପନ୍ନ କବି ଜୟଦେବ ଦ୍ୱାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱରର ଅନତି ଦୂରରେ, ପ୍ରାଚୀ ନଦୀ କୂଳସ୍ଥ କେନ୍ଦୁବିଲ୍ୱ (କେନ୍ଦୁଲି) ଗ୍ରାମରେ ପିତା ଭୋଜଦେବ ଓ ମାତା ବାମାଦେବୀଙ୍କର କୋଳମଣ୍ଡନ ପୂର୍ବକ ଭୂମିଷ୍ଠ ହୋଇଥିଲେ ବୈଶାଖ ମାସ ଶୁକ୍ଳପକ୍ଷ ଅକ୍ଷୟ ତୃତୀୟା ତିଥିରେ ।**

ଅନନ୍ୟ ପ୍ରତିଭା ସମ୍ପନ୍ନ କବି ଜୟଦେବ ଦ୍ୱାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱରର ଅନତି ଦୂରରେ, ପ୍ରାଚୀ ନଦୀ କୂଳସ୍ଥ କେନ୍ଦୁବିଲ୍ୱ (କେନ୍ଦୁଲି) ଗ୍ରାମରେ ପିତା ଭୋଜଦେବ ଓ ମାତା ବାମାଦେବୀଙ୍କର କୋଳମଣ୍ଡନ ପୂର୍ବକ ଭୂମିଷ୍ଠ ହୋଇଥିଲେ ବୈଶାଖ ମାସ ଶୁକ୍ଳପକ୍ଷ ଅକ୍ଷୟ ତୃତୀୟା ତିଥିରେ । ପିତା ସଂସ୍କୃତ ପଣ୍ଡିତ ତଥା ମାଧବଙ୍କ ଉପାସକ ଥିବାରୁ ଜୟଦେବ ସଂସ୍କୃତ ଭାଷାରେ ଜ୍ଞାନ ଅର୍ଜନ ସହିତ ମାଧବଙ୍କର ଉପାସନା କରୁଥିଲେ । ମାତ୍ର ଏଗାର ବର୍ଷ ବୟସରେ ପିତାମାତାଙ୍କୁ ହରାଇ ବାଲ୍ୟବନ୍ଧୁ ପରାଶରଙ୍କ ସହିତ ଶ୍ରୀକ୍ଷେତ୍ରକୁ ଗମନ କରି ପର୍ଣ୍ଣକୁଟୀରରେ ଆଶ୍ରୟ ନେଇଥିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ଅନୁଯାୟୀ ଜୟଦେବ ଦାକ୍ଷିଣାତ୍ୟର ଶମ୍ଭୁଦେବ ଶର୍ମା ଓ ଅପର୍ଣ୍ଣା ଦେବୀଙ୍କ ଏକମାତ୍ର କନ୍ୟା ପଦ୍ମାବତୀଙ୍କର ପାଣିଗ୍ରହଣ କରିଥିଲେ ।

ଦୈବୀ କୃପାରୁ ପରମ ବିଦୂଷୀ, ଭକ୍ତିର ପୂଜାରିଣୀ ପଦ୍ମାବତୀଙ୍କ ସହିତ ପରିଣୟ ସଂଯୋଗରୁ ସୃଷ୍ଟି ହୋଇଥିଲା ଶୃଙ୍ଗାରରେ ରସାଣିତ, ଭକ୍ତିରସରେ ଆପ୍ଳୁତ, ଅପୂର୍ବ ଛନ୍ଦବିନ୍ୟାସଯୁକ୍ତ କାବ୍ୟ ଶ୍ରୀଗୀତଗୋବିନ୍ଦ ।

ଏହି ଭକ୍ତିରସ ପରିପୂର୍ଣ୍ଣ ମହାକାବ୍ୟ ଶ୍ରୀଗୀତଗୋବିନ୍ଦ ଦ୍ୱାଦଶ ସର୍ଗ ବିଶିଷ୍ଟ, ବାସ୍ତରୀ ଶ୍ଳୋକ ଆଧାରିତ, ଚବିଶଗୋଟି ଗୀତର ସମାବେଶରେ ପରିପୁଷ୍ଟ । ଏଥିରେ କବି ମାଳବ, ବସନ୍ତ, ରାମକେରୀ, ଭୈରବୀ, ଗୁର୍ଜ୍ଜରୀ ଆଦି ରାଗ ସହିତ ଏକତାଳୀ, ରୂପକ, ଯତି ଆଦି ତାଳର ପ୍ରୟୋଗ କରିଛନ୍ତି । ଏହି ଭାବଭକ୍ତି ସମନ୍ୱିତ ସାରସ୍ୱତ କାବ୍ୟରେ ମୁଖ୍ୟତଃ ରାଧାକୃଷ୍ଣଙ୍କର ବିରହ, ଅଭିମାନ ବ୍ୟଞ୍ଜିତ ଅଭିବ୍ୟକ୍ତି, ନାୟକାନୁନୟ, ପରସ୍ପର ମିଳନାତ୍ମକ ରତିପ୍ରୀତି, ରସସିକ୍ତ ଭାବେ ହୋଇଛି ବର୍ଣ୍ଣିତ । କବି ଜୟଦେବ ରସରାଜ ଶ୍ରୀକୃଷ୍ଣଙ୍କ ମନର ବିଭିନ୍ନ ଅବସ୍ଥାକୁ ଚେତନାରେ ଅନୁଭବ କରି ଦ୍ୱାଦଶ ଗୋଟି ସର୍ଗରେ କରିଛନ୍ତି ନାମକରଣ । ଯଥା – ସାମୋଦ ଦାମୋଦର, ଅକ୍ଳେଶ କେଶବ, ମୁଗ୍ଧ ମଧୁସୂଦନ, ସ୍ନିଗ୍ଧ ମଧୁସୂଦନ, ସାକାଙ୍‌କ୍ଷ ପୁଣ୍ଡରୀକାକ୍ଷ, ଧୃଷ୍ଟ ବୈକୁଣ୍ଠ, ନାଗର ନାରାୟଣ, ବିଲକ୍ଷ ଲକ୍ଷ୍ମୀପତି, ମୁଗ୍ଧମୁକୁନ୍ଦ, ଚତୁର ଚତୁର୍ଭୁଜ, ସାନନ୍ଦ ଦାମୋଦର ଓ ସୁପ୍ରୀତ ପିତାମ୍ବର ।

ଏହି ମହାକାବ୍ୟର ନାୟକ ହେଉଛନ୍ତି ରାସେଶ୍ୱର ଶ୍ରୀକୃଷ୍ଣ ଏବଂ ନାୟିକା ହେଉଛନ୍ତି ମହାଭାବ ସ୍ୱରୂପିଣୀ ଶ୍ରୀରାଧା । ଶ୍ରୀକୃଷ୍ଣ ଏବଂ ଶ୍ରୀଜଗନ୍ନାଥଙ୍କୁ ଏକ ଏବଂ ଅଭିନ୍ନ ଭାବେ ପ୍ରତିପାଦିତ କରିଛନ୍ତି ଜୟଦେବ । ଉଭୟ ହେଉଛନ୍ତି ଅବତାରୀ ଓ ଷୋଳକଳା ଯୁକ୍ତ । ଯଥା– ଅମୃତା, ମାନଦା, ପୂଷା, ତୁଷ୍ଟି, ପୁଷ୍ଟି, ରତି, ଧୃତି, ଶଶନୀ, ଚନ୍ଦ୍ରିକା, କାନ୍ତି, ଜ୍ୟୋସ୍ନା, ଶ୍ରୀ, ପ୍ରୀତି, ଅଙ୍ଗଦା, ପୂର୍ଣ୍ଣା, ଓ ପୂର୍ଣ୍ଣମୃତା । ସେ ମଧ୍ୟ ଶ୍ରୀରାଧା ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ କୌଣସି ପ୍ରଭେଦକୁ ତାଙ୍କ ଲେଖାରେ ପ୍ରଦର୍ଶିତ କରିନାହାଁନ୍ତି । ତାଙ୍କ ଦୃଷ୍ଟିରେ ହ୍ଲାଦିନୀ ଶକ୍ତି ସ୍ୱରୂପା ଶ୍ରୀରାଧା ହେଉଛନ୍ତି ମହାଲକ୍ଷ୍ମୀ । ଏହା ପ୍ରମାଣିତ ହୋଇଛି ଗୀତଗୋବିନ୍ଦର ପ୍ରଥମ ସର୍ଗରେ, ଯଥା– ଶ୍ରିତ କମଳା କୁଚ ମଣ୍ଡଳ । ଶ୍ରୀକୃଷ୍ଣ ହେଉଛନ୍ତି ରସର ସାଗର । ଏହି ରସ ଶବ୍ଦରୁ ରାସର ଉତ୍ପତ୍ତି । ରସମୟୀ ଶ୍ରୀରାଧା ଓ ଗୋପୀମାନଙ୍କ ସହିତ ରସରାଜ ଶ୍ରୀକୃଷ୍ଣଙ୍କର ବସନ୍ତ କାଳୀନ ମଧୁର ମିଳନ ହିଁ ବସନ୍ତ ରାସ ଭାବରେ ଗୀତଗୋବିନ୍ଦରେ ବର୍ଣ୍ଣିତ ହୋଇଛି ।

ନବରସରେ ପରିପୂର୍ଣ୍ଣ ଏହି କାବ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅତୀବ ପ୍ରିୟ । ସ୍ୱୟଂ ନୀଳାଦ୍ରୀବିହାରୀ ଗଜପତିଙ୍କ ରଚିତ 'ଅଭିନବ ଗୀତଗୋବିନ୍ଦ'କୁ ଜୟଦେବଙ୍କ କୃତ 'ଗୀତଗୋବିନ୍ଦ' ତଳେ ସ୍ଥାନିତ କରି ଏହି କାବ୍ୟର ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରିଛନ୍ତି । ବାଇଗଣ କିଆରିରେ ଗୀତଗୋବିନ୍ଦ ଗାନ କରୁଥିବା ତରୁଣୀର ମଧୁର କଣ୍ଠସ୍ୱରରେ ଆକର୍ଷିତ ହୋଇ ପ୍ରଭୁ ରତ୍ନ ସିଂହାସନ ତ୍ୟାଗ କରନ୍ତି । ଗମନ କରନ୍ତି ବାଇଗଣ କିଆରିକୁ । ଶ୍ରବଣ କରନ୍ତି ଲଳନାର କଣ୍ଠରୁ ନିଃସୃତ ଗୀତଗୋବିନ୍ଦ ।

ବାଇଗଣଗଛର କଣ୍ଟା ଲାଗି ଉତ୍ତରୀୟ ଚିରିଯାଏ, ଯାହା ସେବକମାନଙ୍କ ଦୃଷ୍ଟି ପଥାରୁଢ଼ ହୋଇ ଗୀତଗୋବିନ୍ଦ ପ୍ରତି ପ୍ରଭୁଙ୍କର ଦୁର୍ବଳତାକୁ ପରିପ୍ରକାଶ କରେ । ଏହି କାବ୍ୟକୁ ପରିପୂର୍ଣ୍ଣ କରିବା ନିମନ୍ତେ ପ୍ରଭୁ ଜୟଦେବ ରୂପ ଧାରଣ କରି ପଦ୍ମାବତୀଙ୍କ ସ୍ୱହସ୍ତ ପ୍ରସ୍ତୁତ ଖାଦ୍ୟ ଭୋଜନ ପୂର୍ବକ ଲେଖନୀ ଚଳାଇ ଲେଖିଛନ୍ତି 'ଦେହି ପଦ ପଲ୍ଲବ ମୁଦାରମ୍' ।

ଭଗବାନଙ୍କ କରସ୍ପର୍ଶରେ ଗୀତଗୋବିନ୍ଦ ଦିବ୍ୟ ତଥା ଶ୍ରେଷ୍ଠ କାବ୍ୟର ମାନ୍ୟତା ଲାଭ କରିଛି । ଏବେ ମଧ୍ୟ ଶ୍ରୀମନ୍ଦିର ସହିତ ଅନେକ ବିଷ୍ଣୁ ମନ୍ଦିରରେ ସନ୍ଧ୍ୟା ଆରତୀ ତଥା ପହୁଡ ସମୟରେ ଗୀତଗୋବିନ୍ଦ ଗାନର ଧାରା ଅବ୍ୟାହତ ରହିଅଛି । ସେହି ବିଶ୍ୱବନ୍ଦିତ, ପରମ ଭକ୍ତ ଜୟଦେବଙ୍କ ଜୟନ୍ତୀ ଅବସରରେ ତାଙ୍କ ପାଦତଳେ ଶତ କୋଟି ପ୍ରଣାମ ।

**ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର-୧୯**
**ମୋ-୯୮୬୧୪୭୦୧୯୮**

# ଦେବକବି ଶ୍ରୀଜୟଦେବ



ଡାକ୍ତର ଦୀନବନ୍ଧୁ ମହାରଣା

କବି ଶ୍ରୀଜୟଦେବ ନିଜର ଅମର କୃତି ଗୀତଗୋବିନ୍ଦ ପାଇଁ ବିଶ୍ୱବିଶ୍ରୁତ । ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ପ୍ରିୟ କାବ୍ୟଗ୍ରନ୍ଥ ହିସାବରେ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଏହି ଗୀତଗୋବିନ୍ଦ ଓତଃପ୍ରୋତ ଭାବେ ଜଡ଼ିତ ।

ମହାକବି ଶ୍ରୀଜୟଦେବ ଓଡ଼ିଶାର ଅଖ୍ୟାତ ପଲ୍ଲୀ କେନ୍ଦୁବିଲ୍ୱ (କେନ୍ଦୁଲି) ଗ୍ରାମରେ ଦ୍ୱାଦଶ ଶତାବ୍ଦୀରେ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ସେ ଏହି ମହାକାବ୍ୟଟିକୁ ପ୍ରାୟତଃ ଦ୍ୱାଦଶ ଶତକରେ ରଚନା କରିଥିବାର ପ୍ରମାଣ ଅଛି । ତାଙ୍କ ରଚିତ ଏହି ଗୀତଗୋବିନ୍ଦକୁ ଶ୍ରୀମନ୍ଦିରରେ ପ୍ରତ୍ୟହ ପାଠ କରାଯିବା ବ୍ୟବସ୍ଥା ବହୁ କାଳରୁ ଚଳି ଆସୁଛି । ମାଦଳା ପାଞ୍ଜି ଅନୁସାରେ ଏହି ବ୍ୟବସ୍ଥା ଗଙ୍ଗବଂଶର ରାଜା ନରସିଂହଦେବଙ୍କ ରାଜତ୍ୱ କାଳରୁ ହିଁ କରାଯାଇଥିଲା । କଥିତ ଅଛି ମହାପ୍ରଭୁ ଶ୍ରୀଜଗନ୍ନାଥ ଜୟଦେବଙ୍କୁ ଏହି ଗ୍ରନ୍ଥ ରଚନା କରିବାରେ ସାହାଯ୍ୟ କରିଥିଲେ । ଜୟଦେବ ସ୍ନାନ କରିବାକୁ ଯାଇଥିବା ବେଳେ ଅସଂପୂର୍ଣ୍ଣ ପାଣ୍ଡୁଲିପିର ଅପୂରଣୀୟ ସ୍ଥାନରେ ଠିକ୍ ପଦ 'ଦେହି ପଦପଲ୍ଲବ ମୁଦାରମ୍' ଲେଖି ପୂରଣ କରିଥିଲେ । ଶ୍ରୀ ଜୟଦେବ ଏହି କାବ୍ୟଟିକୁ ଓଡ଼ିଶାର ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିଥିଲେ । ମହାକବିଙ୍କ ଗୀତଗୋବିନ୍ଦ ଭାବ, ଭାଷା, ଲାଳିତ୍ୟ ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଏକ ସ୍ୱୟଂସଂପୂର୍ଣ୍ଣ ପବିତ୍ର ଗ୍ରନ୍ଥ ହୋଇଥିବାରୁ ପରବର୍ତ୍ତୀ କାଳରେ ଏହା ବହୁ ଭାଷାରେ ଅନୂଦିତ ହେବା ସହ ଏହାର କିଛି ଶ୍ଳୋକ ପ୍ରାନ୍ତୀୟ ଗ୍ରନ୍ଥଗୁଡ଼ିକରେ ଆଞ୍ଚଳିକ ଭାଷାରେ ଉଲ୍ଲିଖିତ ହୋଇଅଛି । ଏହାଛଡ଼ା ଶ୍ରୀଜଗନ୍ନାଥଙ୍କର ଶ୍ରୀମନ୍ଦିରରେ ଖଣ୍ଡୁଆ, ପହରଣ ଶାଢ଼ି ଆଦିରେ ଗୀତଗୋବିନ୍ଦର ପବିତ୍ର ପଦ ଲିଖିତ ହୋଇଛି ।

**ଡି.ଲିଟ୍ ପ୍ରାପ୍ତ ଆୟୁର୍ବେଦ ଚିକିତ୍ସକ ଓ ଗବେଷକ**
**ଓଡ଼ିଶା ଆୟୁର୍ବେଦ ସେବା ସଦନ,୧୧୧, ମୁନିସିପାଲ୍ ମାର୍କେଟ୍, ଓଏମ୍‌ପି ଛକ, କଟକ,ମୋ- ୯୪୩୭୦୪୩୧୦୩**

# ଜିଭ ରଙ୍ଗରୁ ବାରିହେବ ରୋଗ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଆମକୁ ସମସ୍ତ ଖାଦ୍ୟର ସ୍ୱାଦ ଜିଭରୁ ଜଣାପଡ଼ିଥାଏ । ଆମର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଅତୀବ ଗୁରୁ ଦାୟିତ୍ୱ ନିର୍ବାହ କରିଥାଏ । ଜଣଙ୍କର ଜିଭ ନଥିଲେ, ଖାଦ୍ୟର ସ୍ୱାଦ ବାରିବା ତ ଦୂରର କଥା ସେ କଥା କହିବାର ଶକ୍ତି ହରାଇଥାଏ । ସେ ଜଣେ ମୂକ ଭାବେ ସମାଜରେ ପ୍ରତୀୟମାନ ହୋଇଥାଏ । ଏହା ସହ ଆମ ଜିଭର ରଙ୍ଗରୁ ମଧ୍ୟ ଅନେକ ରୋଗ ସମ୍ପର୍କରେ ଜାଣିହେବ । ତାହା କିପରି ସମ୍ଭବ ଆସନ୍ତୁ ସେ ସମ୍ପର୍କରେ ଆଲୋକପାତ କରିବା । ବିଭିନ୍ନ ସଂକ୍ରମଣରୁ ଜିଭ ଧଳା ତଥା ଶ୍ୱେତ ଦିଶିଥାଏ । ନଚେତ ଲ୍ୟୁକୋପ୍ଲାକିୟାରେ ମଧ୍ୟ ଜିଭର ରଙ୍ଗ ଧଳା ଦେଖାଯାଏ । ମୁଖ୍ୟତଃ ଛୋଟ ପିଲା ତଥା ବୟସ୍କଙ୍କ ଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ । ଧଳା ରଙ୍ଗର ଜିଭ ଡିହାଇଡ୍ରେସନ ସମସ୍ୟାକୁ ମଧ୍ୟ ଦର୍ଶାଇ ଥାଏ । ଜିଭର ରଙ୍ଗ କଳା ଦେଖାଯିବା ଗଳା ସଂକ୍ରମଣ କିମ୍ବା ଜୀବାଣୁର ସଙ୍କେତ ଦେଇଥାଏ ।

ମାତ୍ରାଧିକ୍ୟ ଔଷଧ ସେବନ, ଅଧିକ କେରାଟିନରୁ ଜିଭର ରଙ୍ଗ ମଧ୍ୟ କଳା ହୋଇଯାଏ । ମଧୁମେହ ଓ କର୍କଟ ରୋଗ କିମ୍ବା ପେଟରେ ଘା' ହେଲେ ମଧ୍ୟ ଜିଭ କଳା ରଙ୍ଗ ହୁଏ । ସେହିପରି ଜିଭ ହଳଦିଆ ରଙ୍ଗ ଦେଖାଗଲେ, ଏହା କାମଳ ରୋଗକୁ ସୂଚାଏ । ସର୍ବଦା ଡାକ୍ତରଙ୍କ ପରାମର୍ଶ ନେଇ ଜିଭ ରଙ୍ଗ ଅନୁସାରେ ଚିକିତ୍ସା କରିବା ନିହାତି ଜରୁରୀ । ଜିଭ ଲାଲ ହେବା କାୱାସାକି ରୋଗ, ଭିଟାମିନ ଅଭାବ କିମ୍ବା ଏଲର୍ଜିର ସଙ୍କେତ ଦେଇଥାଏ । ପିଲାଙ୍କୁ ଜ୍ୱର ଥିଲେ ମଧ୍ୟ ଜିଭ ଲାଲ ରଙ୍ଗ ହୋଇଥାଏ । ନୀଳ ରଙ୍ଗ ଜିଭକୁ ସବୁଠୁ ଅଧିକ ବିପଦଜ୍ଜନକ କୁହାଯାଏ । କାରଣ ଜିଭ ନୀଳ ରଙ୍ଗ ହେବା ହୃଦ୍ ସମସ୍ୟାର ସଙ୍କେତ ଦିଏ । ହୃତପିଣ୍ଡରେ ରକ୍ତ ସଞ୍ଚାଳନ ଧୀର ହେଲେ ତଥା ଶରୀରରେ କମ୍ ଅମ୍ଳଜାନ ଯୋଗୁଁ ଜିଭ ରଙ୍ଗ ନୀଳ ଦେଖାଯାଏ । ତେଣୁ ହୃଦ୍‌ଜନିତ ଏକ ଗମ୍ଭୀର ସମସ୍ୟା ହୋଇଥିବାରୁ ଏଥିପ୍ରତି ସତର୍କ ରହିବା ଆବଶ୍ୟକ । ଯଦି ଜିଭ ରଙ୍ଗ ଫିକା କିମ୍ବା ହାଲୁକା ଗୋଲାପୀ ରଙ୍ଗ ଦେଖାଯାଏ, ରକ୍ତ ଅଭାବର ଏହା ସଙ୍କେତ ଦିଏ । ଫଳରେ ରକ୍ତହୀନତା, ଭିଟାମିନ ବି-୧୨ର ଅଭାବ ପରିଲକ୍ଷିତ ହୁଏ । ଏହା ସହ ହଜମଜନିତ ସମସ୍ୟା ଥିଲେ ମଧ୍ୟ ଏହି ରଙ୍ଗ ଦେଖାଯାଏ ।

ଫିକା ଗୋଲାପୀ ତଥା କୌଣସି ଦାଗ ନଥିବା ଜିଭ ହିଁ ସୁସ୍ଥତାକୁ ସୂଚାଏ । ପ୍ରତିଦିନ ନିୟମିତ ଜିଭ ପରିଷ୍କାର ରଖନ୍ତୁ ଏବଂ ଜିଭ ସହି ପାରୁନଥିବା ଅତ୍ୟଧିକ ଥଣ୍ଡା ବା ଗରମ ଖାଦ୍ୟ ବା ପାନୀୟ ଗ୍ରହଣ ନକରିବା ଭଲ । ଜିଭରେ କୌଣସି କ୍ଷତ ହେଲେ ଏହା ପରବର୍ତ୍ତୀ ସମୟ ପାଇଁ ବଡ଼ ଅସୁବିଧାଜନକ ବୋଲି ସାବ୍ୟସ୍ତ ହୋଇଥାଏ । ଖାଦ୍ୟ ଖାଇବା ପରେ ବା ଯେକୌଣସି ପାନୀୟ ଗ୍ରହଣ କରିବା ପରେ ଜିଭକୁ ଭଲ ଭାବେ ପରିଷ୍କାର ରଖିବା ଆବଶ୍ୟକ ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,**
**ମୋ- ୯୪୩୮୨୭୬୭୬୦**

# ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ : ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

ସୋର, (ସବ୍ୟୁ): ଗତ ଫେବୃଆରୀ ମାସ ୧୧ ତାରିଖରେ ସୋର ଥାନା କ୍ଷୀରକୋଣି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । କ୍ଷୀରକୋଣି ଗ୍ରାମର ଶୁଭମ ବିଶ୍ୱାଳ ଏବଂ ଲକ୍ଷ୍ମଣ ବିଶ୍ୱାଳ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ନୀଳକ= ବେହେରା ଏବଂ ଭଗବତୀ ବେହେରାଙ୍କୁ ତାଙ୍କ ଘରେ ପଶି ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ନୀଳକ= ଏବଂ ଭଗବତୀ ଗୁରୁତର ଆହତ ହୋଇଥିବାରୁ ଗ୍ରାମବାସୀ ମାନେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା ।ଏ ବାବଦରେ ନୀଳକ=ଙ୍କ ଝିଅ ଦିବ୍ୟାଭାରତୀ ବେହେରା ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୧୪୬/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ପୂର୍ବରୁ ଲକ୍ଷ୍ମଣ ବିଶ୍ୱାଳ(୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ଘଟଣାରେ ସଂପୃକ୍ତ ଥିବା ଶୁଭମ ବିଶ୍ୱାଳ ଫେରାର ଥିବା ବେଳେ ଶୁକ୍ରବାରି ରାତିରେ ତାଙ୍କୁ ସୋର ପୁଲିସ ଗିରଫ କରି ଶନିବାର ପରାହ@ରେ କୋର୍ଟ ଚାଲାଣ କରିଛି ।

# ବିଡିଏର ୬୮ ଏକର ଜମି ବିକି ମାଫିଆ ନେଲେ ୫୦ କୋଟି

ଭୁବନେଶ୍ୱର,୧୯।୪,(ସବ୍ୟୁ): ବିଡିଏର ୬୮ ଏକର ଜମି ବିକ୍ରି କରି ମାଫିଆ ନେଇ ଗଲେ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା । ୬୮୦ ଘରେ ରହୁଥିବା ଗରୀବ ବାସିନ୍ଦା ସର୍ବସ୍ୱ ହରାଇଲେ । ହେଲେ ଅସତ ଉପାୟରେ ଜମି ବିକ୍ରି ଟଙ୍କା ନେଇଥିବା ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହେଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନଜରକୁ ଏକଥା ଆସିବା ପରେ ଖୁବ ଶୀଘ୍ର ଅସାଧୁ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗଣମାଧ୍ୟମକୁ କହିଛନ୍ତି ।

- ୬୮୦ ଘର ଭାଙ୍ଗିବା ପରେ ସର୍ବସ୍ୱ ହରାଇଲେ ଗରିବ ବାସିନ୍ଦା
- ଅସାଧୁ ଜମି ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ

ରାଜଧାନୀ ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ସାଁପୁର ମୌଜାରେ ବିଡ଼ିଏ ୬୮ ଏକର ଜମି ଉପରେ ପାଚିରୀ ବୁଲାଇଥିଲା । କାରଣ ସାଧାରଣ ପ୍ରଶାସନ ବିଭାଗ ଉନ୍ନୟନ କାର୍ଯ୍ୟ ପାଇଁ ବିଡ଼ିଏକୁ ଏହି ଜମି ହସ୍ତାନ୍ତର କରିବା ପରେ ପାଚେରୀ ବୁଲାଯାଇଥିଲା । ହେଲେ ସେହି ପାଚେରୀର ଗୋଟିଏ ପାର୍ଶ୍ୱକୁ ଅସାଧୁ ଜମି ମାଫିଆମାନେ ଭାଗି ୬୮୦ ପରିବାରକୁ ବିକ୍ରି କରିଥିଲେ । ଜମିର ମୂଲ୍ୟ ଆୟତନ ଅନୁଯାୟୀ ୧ ଲକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏଁ ଦେଇଛନ୍ତି , ଘର କରି ରହିଥିବା ପ୍ରତି ପରିବାର । ଭୂ-ଦାନ ଜମି କହି ମାଫିଆମାନେ ଟଙ୍କା ନେବା ପରେ ନୋଟାରୀ କାଗଜ କରି ଦେଇଥିବା କ୍ଷତିଗସ୍ତ ପରିବାର ଦେଖାଉଛନ୍ତି ।

ମାଫିଆମାନଙ୍କ ସମ୍ପର୍କରେ କ୍ଷତିଗ୍ରସ୍ତ ବାସିନ୍ଦାମାନେ ସବିଶେଷ ତଥ୍ୟ ପ୍ରଶାସନକୁ ଜଣାଇଛନ୍ତି । ସେମାନଙ୍କ ତଥ୍ୟ ପାଇବା ପରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ସେଠାରେ ରହୁଥିବା ଲୋକମାନଙ୍କ ଘରକୁ ବିଦ୍ୟୁତ ସଂଯୋଗ ପାଇଁ ବାରଣ କରାଯାଇଥିଲେ ମଧ୍ୟ କେତେକ ଘରକୁ ବିଦ୍ୟୁତ ସଂଯୋଗ ହୋଇଥିଲା । ମିଳିତ ଉଚ୍ଛେଦକାରୀ ଦଳ ଫୋର୍ସଙ୍କୁ ସାଙ୍ଗରେ ଧରି ୩ ଦିନ ଉଚ୍ଛେଦ କାର୍ଯ୍ୟ କରିବା ପରେ ୬୮୦ ପରିବାର ଘରଦ୍ୱାର ହରାଇଛନ୍ତି । କିଏ ଗଛ ତଳେ ରହୁଛନ୍ତି ତ ଆଉ କିଏ ଜରି ଟାଣି ରହୁଛନ୍ତି । ସେମାନଙ୍କ ଠାରୁ ଟଙ୍କା ନେଇ ମାଫିଆମାନେ ବିଳାସପୂର୍ଣ୍ଣ କାର ଚଢୁଥିବା ବେଳେ ଏମାନେ ସର୍ବୋସ୍ୱ ହରାଇଛନ୍ତି । ଏପରିକି ମାଫିଆମାନେ ସେଠାରେ ଅସ୍ଥାୟୀ ରାସ୍ତା ମଧ୍ୟ ଲୋକଙ୍କ ପାଇଁ ତିଆରି କରିଥାନ୍ତି । ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଟଙ୍କା ଦେଇ ବିଦ୍ୟୁତ ସଂଯୋଗ କରାଇଥିଲେ ମାଫିଆମାନେ । ଉଚ୍ଛେଦ କାର୍ଯ୍ୟ ୩ ଦିନ ଚାଲିବା ପରେ ସେହି ୬୮ ଏକର ଜମିରେ ଥିବା ଘର ଦ୍ୱାର ଛାରଖାର ହୋଇଯାଇଛି । ଗଦା ହୋଇ ରହିଛି କେବଳ ସିମେଣ୍ଟ କାନ୍ଥ, ଭଙ୍ଗା ଆଜବେଷ୍ଟିସ୍ ଓ କେତେକ ଭଙ୍ଗା ଛାତ । ବିଡିଏ ପାଚେରୀ ବୁଲାଇବା ପରେ ଜମି ଉପରେ ନିଘା ନରଖିବାରୁ ୬୮ ଏକର ଜମି ବିକ୍ରି ହୋଇଗଲା । ଏହା ଦିନେ ଦୁଇ ଦିନ କଥା ନୁହେଁ, ମାଫିଆମାନେ ବର୍ଷ ବର୍ଷ ଧରି ଏହି କାର୍ଯ୍ୟ କହିଥିଲେ ମଧ୍ୟ ତାଙ୍କୁ ପ୍ରଶାସନ ପ୍ରତିରୋଧ ନକରିବାର କାରଣ କ'ଣ ? ଯଦି ବିଡ଼ିଏ ଜବରଦଖଲ ଆରମ୍ଭରୁ ପ୍ରତିରୋଧ କରିଥାନ୍ତା ତେବେ ଉଚ୍ଛେଦ ପାଇଁ ପ୍ରଶାସନିକ ଅର୍ଥ ବ୍ୟୟ ହୋଇନଥାନ୍ତା । ୩ ଦିନ ସେଠାରେ ଫୋର୍ସ ମୁତୟନ ରଖି ମିଳିତ ଉଚ୍ଛେଦକାରୀ ଦଳ ଉଚ୍ଛେଦ କାର୍ଯ୍ୟ କରିଥିଲା । ଯେତେ ପ୍ରତିବାଦ ହେଉଥିଲେ ମଧ୍ୟ ପ୍ରଶାସନ କିଛି ଶୁଣି ନଥିଲା । ଯାହା ଫଳରେ ତୀବ୍ର ଉତ୍ତେଜନା ସତ୍ତ୍ୱେ ଟାର୍ଗେଟ୍ ଅନୁଯାୟୀ ଉଚ୍ଛେଦ କାର୍ଯ୍ୟରେ ପ୍ରଶାସନ ସଫଳ ହେଲା । ହେଲେ ଗରିବ ଲୋକଙ୍କ ଠାରୁ ୫୦ କୋଟି ଟଙ୍କା ନେଇଥିବା ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ କ୍ଷତିଗ୍ରସ୍ତ ପରିବାର ଦାବି କରିଛନ୍ତି ।

# ଟିଭି ଦେଖିବାକୁ ମନା କରିବାରୁ ନାବାଳିକାର ଆତ୍ମହତ୍ୟା

ବାଲେଶ୍ୱର ,(ସବ୍ୟୁ): ଟିଭି ଦେଖିବାକୁ ମନା କରିବାରୁ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କଲେ ନାବାଳିକା । ମୃତକ ହେଉଛନ୍ତି ଧରିତ୍ରୀ ମହାରଣା(୧୫) । ରବିବାର ମଧ୍ୟାହ୍ନରେ ଏହି ଅଭାବନୀୟ ଘଟଣା ଘଟିଛି । ସେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀରେ ପାଠ ପଢୁଥିଲେ ବାଲେଶ୍ୱର ଜିଲା ସିମୁଳିଆ ଥାନା କୁପୁରା ଅଞ୍ଚଳରେ ରବିବାର ମଧ୍ୟାହ୍ନରେ ଏହି ଅଭାବନୀୟ ଘଟଣା ଘଟିଛି । ରବିବାର ଦ୍ୱିପ୍ରହରରେ ଗାଧୋଇବା କିମ୍ବା ଖିଆପିଆ ନକରି ଟିଭି ଦେଖୁଥିବାରୁ ଧରିତ୍ରୀଙ୍କୁ ତାଙ୍କ ମାଆ ଆକଟ କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଧରିତ୍ରୀ ଗାଧୋଇବା ଘର ଭିତରପଟୁ କବାଟ ବନ୍ଦ କରି ଗାମୁଛା ସାହାଯ୍ୟରେ ଫାଶୀ ଦେଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ସେ କବାଟ ଖୋଲି ନଥିବାରୁ ତାଙ୍କ ମାଆ ପୋଡଶୀମାନଙ୍କୁ ଡାକି କବାଟ ଭାଙ୍ଗି ତାଙ୍କୁ ସିମୁଳିଆ ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

# ଗ୍ରାମରକ୍ଷୀଙ୍କ ପାରିଶ୍ରମିକ ୧୮ ହଜାରକୁ ବୃଦ୍ଧି ଦାବି

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକରେ ଦୁଇଟି ଥାନା ଓ ଗୋଟିଏ ଫାଣ୍ଡି ରହିଛି ।ଏହାରି ଅଧୀନରେ ପ୍ରାୟ ୧୮ ଜଣରୁ ଉର୍ଦ୍ଧ ଗ୍ରାମରକ୍ଷୀ ଦୀର୍ଘଦିନ ହେବ କାର୍ଯ୍ୟ କରି ଆସୁଛନ୍ତି ।ସେମାନଙ୍କର ମାସକ ମଧ୍ୟରେ ୨୬ ଦିନ ମୌଜାରେ କାର୍ଯ୍ୟ କରୁଥିବା ବେଳେ ଆଉ ବାକି ଚାରି ଦିନ ଥାନାକୁ ଆସି ଅଞ୍ଚଳରେ ଘଟୁଥିବା ବିଭିନ୍ନ ଘଟଣା ଯଥା - ଚୋରି,ଡକାୟତି,ରାହାଜାନୀ,ଦୁର୍ଘଟଣା, ନିଶାକାରବାର ,ଅପରାଧୀଙ୍କ ବିଷୟରେ ଥାନା ଅଧିକାରୀଙ୍କୁ ସୂଚନା ଦେଇଥାନ୍ତି ।ହଲେ ସେମାନେ ଆଜି ସ୍ୱଳ୍ପ ପାରିଶ୍ରମିକ ଯୋଗୁ ପରିବାର ପ୍ରତିପୋଷଣ କରିବାରେ ଅସମର୍ଥ ଓ ଅବହେଳିତ ଅବସ୍ଥାରେ ଦିନ ବିତାଉଥିବା ଅଭିଯୋଗ ଆଣିଛନ୍ତି । ରାଜ୍ୟ ଗ୍ରାମରକ୍ଷୀ ମହାସଂଘ ପୂର୍ବ ସରକାରଙ୍କ ନିକଟରେ ପାରିଶ୍ରମିକ ବୃଦ୍ଧି ନେଇ ବାରମ୍ବାର ଦାବି କରିବା ପରେ ଗୃହ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୩୮୦୦/୦୭/୧୦/୨୦୨୨ ରେ ସେମାନଙ୍କର ପାରିଶ୍ରମିକ ୧୮୦୦ରୁ ୬୦୦୦ ଟଙ୍କା ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ପୂର୍ବ ସରକାର ଏହାକୁ କାର୍ଯ୍ୟକାରୀ ନକରିବାରୁ ପୁନଶ୍ଚ ରାଜ୍ୟ ଗ୍ରାମରକ୍ଷୀ ମହାସଂଘ ଏବେର ସରକାର ନିକଟେ ପାରିଶ୍ରମିକ ବୃଦ୍ଧି ନେଇ ଦାବୀ କରିବାପରେ ଗୃହ ବିଭାଗ ପକ୍ଷରୁ ଚିଠି ପତ୍ର ସଂଖ୍ୟା ୩୦୭୫/୨୩/୦୧/୨୦୨୬ ରେ ସେମାନଙ୍କର ପାରିଶ୍ରମିକ ୧୮ଶହ ରୁ ୨୫ଶହ କରାଯାଇଛି । ବିଡ଼ମ୍ବନାର ବିଷୟ ପୂର୍ବ ସରକାର ୬ହଜାର ଟଙ୍କା ଘୋଷଣା କରି ଦେଇନଥିବା ବେଳେ ଏବେର ସରକାର ମାତ୍ର ୨୫ଶହଟଙ୍କା ଘୋଷଣା କରିବା ପରେ ରାଜ୍ୟ ଗ୍ରାମରକ୍ଷୀ ମହାସଂଘ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି ।ସେମାନଙ୍କ ନାର୍ଯ୍ୟ ଦାବୀ ମାସିକ ୧୮ ହଜାର ଟଙ୍କା ନଦେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ସଭାପତି ଯୁଧିଷ୍ଠିର ମଲ୍ଲିକ ସୂଚନା ଦେଇଛନ୍ତି ।ଏହି କାର୍ଯ୍ୟକ୍ରମରେ ଅଜୟ ମଲ୍ଲିକ,ବିପିନ ମଲ୍ଲିକ,ବିରଞ୍ଚି ମଲ୍ଲିକ,ରବୀନ୍ଦ୍ର ମଲ୍ଲିକ,ଚନ୍ଦ୍ରମଣି ମଲ୍ଲିକ,ଅକ୍ଷୟ ଦାସ,ପ୍ରଫୁଲ୍ଲ ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# କୋଣାର୍କ ମନ୍ଦିର ପରିଦର୍ଶନ କଲେ ସାସିଆଲ ମିଡିଆ ଇନଫ୍ଲୁଏନସର ପ୍ରତିନିଧି ମଣ୍ଡଳୀ



କୋଣାର୍କ ,(ସବ୍ୟୁ): ଶନିବାର ଅପରାହ୍ନ ସମୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ସହଯୋଗରେ ବିଭିନ୍ନ ଦେଶର ସୋସିଆଲ ମିଡିଆ ଇନଫ୍ଲୁଏନସର ପ୍ରତିନିଧି ମଣ୍ଡଳୀ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିବା ଜଣାପଡିଛି । କୋଣାର୍କ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିନିଧି ମଣ୍ଡଳୀ ପହଞ୍ଚିବା ପରେ ସେମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପରେ ପରେ ସେମାନେ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ପରିଦର୍ଶନ କରିଥିଲେ । ସେଠାରେ ଗାଇଡ ଅନିମେଶ ମଲ୍ଲିକ ବିଦେଶୀ ଇନଫ୍ଲୁଏନସର ମାନଙ୍କୁ ମନ୍ଦିର ର ଐତିହ୍ୟ, ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ । ମନ୍ଦିର ସମ୍ପର୍କରେ ଅବଗତ ହୋଇ ସେମାନେ ଖୁସି ବ୍ୟକ୍ତ କରିଥିଲେ ।ପରେ ପରେ ସେମାନେ ଆଇଓସିଏଲର ପର୍ଯ୍ୟଟନ କେନ୍ଦ୍ର ବୁଲିବା ସହ କୋଣାର୍କ ସମ୍ପର୍କିତ ଡକୁମେଣ୍ଟାରୀ ଫିଲ୍ମ ଦେଖିଥିଲେ ।ଏହି ଟିମ ରେ ମିଆଁମାରରୁ ନୁ ମିଆତ ଥେଇଙ୍ଗି ଓ,ନାଇଙ୍ଗି ସୁଇ ଓ,ଭୁଟାନ ରୁ ଦୋର୍ଜି ଗେଲଷ୍ଟହେନ, ତେନଜିନୟାଙ୍ଗଚେନ, କାମ୍ବୋଡିଆରୁ ହେଙ୍ଗ ଖେମା,ସୋକ ସନିତା,ଲାଓସୋରୁ ସିରିସୋଫା ଫିମାକାୟୋସୋନ, ସୁକିଫୋନ ଭୋଙ୍ଗସାକ,ମାଲେସିଆରୁ ମାରହମ ବିନ ମଣ୍ଡୟୁସୁଫ,ତାଙ୍ଗ ହଙ୍ଗ ତି, ମାଙ୍ଗୋଲିଆରୁ ବାଡମାରଗ ଚୁଲୁନବାତର, ନ୍ୟାମଦରୀ ବାଇଗଲମା,ନେପାଳ ରୁ ପ୍ରକାଶ ଅଧିକାରୀ, ଶ୍ରୀଜନ ଓଲୀ,ସିଙ୍ଗାପୁର ରୁ ଲୀ ଫଙ୍ଗ କୁମ୍,ଲୀ ଜିଆଇ ତ୍ରିସିଆ,ଚାନ ଚୁଇ କୁଏନ ପ୍ରିସିଲା,ଥାଇଲାଣ୍ଡ ରୁ ମିସ ନିଶା ନାଶୋନଜାଇ, ନାପୋଲ ଲାପୋର୍ଣ୍ଣସିରିକୁଲ,ଭିଏତନାମ ରୁ ଲୀ ଥୁକ ହିଏନ,ଡାଓ ଥି ମିନହ ଟ୍ରାଙ୍ଗ,ହା ଲେ ଡିଏମ ସାମିଲ ହୋଇ ପରିଦର୍ଶନ କରିଥିଲେ ।ବୈଦେଶିକ ମନ୍ତ୍ରାଳୟ ର ମିଡିଆ ଲିଆସନ ଅଫିସର ଚନ୍ଦ୍ରେଶ୍ୱର ସିଂ ଓ ଉଜ୍ଜ୍ୱଳ ଗିରି ଏହି ପରିଦର୍ଶକଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନକୁ ପରିଭ୍ରମଣରେ ସହାୟତା କରିଥିଲେ ।ନୋଡାଲ ଅଫିସର ଭାବେ ସୂଚନା ଅଧିକାରୀ ସୁଶ୍ରୀ ଶାଶ୍ୱତିକା ମହାପାତ୍ର,ଏମ ଅଭିଷେକ, ଆଦିତ୍ୟ ନାରାୟଣ ସାମଲ ଓ ଅନିଶା କର ତାଙ୍କୁ ସହଯୋଗ କରିଥିଲେ ।

# ପୁରୀରେ ହେବ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

ଭୁବନେଶ୍ୱର,୧୯।୪,(ସବ୍ୟୁ) : ଆସନ୍ତା ୨୧ ତାରିଖ ଦିନ ପୁରୀ ଠାରେ ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବାଚସ୍ପତିଙ୍କ ଭୂମିକା ସମ୍ପର୍କିତ କମିଟି ସମ୍ମିଳନୀ ଅନୁଷ୍ଠିତ ହେବ । ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ସୁରେଶ ନରୱେକର ଏଥିରେ ଅଧ୍ୟକ୍ଷତା କରିବେ । ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ମହାରାଷ୍ଟ୍ର, କର୍ଣ୍ଣାଟକ, ନାଗାଲାଣ୍ଡ ବିଧାନସଭାର ବାଚସ୍ପତିମାନେ ଯୋଗଦେଇ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିରୋଧ ଆଇନର ପ୍ରାସଙ୍ଗିକତା ଓ ପରିଣତି ଏବଂ ଏହାକୁ କିପରି ରୋକାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବେ । ଏହି ସମ୍ମିଳନୀରେ ସମ୍ବିଧାନ ବିଶେଷଜ୍ଞମାନଙ୍କ ସହ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଓ ଲୋକସଭା ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଧାନସଭାର ସଚିବମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ରନ୍ଧା ମଦ ସହ ପୋଚ ଜବତ, ୪ ଗିରଫ

ସୋର, (ସବ୍ୟୁ) : ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲଙ୍କ ଦ୍ୱାରା ଗଠିତ ଏକ ଟିମ ସୋର ଥାନା ଅନ୍ତର୍ଗତ ନୂଆଗାଁ, ବନ୍ଧସାହି, ବାଉଁଶପାଳ, କୁ ଖଞ୍ଜାମହଲ ଓ ମୁନି ସବିରା ଗ୍ରାମରେ ଚଢ଼ାଉ କରି ୩୬୫ ଲିଟର ଦେଶୀ ରନ୍ଧା ମଦ ଓ ୨୭୦୦ ଲିଟର ଗୁଡ଼ ପୋଚ ଜବତ କରାଯିବା ସହିତ ବାଉଁଶପାଳ ଗ୍ରାମର ଗୌରୀ ସିଂ, କୁ ଗ୍ରାମର କମଳା ଦଳେଇ , ଖଞ୍ଜାମହଲ ଗ୍ରାମର ପୂଜାଦେବୀ ସିଂ ଏବଂ ମୁନି ସବିରା ଗ୍ରାମର ଆରତୀ ଜେନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସୋର ଆଦର୍ଶ ଅବକାରୀ ଥାନା ସହ ଉପ-ନିରୀକ୍ଷକ ବସନ୍ତ କୁମାର ବାରିକ ଓ କ୍ଷୀରୋଦ କୁମାର ସାହୁ କନେଷ୍ଟବଳ ଶଶୀକାନ୍ତ ସାହୁ, ଦେବାଶିଷ ମଲ୍ଲିକ, ମିନତୀ ପରିଡ଼ା ପ୍ରଭୃତି ସାମିଲ ଥିଲେ । ଏନେଇ ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ୫ ଗୋଟି ମାମଲା ରୁଜୁ କରାଯାଇଛି ।

# ଅମୃତ ପୀଢ଼ି ସାରସ୍ୱତ ସମାରୋହ




ଭାପୁର,(ସବ୍ୟୁ): ପି ଓଡ଼ିଆ ପକ୍ଷ ପାଳନ ଅବସରରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ସଦଭାବନା ଗୃହ ପରିସରରେ ଶନିବାର ଦିନ ଅମୃତପୀଢ଼ି ସାରସ୍ୱତ୍ର ସମାରୋହ ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିକ୍ଷାବିତି ନାରାୟଣ ତ୍ରିପାଠୀ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା, ଶିକ୍ଷାବିତି ପ୍ରଫୁଲ୍ଲ କୁମାର ମହାନ୍ତି,ସାହିତ୍ୟିକ ନାରାୟଣ ଶୁକ୍ଳ,ସବିତା ଶୁକ୍ଳ ସମେତ ୨୫ ରୁ ଉର୍ଦ୍ଧ୍ୱର୍ କବି ଓ କବୟିତ୍ରୀ ଯୋଗଦେଇ ନିଜର କବିତା ଆବୃତ୍ତି କରିଥିଲେ । ।ସାରା ରାଜ୍ୟରେ ଓଡ଼ିଆ ଭାଷା ର ଅସ୍ମିତା କୁ ଗୁଂଜରଣ ସୃଷ୍ଟି କରିବା ପାଇଁ ଏହାର ପ୍ରୟାସ ବୋଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରୁଥିବା ବ୍ଲକ ଉନ୍ନୟନ ଅଧିକାରୀ ପ୍ରକାଶ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ର ବିକାଶ ପାଇଁ ପ୍ରୟାସ ଜାରି ରଖିବା ନିମନ୍ତେ ଉପସ୍ଥିତ ସାରସତ୍ୱତ ସାଧକମାନେ ସାହିତ୍ୟ ଓ କବିତା ମାଧ୍ୟମରେ ସମାଜରୁ କୁସଂସ୍କାର ଦୂର କରିହେବ ବୋଲି ବରିଷ୍ଠ ଶିକ୍ଷାବିତ ନାରାୟଣ ତ୍ରିପାଠୀ ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହିତ ଭାପୁର ଅଞ୍ଚଳ ର ଉପସ୍ଥିତ କବି ମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ଏହାର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ ।

# ମୋବାଇଲ ଦୋକାନୀକୁ ଆକ୍ରମଣ: ଅଭିଯୁକ୍ତକୁ ଗିରଫ ଦାବି

ନିମାପଡ଼ା,(ସବ୍ୟୁ): ଚାରିଛକ ବଜାରରେ ଥିବା ଜଗା ମୋବାଇଲ ଦୋକାନ ଭିତରେ ପଶି ଜଣେ ଯୁବକ ଦୋକାନୀକୁ ଗାଳିଗୁଲଜ,ଠେଲାପେଲା କରିବା ସହିତ ଦୋକାନ ଉଡାଇଦେବାକୁ ଧମକ ଚମକ ଦେବା ନେଇ ଅଭିଯୋଗ ହେବାର ୧୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରୁନଥିବାରୁ ବ୍ୟବସାୟୀ ବଜାର ସଂଘ ପକ୍ଷରୁ ଆନ୍ଦୋଳନ ପାଇଁ କୁହାଯାଇଚି । ଗତ ୪ ତାରିଖରେ ଚାରିଛକ ବଜାରରେ ଥିବା ଜଗା ମୋବାଇଲ ଦୋକାନକୁ ଚାରିଛକ ଥାନା ଅନ୍ତର୍ଗତ ଗଡ ଇଟାପୋଖରୀ ଗ୍ରାମର ଟୁଲିଆ ପାତ୍ର ନାମକ ଯୁବକ ମୋବାଇଲ କାମ କରିବାକୁ ଆସିଥିଲେ। ଦୋକାନରେ ମୋବାଇଲ କାମ ତାଙ୍କର ବିଳମ୍ବ ହେବାରୁ ଟୁଲିଆ କାହିଁକି ମୋ କାମ ଶୀଘ୍ର କରୁନାହୁଁ ବୋଲି କହିବା ସହିତ ଦୋକାନୀ ବିଶ୍ୱଜିତ ସ୍ୱାଇଁଙ୍କୁ ଟୁଲିଆ ଧMI ମାରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଦୋକାନକୁ ଭାଙ୍ଗି ଦେବା ପାଇଁ ବିଭିନ୍ନ ଧମକ ଚମକ ଦେଇଥିଲେ। ଏସଂପର୍କରେ ଘଟଣା ଦିନ ବିଶ୍ୱଜିତ ଚାରିଛକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେଶ ନଂ ୬୪/୨୦୨୬ରେ ଏକ ମାମଲା ରୁଜୁ କରିଛି। ତେବେ ଘଟଣା ଘଟିବାର ଆଜକୁ ୧୪ ଦିନ ବିତିଥିଲେ ମଧ୍ୟ ପୁଲିସର ହାତ ଖାଲି ରହିଛି। ଅଭିଯୁକ୍ତ ଜଣକ ଚାରିଛକ ବଜାରରେ ଖୋଲମ ଖୋଲା ବୁଲୁଥିବାରୁ ଉକ୍ତ ମୋବାଇଲ ଦୋକାନର ମାଲିକ ଓ କର୍ମଚାରୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଅଭିଯୁକ୍ତ ଟୁଲିଆକୁ ଗିରଫ କରିବା ପାଇଁ ଚାରିଛକ ବ୍ୟବସାୟୀ ସଂଘ ପକ୍ଷରୁ ଦାବୀ କରାଯାଇଛି। ନଚେତ ବ୍ୟବସାୟୀ ସଂଘ ଆନ୍ଦୋଳନ ପାଇଁ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘର ସଭାପତି ସନ୍ତୋଷ ପ୍ରଧାନ ନିମାପଡା ଏସଡିପିଓଙ୍କୁ ଜଣାଇ ଗଣାମାଧ୍ୟମକୁ ଏହା କହିଛନ୍ତି।

# ଓଡିଶା ଆଦର୍ଶ ବିଦ୍ୟାଳୟରେ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ

ସାକ୍ଷୀଗୋପାଳ ,(ସବ୍ୟୁ): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ମିସ ଦୀପ୍ତିରାଣୀ ସାହୁ ଶୁକ୍ରବାର ଦିନ ଓଡିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ ପରିଦର୍ଶନ କରି ଶୈକ୍ଷିକ ଉତ୍କର୍ଷତା ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶର ସମୀକ୍ଷା କରିଛନ୍ତି ।ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଅତିରିକ୍ତ ସଚିବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।ତିରିକ୍ତ ସଚିବ ମିସ ସାହୁ ସମ୍ପୂର୍ଣ୍ଣ କ୍ୟାମ୍ପସ ପରିଦର୍ଶନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ଏବଂ ସି.ଆର.ସି.ସି ସୁନୀଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଥମ ୩-ଡି ଗ୍ଲାସ ସଲ୍ୟୁସନ...

ଆମ ପ୍ରୟାସ ଜାରି ରହିବ । ଆଜିର ଶିଳାନ୍ୟାସ ପ୍ରକୃତରେ ଓଡ଼ିଶାରେ ଏକ ବ୍ୟାପକ ସମୃଦ୍ଧି ଆଣିବ । ୩-ଡି ଗ୍ଲାସ ସଲ୍ୟୁସନର ଗ୍ଲାସ୍ ସବ୍ ଷ୍ଟ୍ରେଟ ପ୍ୟାକେଜିଙ୍ଗୟୁନିଟ୍ର ପ୍ରକଳ୍ପ ହେଉଛି ଦେଶରେ ପ୍ରଥମ ଏବଂ ଏହା ଓଡ଼ିଶାରେ ପ୍ରସ୍ତୁତ ହେବ । ଏହି ଟେକ୍ନୋଲୋଜି ଆଗକୁ ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ । ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡଭାନ୍ସଡ୍ ୩-ଡି ଗ୍ଲାସ୍ ସବ୍ଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ସୃଷ୍ଟି କରିବ । ଏହି ୟୁନିଟରେ ଉତ୍ପାଦିତ କମ୍ପୋନେଣ୍ଟ ଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ ।

ଇଣ୍ଟେଲ, ଲକହିଲ ମାରଟିନ ଓ ଆପ୍ଲାଲଡ୍ ମାଟେରିଆଲସ୍ ପରି ବିଶ୍ୱସ୍ତରୀୟ ସଂସ୍ଥାମାନେ ୩-ଡି ଗ୍ଲାସ ସଲ୍ୟୁସନ ସହ ଯୋଡିହେବା ଓଡ଼ିଶା ପ୍ରତି ବିଶ୍ୱର ବୃଦ୍ଧି ପାଉଥିବା ଭରସାର ପ୍ରମାଣ । ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛ । ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ଏହି ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲୀୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ ୩ଡିଏଚ୍ଆଇ ମଡ୍ୟୁଲ୍ ଉତ୍ପାଦନ କରିବ । ଏହା ଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ । ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଏପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ଆସିସାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଭିଜନରେ ଓଡ଼ିଶା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ । ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ୍ ହେବ । ଓଡ଼ିଶା କାହିଁକି ନିବେଶକମାନଙ୍କର ପ୍ରଥମ ପସନ୍ଦ, ତାହାର ପାଞ୍ଚଟି କାରଣ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ, ବିପୁଳ ପ୍ରାକୃତିକ ସମ୍ବଳ, ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦକ୍ଷ ଯୁବଶକ୍ତି, ଶକ୍ତିଶାଳୀ କନେକ୍ଟିଭିଟି ଏବଂ ରେସ୍ପନସିଭ୍ ଗଭର୍ଣ୍ଣାନ୍ସ । ମୁଖ୍ୟମନ୍ତ୍ରୀ ଯୁବପିଢ଼ୀଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଏହା ଓଡ଼ିଶାର ଛାତ୍ରଛାତ୍ରୀ ଓ ଇଞ୍ଜିନିୟରମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗର ସମୟ । ସେମାନେ ନିଜକୁ ଦକ୍ଷ କରି ଏହି ଉଦୟମାନ କ୍ଷେତ୍ରରେ ଅଗ୍ରସର ହେବାକୁ ସେ ଆହ୍ୱାନ କରିଥିଲେ । ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଓଡ଼ିଶା ଏକ ଆଦର୍ଶ ଗନ୍ତବ୍ୟସ୍ଥଳୀ ଭାବେ ଉଭୁକ୍ତ ହୋଇଛି । ଆମ ପାଖରେ ସମ୍ବଳ, ପ୍ରତିଭା, ଭିତ୍ତିଭୂମି, ସଂକଳ୍ପ ଅଛି । ଆଗାମୀ ଟେକ୍ନୋଲୋଜି ଗଢ଼ିବାକୁ ଚାହୁଁଥିଲେ, ଓଡ଼ିଶା ହେଉଛି ଲକ୍ଷ୍ୟସ୍ଥଳ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ଶାସନ ସଚିବ ଅମିତେଶ ସିହ୍ନା, ୩-ଡି ଗ୍ଲାସ ସଲ୍ୟୁସନର ପ୍ରେସିଡେଣ୍ଟ ଓ ସିଇଓ ବାବୁ ମନ୍ଦାବା ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ଫରେଷ୍ଟ ଡ୍ରାଇଭର ଗୁରୁତର

ବାଲେଶ୍ୱର ,(ସବ୍ୟୁ): ବାଲେଶ୍ୱର ଜିଲା କୁପାରି ଫରେଷ୍ଟ ଡ୍ରାଇଭର ଆତ୍ମାରାମ ଷେ,,(୨୯) ରବିବାର ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି । ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତାଙ୍କ ଘର ଖଇରା ବ୍ଲକ ମାନପୁର ପଞ୍ଚାୟତ ସାଉଣ୍ଡିଆ ଅଞ୍ଚଳରେ ।ଆହତ ଆତ୍ମାରାମଙ୍କ ବାପା ପ୍ରଶାନ୍ତଙ୍କ ସୂଚନା ଅନୁସାରେ ମାଖନପୁର ଅଞ୍ଚଳରୁ ଚୋରା କାଠ ବୋଝେଇ ଗାଡ଼ି ଯାଉଥିବା ଫରେଷ୍ଟ ଅଫିସରୁ ଖବର ଆସିଥିଲା । ଆତ୍ମାରାମ ନିଜ ଗାଁରେ ଥିବାରୁ ମୋଟର ସାଇକେଲ ଯୋଗେ ଉକ୍ତ ଚୋରା କାଠ ବୋଝେଇ ଗାଡ଼ିର ପିଛା କରିଥିଲେ । ଦୁର୍ବୃତ୍ତମାନେ ବକ୍ରେଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା କାଂଶବାଂଶ ନଦୀ ପୋଲ ଉପରେ ଆତ୍ମାରାମଙ୍କୁ ମାଡମାରି ଆହତ କରିବା ସହିତ ତାଙ୍କ ମୋଟରସାଇକେଲକୁ ମଧ୍ୟ ଭାଙ୍ଗି ଦେଇଛନ୍ତି । ତାଙ୍କ ମୋବାଇଲ ଓ ସୁନା ଚେନ ମଧ୍ୟ ଦୁର୍ବୃତ୍ତମାନେ ନେଇ ଯାଇଛନ୍ତି । ଆକ୍ରମଣ କାରୀ ଖାଙ୍ଗ ରାଉତ, ରାଜୁ ରାଉତ ଓ ଗୈତମ ରାଉତଙ୍କ ନାମରେ ଅଭିଯୋଗ ହୋଇଛି ।

# ସିବିଏସ୍ଇ ଦଶମ ପରୀକ୍ଷାରେ ସମ୍ବଲପୁର ପିଡବ୍ଲୁ ଛାତ୍ରଛାତ୍ରୀଙ୍କ ସଫଳତା

ସମ୍ବଲପୁର: ଫିଜିକ୍ସୱାଲା (ପିଡବ୍ଲ୍ୟୁ) ପାଇଁ ଆଜି ଏକ ଉତ୍ସବର ଦିନ ଥିଲା । କାରଣ ଏହାର ଅନେକ ଛାତ୍ରଛାତ୍ରୀ ସିବିଏସଇ ୨୦୨୬ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ସ୍କୋରର ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଛାତ୍ରଛାତ୍ରୀ ୧୦୦% ମାର୍କ ରଖିଛନ୍ତି । ଏଥିପାଇଁ ଫିଜିକ୍ସୱାଲାର ଟେକ୍ନୋଲୋଜି-ସକ୍ଷମ ହାଇବ୍ରିଡ ସେଣ୍ଟର ପିଡବ୍ଲ୍ୟୁ ବିଦ୍ୟାପୀଠ- ପାଠଶାଳା ପକ୍ଷରୁ ସମ୍ବଲପୁରରେ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା । ଚଳିତ ବର୍ଷ ସିବିଏସଇ ୧୦ମ ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ସହରର ପିଡବ୍ଲ୍ୟୁ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୋଭନ ପଟେଲ (୯୭%) ଜଣେ ଶୀର୍ଷ ପ୍ରଦର୍ଶନକାରୀ ଥିଲେ । ନିଜର ଅନୁଭୂତି ସେୟାର କରି ବୈଭବ ଅରୋରା କହିଛନ୍ତି, ନିରନ୍ତର ପ୍ରସ୍ତୁତି, ନିୟମିତ ଅଭ୍ୟାସ ଏବଂ ସ୍କୁଲ ଓ ପିଡବ୍ଲ୍ୟୁ ଶିକ୍ଷକମାନଙ୍କ ମାର୍ଗଦର୍ଶନ ତାଙ୍କୁ ଲକ୍ଷ୍ୟ ରଖିବା ଓ ପରଫେକଫ ସ୍କୋର ହାସଲ କରିବାରେ ସାହାଯ୍ୟ କରିଥିଲା । ସେହିପରି ଅମୋଲିକ ପଣ୍ଡିତ କହିଛନ୍ତି, ନିୟମିତ ରିଭିଜନ ଓ ସାମ୍ପଲ ପେପର ସମାଧାନ କରିବା ମୋତେ ୧୦୦% ମାର୍କ ରଖିବାରେ ସାହାଯ୍ୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଆୟୁଷ୍ମାନ ମହାପାତ୍ର କହିଛନ୍ତି, ଶୃଙ୍ଖଳିତ ରହିବା ଓ ନିୟମିତ ପାଠ ପଢିବା ମୋ ପାଇଁ ଫୁଲ୍ ମାର୍କ ହାସଲ କରିବା ସମ୍ଭବପର କରିଥିଲା । ଫଳାଫଳ ସମ୍ପର୍କରେ ଫିଜିକ୍ସୱାଲାର ପ୍ରତିଷ୍ଠାତା ଓ ସିଇଓ ଆଲଖ ପାଣ୍ଡେ କହିଛନ୍ତି, ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଆମେ ଗର୍ବିତ ଓ ଆମେ ସେମାନଙ୍କର କଠିନ ପରିଶ୍ରମ ଓ ସଙ୍କଳ୍ପବଦ୍ଧତାକୁ ପ୍ରଶଂସା କରୁଛୁ । ଆମେ ବିଶେଷ କରି ସଠିକ୍ ସ୍କୋର ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଉଛୁ । ଏହି ଫଳାଫଳ ନିରନ୍ତର ପ୍ରୟାସ ଓ ସଠିକ ଶୈକ୍ଷିକ ସହଯୋଗ ବ୍ୟବସ୍ଥାକୁ ପ୍ରତିଫଳନ କରୁଛି ।

**AFFIDAVIT**

By virtue of an affidavit sworn before Executive Magistrate, Kujang. I, Ajay Kumar Lenka, Aged (44), S/o- Nabaghana Lenka, Resident of- GJAI Colony, Madhuban, Paradip, Ps- Paradip, Model, Dist- Jagatsinghpur, -754142. Declare by this affidavit no. 659, dated. 05.03.2026. I have changed my name from Ajaya Ku Lenka to Ajay Kumar Lenka and my Daughter's name from Jashbini Priyadarsini Lenka to Jasmine Priyadarsini Lenka. Henceforth, he shall be known as Ajay Kumar Lenka and Jasmine Priyadarsini Lenka for all purposes.

Sd/- Ajay Kumar Lenka

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 16.04.2026. I, Archana Nayak, W/o- Biranchi Nayak, Resident, of Village- Ankulapatana, Po- Champatipur, Ps- Itamati, Dist- Nayagarh, Pin- 752068, declare that I have changed my minor Daughter's name from Elina Nayak to Archita Nayak. Henceforth, She shall be known as Archita Nayak for all purposes.

Sd/- Archana Nayak

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

9001/16/2627 *****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ତା ୨୦.୦୪.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ସ୍ୱା/– ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0006

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଭର୍ଥାନା ଫୁଏଲ ଓଡ଼ିଶାର ସ୍ଥିର ଶିକ୍ଷା ବିପ୍ଳବ

ଭୁବନେଶ୍ୱର: (ସବ୍ୟୁ) : ନୀତି କରିଡର ଏବଂ ସହରୀ ହେଡଲାଇନ୍ ଠାରୁ ଦୂରରେ, ଓଡିଶାର ଶିକ୍ଷା କାହାଣୀ ଶ୍ରେଣୀଗୃହ ଦ୍ୱାରା ପୁନଃ ଲିଖନ କରାଯାଉଛି, ଯେହେତୁ ସ୍ୱଳ୍ପ ଏବଂ ମଧ୍ୟବିତ ପରିବାରକୁ ସେବା କରୁଥିବା ସୁଲଭ ଘରୋଇ ବିଦ୍ୟାଳୟଗୁଡ଼ିକ ସେମାନଙ୍କର ଭିର୍ତିଭୂମି ଏବଂ କାର୍ଯ୍ୟକୁ ଠିକ ସମୟରେ ଆର୍ଥିକ ସହାୟତା ସହିତ ଦୃଢ଼ କରନ୍ତି । ଗତ ଦଶନ୍ଧି ମଧ୍ୟରେ ଓଡିଶା ସ୍କୁଲ ନାମଲେଖାରେ ସ୍ଥିର ଅଗ୍ରଗତି ରେକର୍ଡ କରିଛି। ରାଜ୍ୟ ଶିକ୍ଷା ତଥ୍ୟ ସୂଚିତ କରେ ଯେ ପ୍ରାଥମିକ ସ୍ତରରେ ମୋଟ ନାମଲେଖା ୯୫% ରୁ ଅଧିକ ଅଟେ । ତଥାପି, ଶିକ୍ଷକମାନେ କହିଛନ୍ତି ଯେ ଏକାକୀ ପ୍ରବେଶ ପର୍ଯ୍ୟାପ୍ତ ନୁହେଁ, କାରଣ ଅନେକ ବିଦ୍ୟାଳୟରେ ଭିର୍ତିଭୂମି ଅଭାବ, କାର୍ଯ୍ୟର ପୁଞ୍ଜି ଅଭାବ, ଶିକ୍ଷକ ଅଭାବ ଏବଂ ବୃହତ ପରିମାଣରେ ସ୍ଥାୟୀ କ୍ଷମତା ସୀମିତ ରହିଛି। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା କେନ୍ଦ୍ରିତ ଋଣଦାତା ଭର୍ଥାନା ରାଜ୍ୟରେ ନିଜର ସମର୍ଥନ ବଢ଼ାଇଛନ୍ତି । କମ୍ପାନୀ ବର୍ତମାନ ଓଡିଶାର ୧,୨୬୦ ସୁଲଭ ଘରୋଇ ବିଦ୍ୟାଳୟକୁ ସମର୍ଥନ କରୁଛି, ଯାହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିଛି। ଓଡ଼ିଶାରେ ପ୍ରବେଶ କରିବା ପରଠାରୁ ଭର୍ଥାନା ଶିକ୍ଷା-କେନ୍ଦ୍ରିତ ଋଣରେ ୫୨୪ କୋଟିରୁ ଅଧିକ ଅର୍ଥ ପ୍ରଦାନ କରି ଜିଲ୍ଲାମାନଙ୍କରେ ଏକ ବ୍ୟାପକ ଉପସ୍ଥିତି ସୃଷ୍ଟି କରିଛି। ଏହି ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଅଧିକାଂଶ ୬୦୦ ରୁ ୧,୨୦୦ ମଧ୍ୟରେ ମାସିକ ଫି ଆଦାୟ କରି ସ୍ୱଳ୍ପ ଆର୍ଥିକ ବଫର୍ ସହିତ କାର୍ଯ୍ୟ କରନ୍ତି। ଏହିପରି ସେଟିଂସମୂହରେ, ସ୍ୱଳ୍ପ ମିଆଦି ନଗଦ ପ୍ରବାହ ବ୍ୟାଘାତ ମଧ୍ୟ ଶିକ୍ଷକଙ୍କ ବେତନକୁ ବିଳମ୍ବ କରିପାରେ, ଭିର୍ତିଭୂମି ଉନ୍ନୟନକୁ ବନ୍ଦ କରିପାରେ ଏବଂ ଶ୍ରେଣୀଗୃହ ଶିକ୍ଷାକୁ ବାଧା ଦେଇପାରେ।

### ବିଶ୍ୱ ଯକୃତ ଦିବସ : ଡ.ମନୋଜ ସାହୁଙ୍କ ସୁସ୍ଥ ଯକୃତ ନେଇ ଆଲୋଚନା

## ଏସ୍‌ସିବିରେ ଯଥାଶୀଘ୍ର ଚାଲୁ ହେବ ଲିଭର ଟ୍ରାନ୍ସପ୍ଲାଣ୍ଟ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ସମଗ୍ର ବିଶ୍ୱରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଯକୃତ ଜନିତ ରୋଗ ଏବଂ ଏହାକୁ ନେଇ ହେଉଥିବା ମୃତ୍ୟୁ ସଂଖ୍ୟା। ଏକ ପରିସଂଖ୍ୟାନ ରୁ ଜଣା ପଡ଼ିଛି ଯେ ବିଶ୍ୱରେ ୧୫୦ କୋଟି ରୁ ଉର୍ଦ୍ଧ ଲୋକ ଯକୃତ ରୋଗ ରେ ପୀଡିତ ଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରତିବର୍ଷ ୨୦ ଲକ୍ଷରୁ ଉର୍ଦ୍ଧ ଲୋକ ଏହି କାରଣରୁ ମୃତ୍ୟୁ ବରଣ କରୁଛନ୍ତି। ତେବେ ଏହି ଲିଭର୍ ବା ଯକୃତ ଜନିତ ରୋଗ ଠାରୁ ନିଜକୁ ଦୂରେଇ ରଖିବା ପାଇଁ ସୁସ୍ଥ ଜୀବନଚର୍ଯ୍ୟା ଏକ ପ୍ରମୁଖ ଅସ୍ତ୍ର ହୋଇଥିବା ବେଳେ ବ୍ୟାପକ ଜନ ସଚେତନତାର ଅଭାବ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛି। ଯାହାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ତରରେ ଯକୃତ ଜନିତ ରୋଗ,ତାହାର କାରଣ ଓ ନିରାକରଣ ବାବଦରେ ସଚେତନ କରାଇବା ପାଇଁ ଏପ୍ରିଲ ୧୯ ତାରିଖ କୁ "ବିଶ୍ୱ ଯକୃତ ଦିବସ" ରୂପେ ପାଳନ କରାଯାଉଛି। ଚଳିତ ବର୍ଷ ର ବିଷୟ ସୁସ୍ଥ ଯକୃତ ପାଇଁ କଠୋର ଅଭ୍ୟାସ" ଶୀର୍ଷକ ହୋଇଥିବା ବେଳେ, ଓଡ଼ିଶା "ଗ୍ୟାଷ୍ଟ୍ରୋ ଓ ଲିଭର କେୟାର୍ ଫାଉଣ୍ଡେସନ" ପକ୍ଷରୁ ଭୁବନେଶ୍ୱର ମେ-ଫେୟାର ପରିସରରେ ଆୟୋଜିତ ହୋଇଯାଇଛି ।
ବରିଷ୍ଠ ପେଟ ରୋଗ ବିଶେଷଜ୍ଞ ତଥା ଓଡ଼ିଶା "ଗ୍ୟାଷ୍ଟ୍ରୋ ଓ ଲିଭର କେୟାର୍ ଫାଉଣ୍ଡେସନ" ର ମୁଖ୍ୟ ଡାକ୍ତର ପ୍ରଫେସର୍ ମନୋଜ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଏହି ଅବସରରେ ବିଶ୍ୱ ଯକୃତ ଦିବସ ପାଳନ ର ଆବଶ୍ୟକତା ବାବଦରେ କହିବା ସହିତ ବର୍ତ୍ତମାନ




ଦିନକୁ ଦିନ ଭାରତରେ ବଢୁଥିବା ଫ୍ୟାଟି ଲିଭର ଭଳି ଯକୃତ ଜନିତ ରୋଗ ସୁସ୍ଥ ଭାରତ ଗଠନରେ ପ୍ରମୁଖ ବାଧକ ସାଜିଥିବା ଦର୍ଶାଇଥିଲେ। ଏଥିସହିତ ଶରୀରର ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯକୃତ କୁ ସୁସ୍ଥ ରଖିବା ପାଇଁ ପ୍ରଥମେ ନିଜ ଅଭ୍ୟାସ ରେ ପରିବର୍ତ୍ତନ ଆଣିବାର ଆହ୍ୱାନ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ଓଡ଼ିଶାରେ ପେଟରୋଗ ଓ ଯକୃତ ପ୍ରତ୍ୟାରୋପଣ କୁ ନେଇ ଡ.ମନୋଜ ସାହୁ ଙ୍କ ଭୂମିକା କୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଯଥାଶୀଘ୍ର କଟକ ଏସ.ସି. ବି ମେଡିକାଲ ରେ ଯକୃତ ପ୍ରତ୍ୟାରୋପଣ କାର୍ଯ୍ୟ ପୁନଃ ଆରମ୍ଭ କରାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲୀଙ୍ଗ ।
ଦୀର୍ଘ ୫ଟି ସେସନ୍ ରେ ଜମ୍ମୁ କାଶ୍ମୀର ର ପୂର୍ବତନ ଡିଜିପି ରଶ୍ମି ରଞ୍ଜନ ସ୍ୱାଇଁ, ଡିଜିପି ଫାୟାର ସୁଧାଂଶୁ ଷଡ଼ଙ୍ଗୀ, ଆଇଜି ଫାୟାର ଡ ଉମାଶଙ୍କର ଦାଶ, ଅଭିନେତ୍ରୀ ଅନୁ ଚୌଧୁରୀ, ଭୂମିକା ଦାସ, ଖ୍ୟାତି ସମ୍ପନ୍ନ ମାଷ୍ଟର ସେଫ୍ ଅଭିନାଶ ନାୟକ,ଆଦୃତ ଚିଲ୍ଡ୍ରେନ୍ସ ହୋମ୍ ର ପ୍ରତିଷ୍ଠାତା ପ୍ରଫେସର୍ ଡ. ଆଦିତ୍ୟ ମହାନ୍ତି ପ୍ରମୁଖ ଯୋଗ ଦେଇ ବିଭିନ୍ନ ସେସନ୍ ରେ ସୁସ୍ଥ ଲିଭର ପାଇଁ ନିଜ ନିଜର ମତାମତ ଦେଇଥିଲେ। ପ୍ରଥମ ସେସନ୍ "ସମ୍ପର୍କ" ରେ ବରିଷ୍ଠ ଡାକ୍ତର ପ୍ରଫେସର୍ ମନୋଜ ସାହୁ ଯକୃତ ଜନିତ ରୋଗ ଓ ଏହାର ନିରାକରଣ ନେଇ ଉପସ୍ଥିତ ୩୦୦ରୁ ଉର୍ଦ୍ଧ ଲୋକ ମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। କର୍ମ କ୍ଷେତ୍ରରେ ଥିବା ଲୋକଙ୍କ ପାଇଁ ଆୟୋଜିତ ଦ୍ୱିତୀୟ ସେସନ୍ "କୃତଜ୍ଞତା" ରେ ଫାୟାର ଡିଜିପି ସୁଧାଂଶୁ ଷଡ଼ଙ୍ଗୀ ଙ୍କ ସମେତ ବରିଷ୍ଠ ପୋଲିସ୍ ଅଧିକାରୀ ଓ ବିଶେଷଜ୍ଞ ଡ଼ାକ୍ତର ସୁସ୍ଥ ଯକୃତ ପାଇଁ ନିଜ ନିଜର ମତାମତ ଦେଇଥିଲେ। ଚତୁର୍ଥ ସେସନ୍ ସ୍ୱାସ୍ଥ୍ୟ ଲିପି ରେ ସିନେ ଅଭିନେତ୍ରୀ ଅନୁ ଚୌଧୁରୀ, ଭୂମିକା ଦାସ ଯୋଗ ଦେଇ ଶରୀର ଓ ଯକୃତ କୁ ସୁସ୍ଥ ରଖିବାକୁ ସନ୍ତୁଳିତ ଆହାର, ସଠିକ୍ ନିଦ୍ରା ,ଯୋଗ ପ୍ରାଣାୟାମ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ।

## କଟକ ସାମ୍ବାଦିକ ସେବା ସଂଘ ଆନୁକୂଲ୍ୟରେ ଦହି ପଣା ବଣ୍ଟନ

କଟକ, (ସ୍ୱପ୍ର) : ବୈଶାଖାର ପ୍ରଚଣ୍ଡ ରୌଦ୍ର ତାପକୁ ଆଖିଆଗରେ ରଖି କଟକ ସାମ୍ବାଦିକ ସେବା ସଂଘ ଆନୁକୂଲ୍ୟରେ ଏକ ଜଳସେବା



କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସଂଘର ସଭାପତି ସମୀର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ସ୍ଥାନୀୟ ୫୩ ନମ୍ବର ୱାର୍ଡ ତାଳଦଣ୍ଡା କେନାଲ ରାସ୍ତାର ନାଗେଶ୍ୱର ମନ୍ଦିର ଛକ ଅନ୍ଧରପୁର ଠାରେ ଅନୁଷ୍ଠିତ ଦହି ପଣା ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ମଧୁପାଟଣା ଥାନା ଆଇଆଇସି ଚିତ୍ତରଞ୍ଜନ ରାଉତ, କର୍ପୋରେଟର ଅରବିନ୍ଦ ଜେନା, ସୌଭାଗିନୀ ଜେନା, ସନ୍ତୋଷ ଭୋଳ, ଇଂ ସୁବ୍ରତ ଘଡ଼ାଇ, ଗୋପାଳ ବେହେରା, ସୁଭାଶିଷ ପଟ୍ଟନାୟକ, ମୀନା ସାହୁ, ସମାଜସେବୀ ସୁକାନ୍ତ ସାହାଣୀ, ଏମଡିଏ ସଭାପତି ସଞ୍ଜୟ ଜେନା, ଅନ୍ଧରପୁର ସାହି ଅଧିକାରୀ ପ୍ରମୋଦ ଭୋଳ, ସରୋଜ ରାଉତ, ବିନୋଦ ବେହେରା, ମାଗୁଣୀ ଦାସ, ଚିତ୍ତରଞ୍ଜନ ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିହର ସାମଲ, ବିଜୟାନନ୍ଦ ସାହୁ, ରଜନୀକାନ୍ତ ପରିଡ଼ା, ପ୍ରଭାକର ମଲ୍ଲିକ, ସିନେ ଅଭିନେତା ଶକ୍ତି ବରାଳ, ସାମ୍ବାଦିକ ପ୍ରଦୀପ ରଥ ପ୍ରମୁଖ ଯୋଗଦେଇ ଦହିପଣା ବଣ୍ଟନ କରିଥିଲେ । ହଜାର, ହଜାର ଲୋକଙ୍କୁ ଦହି ଲସି, ଟଙ୍କ ତୋରାଣୀ, ଅଭଡାପାଣି, ତରଭୁଜ ବଣ୍ଟନ କରାଯାଇଥିଲା । ଏହି ଜଳସେବା କାର୍ଯ୍ୟକ୍ରମଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ କାର୍ଯ୍ୟକର୍ତ୍ତାମାନେ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସଂଘର ସମସ୍ତ ସାମ୍ବାଦିକ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ମାତୃବିୟୋଗ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ମାଆ ରଜନୀ କୁମାରୀ ହୋତାଙ୍କର ପରଲୋକ ଘଟିଛି । ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା । ସେ ଖୋର୍ଦ୍ଧା ଜିଲା ବାଣପୁରର ଅଚ୍ୟୁତପୁର ଶାସନରେ ଜନ୍ମ ଗ୍ରହଣ କରିଥିଲେ । ଅତ୍ୟନ୍ତ ଧର୍ମପ୍ରାଣା, ପରୋପକାରୀ ଓ ସ୍ନେହଶୀଳା ଭାବରେ ସେ ବିଭିନ୍ନ ମହଲରେ ଆଦରଣୀୟା ହେବା ସହ ଜୀବନର ଶେଷାବସ୍ଥାରେ ବି କର୍ମଚଞ୍ଚଳ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ କୃଷ୍ଣଚନ୍ଦ୍ର ହୋତାଙ୍କ ସମେତ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଉଠାଇଲା ସାମ୍ବିଧାନିକ ପ୍ରଶ୍ନ

ଭୁବନେଶ୍ୱର (ସବ୍ୟୁ): ନିଜ ସପକ୍ଷରେ ସଂଖ୍ୟା ନଥାଇ ମଧ ମହିଳା ସଂରକ୍ଷଣ ବିଲ୍ ଆଣି ନାକଚ ହେବା ଏବଂ ବିରୋଧିଙ୍କୁ ସରକାର ଦୋଷାରୋପ କରିବା ବିଷୟକୁ ନେଇ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।
ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ମୁଖପାତ୍ର ଡ.ହମିଦ ହୁସେନଙ୍କ ସହ ପିସିସି ମୁଖପାତ୍ର ମନୋରଞ୍ଜନ ଦାସ ଯୋଗଦେଇ ବିଜେପି ମହିଳା ଆରକ୍ଷଣ ବିଲକୁ କଠୋର ସମାଲୋଚନା କରିଛନ୍ତି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି କହିଥିଲେ ଯେ, ସରକାର ୨୦୨୩ ମସିହାରେ ମହିଳା ସଂରକ୍ଷଣ ବିଲ ଆଗତ କରି ତାକୁ ପାସ କରିସାରିଛି ଏବେ କିନ୍ତୁ ପ୍ରହସନ ଚଳେଇ ପୁଣି ଥରେ ମହିଳା ସଂରକ୍ଷଣ ବିଲ ନିଜର ସଂଖ୍ୟାଗରିଷ୍ଠତା କମ୍ ଥିବା ସତ୍ତ୍ୱେ ଜାଣି ମଧ ଲୋକଙ୍କୁ ଭୁଆଁ ବୁଲେଇବା ପାଇଁ ଚେଷ୍ଟା କରୁଛି।
ଏଆସିସି ମୁଖପାତ୍ର ଡ. ହୁସେନ କହିଥିଲେ ଯେ, ଶାସକ ବିଜେପି ସରକାର ଯେତେ ଦିନରୁ ଶାସନକୁ ଆସିଲା ସେହି ସମୟରୁ ବିକାଶ କାମକୁ ଛାଡି କେବଳ ନିଜ




ପ୍ରଧାନମନ୍ତ୍ରୀ ଓ ଦଳର ବାଃବାଃ ନେବାରେ ବ୍ୟସ୍ତ ହୋଇ ରହିଛି। ମହିଳାଙ୍କୁ ସଂରକ୍ଷଣ ଦେବା ଆଳରେ ସବୁ ଦିନ କ୍ଷମତାରେ ରହିବା ପାଇଁ ବିଜେପି ଦଳକୁ ସୁହାଇବା ଭଳି ନିର୍ବାଚନ ମଣ୍ଡଳୀ ପରିସୀମା ନିର୍ଦ୍ଧାରଣ ବିଲ୍ ଲୁଚାଇ ପାସ୍ କରିନେବାକୁ ଚାହୁଁଥିଲେ । କିନ୍ତୁ ବିରୋଧିଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସମସ୍ତ ବିରୋଧି ଦଳ ଏକଜୁଟ ହୋଇ ସରକାରଙ୍କ ପ୍ରବଞ୍ଚନାପୂର୍ଣ୍ଣ ମହିଳା ସଂରକ୍ଷଣ ବିଲ୍‌କୁ ନାକଚ କରିଥିଲେ ଏବଂ ସେଥିପାଇଁ ସଂସଦରେ ବିଲ୍ ପାରିତ ହୋଇପାରିଲା ନାହିଁ ।
ସରକାର ପ୍ରକାରନ୍ତେ ମହିଳା ସଂରକ୍ଷଣ ନାମରେ "ଡିଲିମିଟେସନ ବିଲ୍" ଆଣିବାକୁ ଚାହୁଁଥିଲା । ଯାହା ଅସାମ୍ବିଧାନିକ ଅଟେ ।

### ମହିଳା ସଂରକ୍ଷଣ ବିଲ୍

## ତିନି ବର୍ଷ ଧରି ଗେଜେଟ ନୋଟିଫିକେସନ ହୋଇନଥିଲା କାହିଁକି : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ମହିଳା ସଂରକ୍ଷଣ ନାଁରେ ମନ୍ଦ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ପକ୍ଷରୁ ଅଣାଯାଇଥିବା ଡିଲିମିଟେସନ ବିଲ୍ କାଟ୍ ଖାଇଲା ବୋଲି ବିଜେଡି କହିଛି । ତିନି ବର୍ଷ ଧରି ମହିଳା ସଂରକ୍ଷଣ ବିଲ୍ ସଂସଦର ଉଭୟ ସଦନରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇସାରିଥିଲେ ମଧ୍ୟ କେନ୍ଦ୍ର ସରକାର ଗେଜେଟ ନୋଟିଫିକେସନ କାହିଁକି କରିନଥିଲେ ବୋଲି ବିଜେଡି ପ୍ରଶ୍ନ କରିଛି । ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଂଜୟ କୁମାର ଦାସବର୍ମା ଓ ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି, ମହିଳା ସଂରକ୍ଷଣ ବାବଦରେ ବିଜୁ ଜନତା ଦଳର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦୂରଦୃଷ୍ଟି ସଂପର୍ଣ୍ଣ ନେତୃତ୍ୱ ଲାଗି ସାରା ଦେଶରେ ପ୍ରଥମ ଥର ପାଇଁ ମହିଳାମାନେ ପଞ୍ଚାୟତ ଓ ସ୍ଥାନୀୟ ପୌର ପ୍ରଶାସନରେ ୩୩ ପ୍ରତିଶତ ସଂରକ୍ଷଣ ପାଇପାରିଥିଲେ ।
ଶ୍ରୀ ଦାସବର୍ମା କହିଥିଲେ, ମହିଳା ସଂରକ୍ଷଣ ନାଁରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯିବା ପରେ, ମାନ୍ୟବର ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ, ଓଡିଶାର ସ୍ୱାର୍ଥ ହାନି ହେଉଥିବା ଅନୁଭବ କରି ଡିଲିମିଟେସନ ବିଲ୍ ସଂକ୍ରାନ୍ତରେ ଆଲୋଚନା କରିବା ପାଇଁ ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଦଳମତ ନିର୍ବିଶେଷରେ ରାଜ୍ୟର ସାଂସଦଙ୍କୁ ପତ୍ର ଲେଖି ଶ୍ରୀ ପଟ୍ଟନାୟକ ଓଡିଶା ସ୍ୱାର୍ଥ ରକ୍ଷା ପାଇଁ ସଂସଦରେ ମୁହଁ ଖୋଲିବାକୁ ଅନୁରୋଧ କରିଥିଲେ । ସଂସଦରେ ବିଲ୍ ଆସିବା ପରେ ଜଣାପଡିଲା ଯେ, ସମସ୍ତଙ୍କୁ ଅନ୍ଧାରରେ ରଖି ମହିଳା ସଂରକ୍ଷଣ ନାଁରେ ଡିଲିମିଟେସନ ବିଲ୍ରେ ଥିବା ପ୍ରାବଧାନ ଓଡିଶାର ସ୍ୱାର୍ଥ କ୍ଷୁର୍ଣ୍ଣ କରିବ । ଭାରତ ସରକାରଙ୍କ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ଅନୁପାଳନ କରି ଜନସଂଖ୍ୟା ନିୟନ୍ତ୍ରଣରେ ଓଡିଶା ସଫଳ ହୋଇଥିବାରୁ ୨୦୧୧ ଜନଗଣନା ଅନୁସାରେ ଯଦି ଡିଲିମିଟେସନ ହୋଇଥାଆନ୍ତା ତେବେ ଓଡିଶାର ଆସନ ସଂଖ୍ୟା ଆନୁପାତିକ ଭାବେ ହ୍ରାସ ପାଇଥାଆନ୍ତା । ତେଣୁ ବିଜୁ ଜନତା ଦଳ ଏଭଳି ଏକ ଏକଛତ୍ରବାଦୀ ଓ ଓଡିଶା ସ୍ୱାର୍ଥ ବିରୋଧୀ ଡିଲିମିଟେସନ ବିଲକୁ ବିରୋଧ କଲା ।
ଡ. ମହାନ୍ତି କହିଥିଲେ, ବିଜେପି ନେତା ଓ କେନ୍ଦ୍ର ମନ୍ତ୍ରୀ ୫୦ ଭାଗ ଆସନ ସଂଖ୍ୟା ବୃଦ୍ଧି ବିଷୟ ଯେଉଁ ପ୍ରଚାର କରୁଛନ୍ତି ତାହା ମନଗଢା ତଥା ଭିତ୍ତିହୀନ । ବିଲ୍ରେ ଏଭଳି ବ୍ୟବସ୍ଥା ନାହିଁ । ମହିଳା ସଂରକ୍ଷଣକୁ ଢାଲ କରି ଡିଲିମିଟେସନ ବିଲକୁ ପାରିତ କରିବା ପାଇଁ ହେଉଥିବା ଅପଚେଷ୍ଟା ବିଫଳ ହୋଇଛି । ଦୁଃଖର ବିଷୟ ରାଜ୍ୟ ସ୍ୱାର୍ଥ ଅପେକ୍ଷା ଦଳୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶା ବିଜେପିର ୨୦ ଜଣ ସାଂସଦ ରାଜ୍ୟ ସ୍ୱାର୍ଥ ବିରୋଧରେ ସଂସଦରେ ଭୋଟ ଦେଲେ । ଆଗାମୀ ଦିନରେ ରାଜ୍ୟବାସୀ ଏହାର ବିଚାର କରିବେ ।

## ଢ଼ାଉଆ ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ

ବାରଙ୍ଗ ,(ସବ୍ୟୁ): ବାରଙ୍ଗ ତଥା ପଟିଆ ଅଞ୍ଚଳର ସୁପ୍ରସିଦ୍ଧ ଶୈବପୀଠ ତଥା ରାଜଧାନୀ ଉପକଣ୍ଠ ଢାଉଆ ଗ୍ରାମରେ ଥିବା ସୋମନାଥଙ୍କ ପୀଠରେ ଚାଲିଥିବା ୬୪ତମ ବିଶ୍ୱ ଶାନ୍ତି ମହାଯଜ୍ଞ ଶନିବାର ରାତିରେ ଉଦ ଜାପିତ ହୋଇଯାଇଛି ।ମହାଯଜ୍ଞ କମିଟି ପକ୍ଷରୁ ଆୟୋଜିତ ବିଶଶାନ୍ତି ମହାଯଜ୍ଞପଣାସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ୫ଦିନ ଧରି ଚାଲିଥିଲା । ପ୍ରତ୍ୟହ ରାତିରେ ହରିହାଟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ପୂର୍ଣ୍ଣାହୁତି ଦିନ ଶହଶହ ସୋମନାଥପ୍ରେମୀ ଭକ୍ତ ମାନେ ଯୋଗଦେଇ ପ୍ରଭୁଙ୍କ ଅଶ୍ରିବାଦ କୃପା ପ୍ରାପ୍ତ କରିଥିଲେ ।ଏଥିରେ ବହୁ ରାଜନେତା ମାନେ ଯୋଗଦାନ କରିଥିଲେ ।ଶେଷରେ ଭକ୍ତମାନଙ୍କ ପାଇଁ ହରିହାଟର ବ୍ୟବସ୍ଥା କରାଯାଇଥିଲା ।

## କୋଲକାତାରେ ଓଡ଼ିଆ ଲେଖକ ରବୀନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଦେହାନ୍ତ

ଭୁବନେଶ୍ୱର (ସବ୍ୟୁ): ସୁନାମଧନ୍ୟ କବି, ପ୍ରାବନ୍ଧିକ, ଗାଳ୍ପିକ ରବୀନ୍ଦ୍ର ପ୍ରସାଦ ପଣ୍ଡାଙ୍କର ଶନିବାର ଦେହାନ୍ତ ହୋଇଯାଇଛି। ୧୯୩୭ ମସିହାରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଚାନ୍ଦବାଲି ନିକଟସ୍ଥ ଘଣ୍ଟେଶ୍ୱର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସ୍ୱର୍ଗତଃ ପଣ୍ଡା କୋଲକାତାରେ ସରକାରୀ ପ୍ରାଶାସନିକ ଅଧିକାରୀ ଭାବରେ କର୍ମଜୀବନ ଅତିବାହିତ କରିଥିଲେ। ସେ ଜଣେ ଅତ୍ୟନ୍ତ ସ୍ପଷ୍ଟବାଦୀ, ବିଚକ୍ଷଣ ଧୀସମ୍ପନ୍ନ ବ୍ୟକ୍ତି ଥିଲେ। ତାଙ୍କ ରଚିତ କବିତା ଗ୍ରନ୍ଥ: 'ଉଦାରୀ ମୁଦାରା ତାରା', ଆତ୍ମକଥକ: 'ବାଟ ହୁଡ଼ି ବାଟ ଖୋଜି', 'ଫୀଚର: କଥାଟିଏ କହୁଁ' ଆଦି ପାଇଁ ଓଡ଼ିଆ ସାହିତ୍ୟରେ ପ୍ରସିଦ୍ଧି ଲାଭ କରିଛନ୍ତି।



ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ତାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଲେଖା ପ୍ରକାଶିତ ହୋଇଛି । କଲିକତାର 'ପ୍ରତିବେଶୀ' ସାହିତ୍ୟ ପତ୍ରିକାର ଶୁଭାକାଂକ୍ଷୀ ଥିଲେ। ଅସୁସ୍ଥତା ସତ୍ତ୍ୱେ ପ୍ରତିବେଶୀ ପାଇଁ ନିୟମିତ ଲେଖୁଥିଲେ। ବହୁ ମୂଲ୍ୟବାନ ପରାମର୍ଶ ଦେଉଥିଲେ। ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟରେ ଅପୂରଣୀୟ କ୍ଷତି ହେଲା। ତାଙ୍କ ବିୟୋଗରେ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଓ କୋଲକାତାରୁ ପ୍ରକାଶିତ ପ୍ରତିବେଶୀ ପତ୍ରିକାର ସମ୍ପାଦକ ପିତାମ୍ବର ବାରିକ ରବୀନ୍ଦ୍ର ପ୍ରସାଦ ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଆଇଇଏସ୍ ପକ୍ଷରୁ ୩ଡିଜିଏସ୍‌ର ଶିଳାନ୍ୟାସକୁ

## ଉନ୍ନତ ସେମିକଣ୍ଡକ୍ଟର ପ୍ୟାକେଜିଂରେ ଭାରତର ଏକ ବଡ଼ ପଦକ୍ଷେପ ଭାବରେ ପ୍ରଶଂସା

ଭୁବନେଶ୍ୱର, (ସବ୍ୟୁ): ଭାରତ ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଆସୋସିଏସନ୍ (ଆଇଇଏସ) ମାନନୀୟ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଓଡ଼ିଶାରେ ୩ଡିଜିଏସ୍ ସେମିକନର ଉନ୍ନତ ପ୍ୟାକେଜିଂ ସୁବିଧାର ଉଦଘାଟନକୁ ସ୍ୱାଗତ କରିଛି, ଏହାକୁ ସେମିକଣ୍ଡକ୍ଟରରେ ଉଦ୍ଦେଶ୍ୟରୁ କାର୍ଯ୍ୟାନ୍ୱୟନ ଆଡ଼କୁ ଭାରତର ପରିବର୍ତ୍ତନର ଏକ ଦୃଢ଼ ପ୍ରଦର୍ଶନ ବୋଲି ଅଭିହିତ କରୁଛି। ୩ଡି ଗ୍ଲାସ୍ ସଲ୍ୟୁସନ୍ସର ହେଟେରୋଜେନିୟସ୍ ଇଂଟିଗ୍ରେସନ୍ ପ୍ୟାକେଜିଂ ସଲ୍ୟୁସନ୍ସ ୟୁନିଟ୍ ଉନ୍ନତ ପ୍ୟାକେଜିଂରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷମତା ଭାବରେ ଚିହ୍ନିତ କରେ - ଏକ କ୍ଷେତ୍ର ଯାହା ବିଶ୍ୱ ସ୍ତରରେ ଉନ୍ନତ ପ୍ରକ୍ରିୟା ନୋଡ୍ ପରି ଗୁରୁତ୍ୱପୂର୍ଣ୍ଣ ଭାବରେ ଦେଖାଯାଉଛି। ଏହା ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରି, ଯୋଗାଣ ଶୃଙ୍ଖଳ ସ୍ଥିରତା ବୃଦ୍ଧି କରି, ଚିପଲେଟ୍ ଏବଂ ଉନ୍ନତ ପ୍ୟାକେଜିଂ ନବସୃଜନକୁ ସମର୍ଥନ କରି ଏବଂ ପରବର୍ତୀ ପିଢ଼ିର ସେମିକଣ୍ଡକ୍ଟର ସିଷ୍ଟମ ସମନ୍ୱୟ ଆଡକୁ ଭାରତର ଯାତ୍ରାକୁ ଆଗେଇ ନେଇ ଭାରତକୁ ସେମିକଣ୍ଡକ୍ଟର ଅଂଶଗ୍ରହଣରୁ ସେମିକଣ୍ଡକ୍ଟର ମୂଲ୍ୟ କ୍ୟାପଚରକୁ ସ୍ଥାନାନ୍ତର କରିବାରେ ସାହାଯ୍ୟ କରିପାରିବ ବୋଲି ଆଇଇଏସ ସେମି ଇଣ୍ଡିଆର ସଭାପତି ଅଶୋକ ଚାଣ୍ଡକ କହିଛନ୍ତି।
ଏକ ମୂଲ୍ୟବାନ ଶିଳ୍ପ ଖେଳାଳି ଭାବରେ, ୩ଡିଜିଏସ୍ ସେମିକନର ସଫଳତା ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମର ଡିଜାଇନ୍ ଏବଂ ଇଞ୍ଜିନିୟରିଂ ଠାରୁ ପ୍ୟାକେଜିଂ ଏବଂ ଉତ୍ପାଦ ବାଣିଜ୍ୟୀକରଣ ପର୍ଯ୍ୟନ୍ତ ବୃଦ୍ଧି ପାଉଥିବା ଗଭୀରତା ଏବଂ ପରିପକ୍ୱତାକୁ ପ୍ରତିଫଳିତ କରେ। ଏହା ସଙ୍କେତ ଦିଏ ଯେ ଭାରତ ମୂଲ୍ୟ ଶୃଙ୍ଖଳ ମଧ୍ୟରେ ଅତ୍ୟାଧୁନିକ ସେମିକଣ୍ଡକ୍ଟର ଉତ୍ପାଦ ନିର୍ମାଣ ଦିଗରେ ଡିଜାଇନ୍ ନେତୃତ୍ୱଠାରୁ ଆଗକୁ ବଢୁଛି। ସମ୍ପ୍ରତି ଅର୍ଦ୍ଧ ସେମିକଣ୍ଡକ୍ଟର ପ୍ରକଳ୍ପ ଉଦ୍‌ଘାଟନ ଏବଂ ଏହି ବର୍ଷ ଆଶା କରାଯାଉଥିବା ଅତିରିକ୍ତ ପ୍ରକଳ୍ପ ପରେ, ଏହି ମାଇଲଖୁଣ୍ଟ ଗରସଗ୍ଣ, ଓଝଗ ଏବଂ ସକ୍ରିୟ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଦୃଢ଼ ନୀତି ସମନ୍ୱୟ ଏବଂ କାର୍ଯ୍ୟାନ୍ୱୟନ ଗତିକୁ ଗୁରୁତ୍ୱାରୋପ କରେ। ଏହା ବିଶ୍ୱ ନିବେଶକମାନଙ୍କୁ ଏକ ସ୍ପଷ୍ଟ ସଙ୍କେତ ପଠାଏ ଯେ ଭାରତ ନିରନ୍ତର, ବଡ଼ ପରିମାଣର ସେମିକଣ୍ଡକ୍ଟର କାର୍ଯ୍ୟାନ୍ୱୟନ ଦିଗରେ ତ୍ୱରାନ୍ୱିତ ହେଉଛି, ଶ୍ରୀ ଚଣ୍ଡକ ମନ୍ତବ୍ୟ ଦେଇଛନ୍ତି। ଭାରତ ୨୦୩୦ ସୁଦ୍ଧା ୪୦୦ ବିଲିୟନ ଡଲାରର ଇଲେକ୍ଟ୍ରୋନିକ୍ସ ବଜାର ଏବଂ ୧୦୩ ବିଲିୟନ ଡଲାରର ସେମିକଣ୍ଡକ୍ଟର ବଜାର ଆଡକୁ ଅଗ୍ରସର ହେଉଥିବାରୁ, ୩ଡିଜିଏସ୍ ଭଳି ବିକାଶ ଦର୍ଶାଉଛି ଯେ ଦେଶ ମୂଲ୍ୟ ଶୃଙ୍ଖଳରେ ଗୁରୁତ୍ୱପୂର୍ଣ୍ଣ କ୍ଷମତା ନିର୍ମାଣ କରୁଛି। ଏକ ସେମିକଣ୍ଡକ୍ଟର ହବ୍ ଭାବରେ ଓଡ଼ିଶାର ଉଦୟ ମେକ୍ ଇନ୍ ଇଣ୍ଡିଆ ଦୃଷ୍ଟିକୋଣକୁ ଆହୁରି ମଜବୁତ କରେ ଏବଂ ବିଶ୍ୱ ଅର୍ଦ୍ଧ ସେମିକଣ୍ଡକ୍ଟର ଭୂଦୃଶ୍ୟରେ ଭାରତକୁ ଏକ ବିଶ୍ୱସନୀୟ ଏବଂ ପ୍ରତିଯୋଗିତାମୂଳକ ଖେଳାଳି ଭାବରେ ସ୍ଥାନିତ କରେ।

## ଶ୍ରୀ ଶ୍ରୀ ବିଶ୍ୱନାଥ ଦେବଙ୍କ ୨୪ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଜଟଣୀ, (ସବ୍ୟୁ): ଜଟଣୀ ପୌର ପରିଷଦ ଅନ୍ତର୍ଗତ ଶ୍ରୀ ବିଶ୍ୱନାଥ ଦେବଙ୍କ ୨୪ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀରାମ



,ଲକ୍ଷ୍ମଣ, ସୀତା ,ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଗ୍ରହ ପ୍ରତିଷ୍ଠା ଉତ୍ସବ ବେଶ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମହାବିଷୁବ ସଂକ୍ରାନ୍ତି ଠାରୁ ଯଜ୍ଞ ଆରମ୍ଭ ହୋଇ ପାଞ୍ଚ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ ଓ ଜଳଯାତ୍ରା, ଶାଳାମଣ୍ଡପ, ଦେବତା ଆବାହନ,ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଗୋ ପୂଜା, ଶାଳାପୂଜା, ରୁଦ୍ରାଭିଷେକ,ଗୀତା ପଠନ, ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, ସଂକୀର୍ତ୍ତନ,ରାମନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। ପୂର୍ଣ୍ଣାହୁତିରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯଜ୍ଞ ସ୍ଥଳରେ ଉପସ୍ଥିତ ହୋଇ ପ୍ରଭୁଙ୍କ ଦର୍ଶନ ସହିତ ପ୍ରସାଦ ସେବନ କରିଥିଲେ। ମୁଖ୍ୟ ପୁରୋହିତ କୃତିବାସ ଆଚାର୍ଯ୍ୟ ଓ ସହଯୋଗୀ ପଣ୍ଡିତ ବୃନ୍ଦ ବିଗ୍ରହ ପ୍ରତିଷ୍ଠା ଏବଂ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତାକର୍ତ୍ତ୍ରି ଭାବେ ଗତେଶ୍ୱର ପାଇକରାୟ ,ଜ୍ୟୋଷ୍ଣାରାଣୀ ପାଇକରାୟ ଦାୟିତ୍ୱ ସମ୍ପାଦନା କରିଥିଲେ। ଏହି ଅବସରରେ ଗ୍ରାମ୍ୟ କମିଟି ପକ୍ଷରୁ ନୂତନ ବିଗ୍ରହ ମୂର୍ତ୍ତିଙ୍କୁ ନେଇ ଏକ ବିରାଟ ପଟୁଆରରେ ପାଞ୍ଚଗୋଟି ସୁସଜ୍ଜିତ ଗାଡ଼ିରେ ବିରାଟକାୟ ଧନୁ ଓ ତୀର, ରାମ ,ଲକ୍ଷ୍ମଣ, ସୀତା, ହନୁମାନ, ଜଟାୟୁ ବେଶଧାରୀ କଳାକାରଙ୍କ ଦ୍ୱାରା ରାମ ଦରବାର, ଅନ୍ୟ ଏକ ଗାଡ଼ିରେ ରାମ ନାମ ଭଜନ କୀର୍ତ୍ତନ ସୁସଜ୍ଜିତ ଆଲୋକ ଓ ଫୁଲ ମାଳାରେ ସଜ୍ଜିତ ରଥରେ ବିରାଜମାନ ପ୍ରଭୁ ଶ୍ରୀରାମ,ଲକ୍ଷ୍ମଣ ,ସୀତା ,ହନୁମାନଙ୍କ ବିଗ୍ରହ ପାରମ୍ପରିକ ବାଦ୍ୟ,ଘଣ୍ଟ ଘଣ୍ଟା, କାହାଳି ରୋଷଣୀ ରେ ଜୟ ଶ୍ରୀରାମ ଜୟ ବଜରଙ୍ଗବାଲିଙ୍କ ଧ୍ୱନୀରେ ଗାଁ ସହର ପରିକ୍ରମା ସାରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ସଦାଶିବ ମଙ୍ଗରାଜ, ସମ୍ପାଦକ ତଥା ଅଧିବକ୍ତା ଶରତ ପାଇକରାୟ, ସାମ୍ବାଦିକ ପ୍ରସନ୍ନ ପାଇକରାୟ, ସୁଶାନ୍ତ ହରିଚନ୍ଦନ, ପ୍ରଫୁଲ୍ଲ ପାଟଶାଣୀ, ଭାଗିରଥି ସୁନ୍ଦରା,ଜନାର୍ଦ୍ଦନ ହରିଚନ୍ଦନ,ବିଶ୍ୱନାଥ ପଶ୍ଚିମକବାଟ, ତ୍ରିନାଥ ସୁନ୍ଦରା,ଶିବ ରାଉତରାୟଙ୍କ ସମେତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

## ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ସକାଳ ୯ଘଟିକା ପର୍ଯ୍ୟନ୍ତ ଚାଲିବ

କଟକ, (ସବ୍ୟୁ):ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟି ରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଗୁଡିକ ଚଳିତ ଅପ୍ରେଲ ମାସରୁ ପ୍ରାତଃ ଘ ୬. ୩୦ମି ସମୟ ଠାରୁ ପୂର୍ବାହ୍ନ ଘ୧୦. ୩୦ମି ପର୍ଯ୍ୟନ୍ତ ଖୋଲାଯାଇ ଅଧ୍ୟୟନ କରାଯାଉଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହର ବୃଦ୍ଧିକୁ ପରିଲକ୍ଷିତ କରି ଆସନ୍ତା କାଲି ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ , ଅଙ୍ଗନୱାଡି କେନ୍ଦ୍ର ଗୁଡିକ ପ୍ରାତଃ ଘ୬. ୩୦ମି ଠାରୁ ସକାଳ ୯ଘଟିକା ପର୍ଯ୍ୟନ୍ତ ଶିକ୍ଷାଦାନ ନିମନ୍ତେ ଖୋଲା ରଖିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସମ୍ବନ୍ଧୀୟ ଏକ ସମୀକ୍ଷା ପୂର୍ବକ ପରବର୍ତ୍ତୀ ନିଷ୍ପତି ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଡିଲ୍ କର, ନଚେତ ମର

ନୂଆଦିଲ୍ଲୀ : ଇସଲାମାବାଦରେ ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ଥରେ ଶାନ୍ତି ଆଲୋଚନା ହେବାକୁ ଯାଉଛି । ଏନେଇ ଖୋଦ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। କିନ୍ତୁ ତାପୂର୍ବରୁ ଆଉ ଥରେ ଇରାନକୁ ଧମକ ଦେଇଛନ୍ତି ଟ୍ରମ୍ପ । ଆସନ୍ତାକାଲି (ସୋମବାର) ଯଦି ଆଲୋଚନା ନହୁଏ, ତେବେ ଆମେ ଇରାନକୁ ଶେଷ କରିଦେବୁ ବୋଲି କହିଛନ୍ତି ଆମେରିକା ରାଷ୍ଟ୍ରପତି । ଏହା ସହ ସେ କହିଛନ୍ତି, ଇରାନ ସବୁ ବିଜୁଳି ପ୍ଲାଣ୍ଟ ଏବଂ ପୋଲ ଧ୍ୱଂସ କରିଦେବେ । ଟ୍ରମ୍ପଙ୍କ ଧମକ, ଶାନ୍ତି ଆଲୋଚନା ଉପରେ କଣ ପ୍ରଭାବ ପକାଇବ ତାହା ସ୍ପଷ୍ଟ ଅନୁମେୟ ।

ଟ୍ରମ୍ପ ଟ୍ରୁଥ ସୋସିଆଲରେ ଲେଖିଛନ୍ତି, 'ଗତକାଲି ଇରାନ ହର୍ମୁଜ ପ୍ରଣାଳୀରେ ଗୁଳି ଚଳାଇଥିଲା - ଏହା ଆମର ଅସ୍ତ୍ରବିରତି ଚୁକ୍ତିନାମାର ଏକ




ଖୋଲା ଉଲ୍ଲଂଘନ । ମୋର ପ୍ରତିନିଧିମାନେ ଆସନ୍ତାକାଲି ସନ୍ଧ୍ୟାରେ ଆଲୋଚନା ପାଇଁ ପାକିସ୍ତାନର ଇସଲାମାବାଦ ଯାତ୍ରା କରୁଛନ୍ତି। ଇରାନ ସମ୍ପ୍ରତି ଘୋଷଣା କରିଛି ଯେ, ସେମାନେ ପ୍ରଣାଳୀକୁ ବନ୍ଦ କରୁଛନ୍ତି । କିନ୍ତୁ ଏହା ପୂର୍ବରୁ ନାକାବନ୍ଦୀ କରି ଆମେ ହର୍ମୁଜକୁ ବନ୍ଦ କରିଦେଇଛୁ । ସେମାନେ ଅଜାଣତରେ ଆମକୁ ସାହାଯ୍ୟ କରୁଛନ୍ତି ଏବଂ ସେମାନେ ଏହି ବନ୍ଦ ଯୋଗୁଁ ପ୍ରତିଦିନ ୫୦ ନିୟୁତ ଡଲାର ହରାଉଛନ୍ତି । ଆମେରିକାର କୌଣସି କ୍ଷତି ହେଉନାହିଁ । ଆମେ ଏକ ଅତ୍ୟନ୍ତ ନିରପେକ୍ଷ ଏବଂ ଯୁକ୍ତିଯୁକ୍ତ ଚୁକ୍ତିନାମା ପ୍ରଦାନ କରୁଛୁ, ଏବଂ ମୁଁ ଆଶା କରୁଛି ଯେ, ସେମାନେ ଏହାକୁ ଗ୍ରହଣ କରିବେ । ଯଦି ସେମାନେ ଏହା ନ କରନ୍ତି, ତେବେ ଆମେରିକା ଇରାନର ପ୍ରତ୍ୟେକ ପାୱାର ପ୍ଲାଣ୍ଟ ଏବଂ ପ୍ରତ୍ୟେକ ସେତୁକୁ ନଷ୍ଟ କରିଦେବ।'

ଆଲୋଚନା ପାଇଁ ଆସୁଥିବା ଅତିଥିମାନଙ୍କୁ ରଖିବା ପାଇଁ ପାକିସ୍ତାନ ଇସଲାମାବାଦର ଅତି କମରେ ଦୁଇଟି ପ୍ରମୁଖ ହୋଟେଲକୁ ଖାଲି କରିଦେଇଛି। ଏଥିରେ ସେରେନା ହୋଟେଲ ମଧ୍ୟ ଅନ୍ତର୍ଭୁକ୍ତ, ଯେଉଁଠାରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଖବର ମିଳିଥିଲା ଯେ, ସେରେନା ହୋଟେଲର ବିଲ୍ ମଧ୍ୟ ଦେଇପାରିନଥିଲେ ପାକିସ୍ତାନ ସରକାର । ତେବେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଦୁଇଟି ଆମେରିକୀୟ C17 ଗ୍ଲୋବମାଷ୍ଟର ବିମାନ ଅବତରଣ କରିବା ପରେ, ବିମାନବନ୍ଦରରୁ ରେଡ ଜୋନକୁ ଯାଉଥିବା ରାସ୍ତାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି। ଜିଲ୍ଲା ପ୍ରଶାସନ ମଧ୍ୟ ଏକ ବିବୃତ୍ତି ଜାରି କରି କହିଛି ଯେ, ରାଜଧାନୀରେ ସମସ୍ତ ଭାରୀ ଯାନ ଏବଂ ସାଧାରଣ ବସ୍ ଚଳାଚଳକୁ ନିଷିଦ୍ଧ କରାଯାଇଛି । ପ୍ରାଦେଶିକ ପୋଲିସ, ଅର୍ଦ୍ଧସାମରିକ ରେଞ୍ଜର୍ସ, ଇସଲାମାବାଦ ପୋଲିସ ଏବଂ ସେନା ସମେତ ପ୍ରାୟ ୨୦୦୦୦ ସୁରକ୍ଷା କର୍ମୀଙ୍କୁ ନିୟୋଜିତ ହୋଇଛନ୍ତି ।

# ଝାଲମୁଢ଼ିର ମଜା ନେଲେ ମୋଦୀ

ଝାରଗ୍ରାମ: ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପ୍ରଚାର କରୁଥିବା ବେଳେ ଝାରଗ୍ରାମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହଠାତ୍ ରାସ୍ତା କଡ଼ରେ ଥିବା ଏକ ଝାଲମୁଢ଼ି ଦୋକାନରେ ଅଟକି ଯାଇଥିଲେ। ମୋଦୀଙ୍କ ଗାଡ଼ି ରାସ୍ତାରେ ଅଟକିବା ଦେଖି ଲୋକଙ୍କ ଭିଡ଼ ଜମି ଯାଇଥିଲା। ଦୋକାନକୁ ଯାଇ ମୋଦୀ ଝାଲମୁଢ଼ି



ପ୍ରସ୍ତୁତ ପାଇଁ କହିଥିଲେ। ଏହାପରେ ଉକ୍ତ ଝାଲମୁଢ଼ିକୁ ମୋଦୀ ଜମା ହୋଇଥିବା ସ୍ଥାନୀୟ ପିଲାଙ୍କ ମଧ୍ୟରେ ବାଣ୍ଟିବା ସହିତ ନିଜେ ମଧ୍ୟ ତାହାର ମଜା ନେଇଥିଲେ । ଏହି ସମୟରେ ଲୋକେ ଘଟଣାସ୍ଥଳରେ ଜମା ହୋଇ "ଜୟ ଶ୍ରୀ ରାମ" ଏବଂ "ନରେନ୍ଦ୍ର ମୋଦୀ ଜିନ୍ଦାବାଦ"ର ନାରା ଦେଇଥିଲେ। ମୋଦୀ ଅଟକି ଥିବା ଦୋକାନୀ ଜଣକ ବିହାରର ଗୟା ଜିଲ୍ଲାର ବାସିନ୍ଦା। ନାମ ତାଙ୍କର ବିକ୍ରମ ସାହ। ସେ ଦୀର୍ଘ ୧୨ ବର୍ଷ ହେବ ଝାଲମୁଢ଼ୀ ବ୍ୟବସାୟ କରି ଆସୁଛନ୍ତି। ମୋଦୀଙ୍କୁ ନିଜ ଆଖି ସାମ୍ନାରେ ହଠାତ ଦେଖିବା ଅନୁଭବକୁ ବଖାଣି ଦୋକାନୀ ବିକ୍ରମ ସାହ କହିଛନ୍ତି, "ମୋଦୀ ଦୋକାନରେ ପହଞ୍ଚି ମୋତେ ଭଲ ଝାଲମୁଢ଼ୀ ତିଆରି କରିବାକୁ କହିଥିଲେ। ଖୁସିରେ ମୋର ଗୋଡ଼ ତଳେ ଲାଗୁ ନଥିଲା ହାତ ଥରିବାକୁ ଲାଗିଥିଲା। ତାପରେ ମୁଁ ଲଙ୍କା, ମସଲା ଏବଂ ଆଚାର ସହିତ ଝାଲମୁଢ଼ୀ ପ୍ରସ୍ତୁତ କରି ମୋଦୀଙ୍କ ହାତକୁ ବଢ଼ାଇ ଦେଇଥିଲି। ମୋଦୀ ବି ମୋ ହାତର ଝାଲମୁଢ଼ୀକୁ ଖାଇ ସ୍ୱାଦର ଖୁବ ପ୍ରଶଂସା କରିଥିଲେ।'

# ଇଟାଲୀର ଗୁରୁଦ୍ୱାରରୁ ବାହାରିବା ବେଳେ ୨ ଭାରତୀୟଙ୍କୁ ଗୁଳିମାଡ଼

ନୂଆଦିଲ୍ଲୀ ୧୯ ।୦୪; ଇଟାଲୀରେ ବଡ ଅଘଟଣ । ବେରଗାମୋ ପ୍ରଦେଶର କୋଭା ସହରରେ ବୈଶାଖୀ ଉତ୍ସବରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେଠାର ଗୁରୁଦ୍ୱାର ବାହାରେ ଆଖିବୁଜା ଗୁଳିମାଡ ହୋଇଛି । ଏହି ଘଟଣାରେ ଦୁଇ ଭାରତୀୟଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଗୁରୁଦ୍ୱାରାରୁ ବାହାରିବା ସମୟରେ ୨ ଜଣଙ୍କ ଉପରକୁ ଗୁଳମାଡ଼ କରିଥିଲା ଆକ୍ରମଣକାରୀ । ଘଟଣାରେ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଫେରାର ଆକ୍ରମଣକାରୀକୁ ଖୋଜୁଛି ଏବେ ପୋଲିସ ଖୋଜୁଛି । ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀ ସେହି ଲୋକଙ୍କ ପାଖକୁ ଯାଇ ଗୁଳି ଚଳାଇଥିଲା ଏବଂ ତା'ପରେ ତାଙ୍କ କାରରେ ପଳାଇ ଯାଇଥିଲା । ପ୍ରାଥମିକ ତଦନ୍ତରୁ ହଠାତ୍ ଝଗଡ଼ା ହେବାର ସମ୍ଭାବନାକୁ ଖାରଜ କରାଯାଇଛି ଯାହା ହିଂସାରେ ପରିଣତ ହୋଇଥିଲା । ତଦନ୍ତକାରୀମାନେ ପୂର୍ବ ଯୋଜନାବଦ୍ଧ ହତ୍ୟା" ଦିଗ ଉପରେ



କାମ କରୁଛନ୍ତି । ଘଟଣାସ୍ଥଳରୁ ପ୍ରାୟ ଦଶଟି ଖାଲି କାର୍ଟ୍ରିଜ୍ ଉଦ୍ଧାର କରାଯାଇଛି । ଜଣେ ପ୍ରତ୍ୟକ୍ଷଦର୍ଶୀ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଗୁଳି ଚଳାଇଥିବା ବ୍ୟକ୍ତି ମଧ୍ୟ "ଜଣେ ଭାରତୀୟ" ଥିଲେ ଯିଏ ସେହି ଗୁରୁଦ୍ୱାରକୁ ବାରମ୍ବାର ଯାଉଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଗୁଳିରେ ତୃତୀୟ ବ୍ୟକ୍ତି ମଧ୍ୟ ଆହତ ହୋଇଛନ୍ତି । ଶନିବାର, ନିକଟସ୍ଥ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ସହିତ ବୈଶାଖୀର ଏକ ସରକାରୀ ଉତ୍ସବର ଯୋଜନା କରାଯାଇଥିଲା । ଇଟାଲୀୟ ସ୍ଥାନୀୟ ଗଣମାଧ୍ୟମ ରବିବାର ଦିନ ରିପୋର୍ଟ କରିଛି ଯେ, ଶୁକ୍ରବାର ମଧ୍ୟରାତ୍ରି ପୂର୍ବରୁ ଏହି ଆକ୍ରମଣ ଘଟିଥିଲା । ସହରର ଶିଳ୍ପାଞ୍ଚଳରେ ଥିବା ଗୁରୁଦ୍ୱାର ମାତା ସାହିବ କୌର ଜୀଙ୍କ ସାମ୍ନା ଛକରେ ଏହି ଘଟଣା ଘଟିଛି । ସ୍ଥାନୀୟ ପୋଲିସ ଏହାକୁ ଏକ ପୂର୍ବ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛି । ଘଟଣାସ୍ଥଳରୁ ପ୍ରାୟ ୧୦ଟି ଗୁଳି ଖୋକା ଜବତ କରାଯାଇଛି । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଆକ୍ରମଣକାରୀ ଜଣେ ଭାରତୀୟ ଏବଂ ସେ ମଧ୍ୟ ସେହି ଗୁରୁଦ୍ୱାରକୁ ନିୟମିତ ଆସୁଥିଲେ । ଗୁଳି ଚଳାଇବା ପରେ ଅଭିଯୁକ୍ତ ଜଣକ ଏକ କାର୍ ସାହାଯ୍ୟରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଏହି ଦୁଃଖଦ ଘଟଣା ସ୍ଥାନୀୟ ଭାରତୀୟ ସମ୍ପ୍ରଦାୟ ମଧ୍ୟରେ ଶୋକ ଓ ଭୟର ଛାୟା ଖେଳାଇ ଦେଇଛି । ଇଟାଲୀ ପୋଲିସ ମାମଲାର ଛାନଭିନ୍ ଜାରି ରଖିଛି।

# ଇସ୍ରାଏଲର ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କଲେ ୧୬ ଦେଶ

ଜେରୁଜେଲମ: ଇସ୍ରାଏଲର ସୋମାଲିଲ୍ୟାଣ୍ଡରେ କୂଟନୈତିକ ପ୍ରତିନିଧି ନିଯୁକ୍ତ କରିବା ନିଷ୍ପତ୍ତି ଉପରେ ସାଉଦି ଆରବ ସମେତ ଅନେକ ଆରବ ଏବଂ ମୁସଲିମ ଦେଶ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ ଇସ୍ରାଏଲର ସୋମାଲିଲ୍ୟାଣ୍ଡରେ କୂଟନୈତିକ ପ୍ରତିନିଧି ନିଯୁକ୍ତ କରିବା ନିଷ୍ପତ୍ତିକୁ "ଭୁଲ" ବୋଲି କହି ତୀବ୍ର ନିନ୍ଦା କରିଛନ୍ତି ।

ଏକ ମିଳିତ ବିବୃତ୍ତିରେ, ଦେଶଗୁଡ଼ିକ କହିଛନ୍ତି ଯେ ଇସ୍ରାଏଲର ଏହି ପଦକ୍ଷେପ ସୋମାଲିଆର ସାର୍ବଭୌମତ୍ୱ, ଏକତା ଏବଂ କ୍ଷେତ୍ରୀୟ ଅଖଣ୍ଡତାର ସିଧାସଳଖ ଉଲ୍ଲଂଘନ । ସେମାନେ କହିଛନ୍ତି ଯେ ଯେକୌଣସି ଦେଶର ସୀମା ଏବଂ ଏକତାକୁ ଦୁର୍ବଳ କରୁଥିବା ଏକପାଖିଆ ନିଷ୍ପତ୍ତି ସମ୍ପୂର୍ଣ୍ଣ ଗ୍ରହଣୀୟ ନୁହେଁ । ସାଉଦି ଆରବ, ମିଶର, ସୋମାଲିଆ, ସୁଡାନ, ଲିବିଆ, ବାଂଲାଦେଶ, ଆଲଜେରିଆ, ପାଲେଷ୍ଟାଇନ, ତୁର୍କୀ, ଇଣ୍ଡୋନେସିଆ, ପାକିସ୍ତାନ



ଏବଂ କୁଏତ ସମେତ ଏସିଆ, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟର ୧୬ଟି ଦେଶର ବୈଦେଶିକ ମନ୍ତ୍ରୀମାନେ ଇସ୍ରାଏଲର ନିଷ୍ପତ୍ତିକୁ ନିନ୍ଦା କରି ଏକ ବିବୃତ୍ତି ଜାରି କରିଛନ୍ତି । ସେମାନେ କହିଛନ୍ତି ଯେ ଇସ୍ରାଏଲର ଏହି ପଦକ୍ଷେପ ଅନ୍ତର୍ଜାତୀୟ ଆଇନ ଏବଂ ଜାତିସଂଘ ଏବଂ ଆଫ୍ରିକୀୟ ସଂଘର ନୀତିକୁ ଉଲ୍ଲଂଘନ କରୁଛି। ସେମାନେ ବିଶ୍ୱାସ କରନ୍ତି ଯେ ଏପରି ନିଷ୍ପତ୍ତି ଆଫ୍ରିକାର ହର୍ଣ୍ଣ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି କରିପାରେ ।

ପ୍ରକୃତରେ, ଇସ୍ରାଏଲ୍ ନିକଟରେ ସୋମାଲିଲ୍ୟାଣ୍ଡକୁ ଏକ ସ୍ୱାଧୀନ ଦେଶ ଭାବରେ ମାନ୍ୟତା ଦେବା ଏବଂ ସେଠାକୁ ଜଣେ ପ୍ରତିନିଧି ପଠାଇବା ଘୋଷଣା କରିଛି । ଏହି ନିଷ୍ପତ୍ତି ଏହି ବିବାଦକୁ ଜନ୍ମ ଦେଇଛି । ସୋମାଲିଆ ଏହାର ତୀବ୍ର ପ୍ରତିବାଦ କରିଛି । ଏହା କହିଛି ଯେ ସୋମାଲିଲ୍ୟାଣ୍ଡ ଏହାର କ୍ଷେତ୍ରର ଏକ ଅଂଶ ଏବଂ ଏହାକୁ ଏକ ପୃଥକ ଦେଶ ଭାବରେ ମାନ୍ୟତା ଦେବା ଏହାର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ଉଲ୍ଲଂଘନ କରୁଛି । ଏହି କାରଣରୁ ଅନ୍ୟ ଅନେକ ଦେଶ ସୋମାଲିଆକୁ ସମର୍ଥନ କରିଛନ୍ତି । ଏହି ଦେଶଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ ଏପରି ପଦକ୍ଷେପର ପ୍ରଭାବ କେବଳ ଗୋଟିଏ ଦେଶ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ସମଗ୍ର ଅଞ୍ଚଳର ଶାନ୍ତି ଏବଂ ସୁରକ୍ଷାକୁ ପ୍ରଭାବିତ କରିପାରେ । ସେମାନେ କହିଛନ୍ତି ଯେ ଏପରି ନିଷ୍ପତ୍ତି ଭବିଷ୍ୟତରେ ଆହୁରି ବଡ଼ ବିବାଦ ସୃଷ୍ଟି କରିପାରେ।

# ବାଣ କାରଖାନାରେ ବିସ୍ଫୋରଣ: ୨୦ ମୃତ

ଚେନ୍ନାଇ : ତାମିଲନାଡୁର ବିରୁଧନଗର ଜିଲ୍ଲାର କଟ୍ଟନାରପଟ୍ଟୀ ଗାଁରେ ରବିବାର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରାହ୍ନରେ ଏହି ଘଟଣା ଘଟିଥିବା ବେଳେ ଖବର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। କାରଖାନାରେ ଲାଗିଥିବା ନିଆଁକୁ ସେମାନେ ଏକ ଘଣ୍ଟାର ପରିଶ୍ରମ ପରେ ଲିଭାଇଥିଲେ। ତା'ସହିତ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଘଟଣା ଘଟିବା ବେଳେ କାରଖାନାରେ ପ୍ରାୟ ୩୦ ଜଣ କର୍ମଚାରୀ କାମ କରୁଥିଲେ ବୋଲି ସ୍ଥାନୀୟ ପୁଲିସ କହିଛି। ଏହି ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ କାରଖାନାର କୋଠାର କିଛି ଅଂଶ ଭୁଶୁଡ଼ି ପଡ଼ିଛି। ପ୍ରାୟ ୪ଟି କଠୋରୀ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ବିସ୍ଫୋରଣର ଶବ୍ଦ ପ୍ରାୟ ୧୦ କିମି ପର୍ଯ୍ୟନ୍ତ ଶୁଣିବାକୁ ମିଳିଥିଲା। କାହିଁକି ବିସ୍ଫୋରଣ ଘଟିଲା, ତାହା ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍କେ ଷ୍ଟାଲିନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ସାରିଛି। କାହିଁକି



ଏହି ବିସ୍ଫୋରଣ ହେଲା ଓ ବାଣ ପ୍ରସ୍ତୁତି ବେଳେ ସମସ୍ତ ପ୍ରକାର ଏସ୍ଓପିକୁ ପାଳନ କରାଯାଇଥିଲା ନା ନାହିଁ, ସେ ଦିଗରେ ପୁଲିସ ତଦନ୍ତ କରୁଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ତାମିଲନାଡୁର ବିରୁଧନଗର ହେଉଛି ବାଣ କାରଖାନାର ହବ୍। ଏଠାରେ ବହୁ ବାଣ କାରଖାନା ରହିଛି। ଆଉ ଗତ କିଛି ବର୍ଷରେ ଏଠାରେ ଅନେକ କାରଖାନାରେ ଅଘଟଣ ଘଟିଛି। ଏପ୍ରିଲ ୧୩ ତାରିଖରେ ବିରୁଧନଗର ଜିଲ୍ଲାର ମଦାଥୁପଟ୍ଟୀରେ ଏକ ବାଣ କାରଖାନାରେ ବଡ଼ ବିସ୍ଫୋରଣ ହୋଇଥିଲା। ୨୦୨୪ ଫେବ୍ରୁଆରୀ ୧୭ ତାରିଖରେ ଏହି ଜିଲ୍ଲାର ଆଉ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଥିଲା ଓ ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଥିଲେ। ୨୦୨୪ ଜୁନ୍ ୨୯ ତାରିଖରେ ଏହି ଜିଲ୍ଲାର ଅନ୍ୟ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୪ ଜଣଙ୍କ ଜୀବନ ଯାଇଥିଲା ଓ ଜଣେ ଆହତ ହୋଇଥିଲେ।

# ଦିନେଶ ତ୍ରିବେଦୀ ହେବେ ବାଂଲାଦେଶର ନୂଆ ହାଇକମିଶନର

ନୂଆଦିଲ୍ଲୀ: ଭାରତ ସରକାର ଦିନେଶ ତ୍ରିବେଦୀଙ୍କୁ ବାଂଲାଦେଶର ନୂତନ ହାଇକମିଶନର ଭାବରେ ନିଯୁକ୍ତ କରିଛନ୍ତି । ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଏବଂ ବାଂଲାଦେଶ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି ଏବଂ ଉଭୟ ଦେଶ ଏକ ସନ୍ତୁଳିତ ଏବଂ ଦୃଢ଼ ସମ୍ପର୍କ ବଜାୟ ରଖିବାକୁ ଚେଷ୍ଟା କରୁଛନ୍ତି ।

ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ଏବଂ ବରିଷ୍ଠ ବିଜେପି ନେତା ଦିନେଶ ତ୍ରିବେଦୀଙ୍କ ନିଯୁକ୍ତିକୁ ରାଜନୈତିକ ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ବିଶେଷକରି ପଶ୍ଚିମବଙ୍ଗ ରାଜନୀତି ପରିପ୍ରେକ୍ଷୀରେ ଏହି ପଦକ୍ଷେପକୁ ବିଜେପିର ଏକ ରଣନୈତିକ ପଦକ୍ଷେପ ଭାବରେ ଦେଖାଯାଉଛି, ଯାହା ଆଗାମୀ ନିର୍ବାଚନ ସମୀକରଣକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ଦିନେଶ ତ୍ରିବେଦୀଙ୍କ ରାଜନୈତିକ କ୍ୟାରିୟର ଅନେକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଦେଖିଛି । ବିଜେପିରେ ଯୋଗଦେବା ପୂର୍ବରୁ ସେ ତୃଣମୂଳ କଂଗ୍ରେସର ଜଣେ ପ୍ରମୁଖ ନେତା ଥିଲେ ଏବଂ ଦଳର କୋଟାରୁ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ ସରକାରରେ ରେଳମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ତଥାପି, ସେ ପରେ ଟିଏମସିରୁ ନିଜକୁ ଦୂରେଇ ରଖି ୨୦୨୧ ମସିହାରେ ବିଜେପିରେ ଯୋଗ ଦେଇଥିଲେ ।

ଦିନେଶ ତ୍ରିବେଦୀ ଏବେ ପ୍ରଣୟ ବର୍ମାଙ୍କ ସ୍ଥାନ ନେବେ, ଯାହା ବାଂଲାଦେଶରେ ଭାରତର ହାଇକମିଶନର ଭାବରେ କାର୍ଯ୍ୟ କରିବେ । ବର୍ମାଙ୍କୁ ବର୍ତ୍ତମାନ ବ୍ରସେଲ୍ସକୁ ସ୍ଥାନାନ୍ତର କରାଯାଉଛି, ଯେଉଁଠାରେ ସେ ୟୁରୋପୀୟ ସଂଘରେ ଭାରତର ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରିବେ । ଏହି ପରିବର୍ତ୍ତନକୁ ଭାରତର କୂଟନୈତିକ ରଣନୀତିର ଏକ ଅଂଶ ଭାବରେ ଦେଖାଯାଉଛି ।

# ଇସ୍ରାଏଲ ଆକ୍ରମଣରେ ୧୫୦ ହିଜବୁଲ୍ଲା ଆତଙ୍କୀ ନିପାତ

ବେରୁଟ୍ : ଇସ୍ରାଏଲ ଓ ଲେବାନନ୍ ମଧ୍ୟରେ ଯୁଦ୍ଧବିରତି ଚୁକ୍ତି କାର୍ଯ୍ୟକାରୀ ହେବାର ଠିକ୍ ୨୪ ଘଣ୍ଟା ପୂର୍ବରୁ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଲେବାନନରେ ହିଜବୁଲ୍ଲାର ଗଡ଼ ଗୁଡ଼ିକ ଉପରେ ଏକ ବଡ଼ ସାମରିକ ଆକ୍ରମଣ କରିଛି, ଯେଉଁଥିରେ ୧୫୦ରୁ ଅଧିକ ହିଜବୁଲ୍ଲା ସଦସ୍ୟ ପ୍ରାଣ ହରାଇଥିବା ବେଳେ ପ୍ରାୟ ୩୦୦ରୁ ଅଧିକ ସାମରିକ ଘାଟିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯାଇଛି। ଏହି ଅପରେସନର ସବୁଠାରୁ ବଡ଼ ସଫଳତା ହେଉଛି ହିଜବୁଲ୍ଲାର ବିନ୍ତ ଜବେଇଲ ସେକ୍ଟର କମାଣ୍ଡର ଅଲି ରିଦା ଅବ୍ବାସଙ୍କ ମୃତ୍ୟୁ। ଆଇଡିଏଫ୍ ଅନୁଯାୟୀ, ଅବ୍ବାସ ହେଉଛନ୍ତି ଚତୁର୍ଥ କମାଣ୍ଡର ଯିଏକି "ଅପରେସନ ନର୍ଦ୍ଦର୍ନ ଆରୋଜ୍" ଆରମ୍ଭ ପରଠାରୁ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିହତ ହୋଇଛନ୍ତି।ସେନା ପକ୍ଷରୁ ଜାରି କରାଯାଇଥିବା ସରକାରୀ ବିବୃତ୍ତି ଅନୁଯାୟୀ, ଏହି ଆକ୍ରମଣରେ ହିଜବୁଲ୍ଲାର ରକେଟ୍ ଲଞ୍ଚର୍, କମାଣ୍ଡ ସେଣ୍ଟର ଓ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବା ଗୋଦାମଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ବିଶେଷ କରି "ଅପରେସନ ରୋରିଂ ଲାୟନ" ଅଧୀନରେ ଇସ୍ରାଏଲ ବିରୁଦ୍ଧରେ ଅନେକ ଘାତକ ଆକ୍ରମଣର ନେତୃତ୍ୱ ନେଉଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ଏହି ଅଭିଯାନ କରାଯାଇଥିଲା।ଆଇଡିଏଫ୍ ଦାବି କରିଛି ଯେ ଏହି ଅପରେସନ ଆରମ୍ଭ ପରଠାରୁ ଲେବାନନରେ ପ୍ରାୟ ୧,୮୦୦ରୁ ଅଧିକ ହିଜବୁଲ୍ଲା ସଦସ୍ୟ ନିହତ ହୋଇସାରିଛନ୍ତି। ଯୁଦ୍ଧବିରତି ଘୋଷଣା ପରେ ସମଗ୍ର ଅଞ୍ଚଳରେ ଏବେ ଉତ୍ତେଜନା କିଛି ମାତ୍ରାରେ ହ୍ରାସ ପାଇଥିଲେ ସୁଦ୍ଧା ଇସ୍ରାଏଲ ସେନା ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ସେନା କହିଛି ଯେ, ଇସ୍ରାଏଲର ନାଗରିକ ଏବଂ ସୈନ୍ୟମାନଙ୍କ ସୁରକ୍ଷା ପାଇଁ ଯେକୌଣସି ପ୍ରକାରର ବିପଦକୁ ଦୂର କରିବା ନିମନ୍ତେ ସେମାନେ ଆଗକୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଜାରି ରଖିବେ। ବର୍ତ୍ତମାନ ହିଜବୁଲ୍ଲାର ସାମରିକ ଶକ୍ତିକୁ ଦୁର୍ବଳ କରିବା ଇସ୍ରାଏଲର ପ୍ରାଥମିକ ଲକ୍ଷ୍ୟ ହୋଇ ରହିଛି।

# ସିଇସି ଜ୍ଞାନେଶ କୁମାରଙ୍କୁ ହଟେଇବାକୁ ପୁଣି ବିରୋଧୀଙ୍କ କସରତ

ନୂଆଦିଲ୍ଲୀ : ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କୁ ହଟେଇବାକୁ ବିରୋଧୀ ଦଳମାନେ ପୁଣି ଥରେ କସରତ ଆରମ୍ଭ କରିଦେଇଛନ୍ତି। ବିରୋଧୀ ଦଳର ନେତାମାନେ ଏନେଇ ମିଳିତ ଭାବେ ଆଲୋଚନା କରୁଛନ୍ତି। କଂଗ୍ରେସ, ଟିଏମ୍ସି, ସମାଜବାଦୀ ପାର୍ଟି ଓ ଡିଏମ୍କେର ୫ ଜଣ ବରିଷ୍ଠ ସଦସ୍ୟ ସିଇସିଙ୍କୁ ହଟେଇବାକୁ ଏକ ନୂଆ ନୋଟିସ୍ ପ୍ରସ୍ତୁତ କରୁଛନ୍ତି। ତେବେ ନୋଟିସ ଲୋକସଭା, ନା ରାଜ୍ୟସଭା ନା ପୂର୍ବଥର ପରି ଉଭୟ ଗୃହରେ ଏକାସଙ୍ଗରେ ଆଣିବାକୁ ଯାଉଛନ୍ତି ସେ ନେଇ ନିଷ୍ପତ୍ତି ହୋଇନାହିଁ।ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍ ୨୦୨୬ ଲୋକସଭାରେ ଶୁକ୍ରବାର ପରାଜିତ ହେବା ପରେ ବିରୋଧୀ ଦଳ ନେତାମାନେ ଉତ୍ସାହିତ ଥିବାବେଳେ ନିଜ ଭିତରେ ବ୍ୟାପକ ସମର୍ଥନ ଯୋଗାଡ଼ କରିବାରେ ଲାଗିପଡ଼ିଛନ୍ତି। ଏହି ନୂଆ ନୋଟିସ ଆଣିବାକୁ ସେମାନେ ଅତିକମ୍ରେ ୨୦୦ ସାଂସଦଙ୍କ ଦସ୍ତଖତ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ପୂର୍ବ ନୋଟିସରେ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଥିଲେ ଯେ, ସିଇସି ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଓ ସାମ୍ବିଧାନିକ ସ୍ୱାର୍ଥ ବଜାୟ ରଖିବାରେ ବିଫଳ ହୋଇଛନ୍ତି। ଏହାସହିତ ସିଇସି ସରକାରଙ୍କ ପ୍ରଭାବରେ କାର୍ଯ୍ୟ କରୁଥିବା ଅଭିଯୋଗ କରିଥିଲେ। ତେବେ ବିରୋଧୀ ଦଳଗୁଡ଼ିକ ପୂର୍ବରୁ ଆଣିଥିବା ନୋଟିସକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଓ ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ ପ୍ରତ୍ୟାଖ୍ୟାନ କରିଦେଇଥିଲେ।

# ଶ୍ରୀନଗର ବିମାନବନ୍ଦରରେ ୨ ଆମେରିକୀୟ ନାଗରିକ ଅଟକ

ଶ୍ରୀନଗର: ଶ୍ରୀନଗର ବିମାନବନ୍ଦରରେ ଦୁଇଜଣ ଆମେରିକୀୟ ନାଗରିକଙ୍କ ଜିନିଷପତ୍ରରୁ ସାଟେଲାଇଟ୍ ଫୋନ୍ ମିଳିବା ପରେ ସେମାନଙ୍କୁ ଅଟକ ରଖାଯାଇଛି। ସରକାରଙ୍କ ବିନା ଅନୁମତିରେ ଭାରତରେ ସାଟେଲାଇଟ୍ ଫୋନ୍ ବ୍ୟବହାର ନିଷିଦ୍ଧ ହୋଇଥିବାବେଳେ ବିମାନ ସୁରକ୍ଷା ଅଧିକାରୀ ନିୟମିତ ଯାଞ୍ଚବେଳେ ସେମାନଙ୍କ ଜିନିଷପତ୍ରରେ ସାଟେଲାଇଟ୍ ଫୋନ୍ ପାଇଥିଲେ। ବିମାନବନ୍ଦର ସୁରକ୍ଷା ଅଧିକାରୀ ଦୁଇ ଆମେରିକୀୟ ନାଗରିକଙ୍କୁ ପଚରାଉଚରା କରିବା ପରେ ପୁଲିସକୁ ଅଧିକ ତଦନ୍ତ ପାଇଁ ହସ୍ତାନ୍ତର କରିଛି। ସେମାନଙ୍କ ମଧ୍ୟରେ ଜଣେ ମୋଣ୍ଟାନାର ଜେଫରି ସ୍କଟ୍ ବୋଲି ଜଣାପଡ଼ିଛି। 'ଗାର୍ମିନ' କମ୍ପାନି ଦ୍ୱାରା ନିର୍ମିତ ସାଟେଲାଇଟ୍ ଫୋନଟି ସେମାନଙ୍କ ଜିନିଷପତ୍ରରୁ ମିଳିଥିଲା। ସାଟେଲାଇଟ୍ ଫୋନ୍ ବ୍ୟବହାର ପାଇଁ ଭାରତ ସରକାରଙ୍କଠାରୁ ପ୍ରଥମେ ଅନୁମତି ଆଣିବାକୁ ପଡ଼ିଥାଏ। ଭାରତୀୟ ଟେଲିଗ୍ରାଫ୍ ଆଇନ୍ ଓ ଅନ୍ୟ ସୁରକ୍ଷା




ନିୟମ ଅନୁଯାୟୀ ଥୁରାୟା ଓ ଇରିଡିୟମ୍ ଫୋନ୍ ପରି ଉପକରଣ କଠୋର ନିୟମ ଅଧୀନରେ ଆସୁଛି। ଏହାକୁ ବିନା ଅନୁମତିରେ ରଖିଲେ ଗିରଫଦାରୀ କିମ୍ବା ୨ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଭାରତରେ ସାଟେଲାଇଟ୍ କମ୍ୟୁନିକେସନ ଡିଭାଇସ ବ୍ୟବହାର କରିବା ପୂର୍ବରୁ ପର୍ଯ୍ୟଟକଙ୍କୁ ଟେଲିକମ୍ୟୁନିକେସନ ବିଭାଗଠାରୁ ଲିଖିତ ଅନୁମତି ଆଣିବାକୁ ପଡ଼ିଥାଏ। ଗତ ବର୍ଷ ମେ ମାସରେ ଆମେରିକାରେ ରହୁଥିବା ଜଣେ ଚକ୍ଷୁରୋଗ ବିଶେଷଜ୍ଞଙ୍କୁ ପୁଡୁଚେରୀ ବିମାନବନ୍ଦରରେ ଅଟକ ରଖାଯାଇଥିଲା। ତାଙ୍କ ନିକଟରୁ ଇରିଡିୟମ ସାଟେଲାଇଟ୍ ଫୋନ ଉଦ୍ଧାର କରଯାଇଥିଲା।

# କ୍ଲିୟରାନ୍ସ ଦେଇଥିଲ, ଏବେ ଗୁଳି ଚଳାଉଛ'

ନୂଆଦିଲ୍ଲୀ: ଓମାନର ଉତ୍ତରରେ ଇରାନ ନୌସେନା ଦ୍ୱାରା ଦୁଇଟି ଭାରତୀୟ ଜାହାଜ ଉପରେ ଗୁଳି ଚଳାଇଥିଲା। ସେଥିମଧ୍ୟରୁ ଅନ୍ୟତମ ସନ୍ମାର ହେରାଲ୍ଡର ଏକ ଅଡିଓ ରେକର୍ଡିଂ ସାମ୍ନାକୁ ଆସିଛି। ରେକର୍ଡିଂରେ ଟ୍ୟାଙ୍କରରୁ ଜଣେ ନାବିକ ଇରାନ କର୍ତ୍ତୃପକ୍ଷଙ୍କୁ କହୁଥିବାର ଶୁଣିବାକୁ ମିଳିଛି ଯେ, ହର୍ମୁଜ ପ୍ରଣାଳୀ ଅତିକ୍ରମ କରିବା ପାଇଁ ସେମାନେ ପୂର୍ବରୁ କ୍ଲିୟରାନ୍ସ ଦେଇଥିଲେ ଏବଂ ବର୍ତ୍ତମାନ ଜାହାଜ ଉପରେ ଗୁଳି ଚଳାଉଛନ୍ତି। ଆମେରିକା ଓ ଇସ୍ରାଏଲ ସହ ସଂଘର୍ଷରେ ସମ୍ପୃକ୍ତ ନ ଥିବା ଦେଶଗୁଡ଼ିକୁ ଟାର୍ଗେଟ୍ କରାଯିବ



ନାହିଁ ବୋଲି ତେହେରାନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନ ଏହି ପ୍ରତିଶ୍ରୁତିରୁ ଓହରିଯାଇ ଦୁଇଟି ଭାରତୀୟ ଜାହାଜ ଜଗ ଅର୍ଣ୍ଣବ ଓ ସନ୍ମାର ହେରାଲ୍ଡ ଉପରେ ଇରାନ ନୌସେନା ଗୁଳି ଚଳାଇଥିଲେ। ମେରାଇନ୍ ଟ୍ରାଫିକ୍ ତଥ୍ୟ ଅନୁଯାୟୀ, ଭାରତର ପତାକା ଥିବା ଜଗ ଅର୍ଣ୍ଣବ ସାଉଦି ଆରବର ଅଲ୍ ଜୁବେଲରୁ ଭାରତ ଅଭିମୁଖେ ଯାତ୍ରା କରୁଥିଲା। ଏହି ସମୟରେ ସନ୍ମାର ହେରାଲ୍ଡ ଇରାକରୁ ଭାରତକୁ ଅଶୋଧିତ ତୈଳ ପରିବହନ କରୁଥିଲା।

ଅଡିଓ କ୍ଲିପ୍ରେ ସନ୍ମାର ହେରାଲ୍ଡର ଜଣେ କ୍ରୁ ସଦସ୍ୟ କହୁଥିବାର ଶୁଣିବାକୁ ମିଳିଛି: ଆପଣ ମୋତେ ଯିବାକୁ ଅନୁମତି ଦେଇଥିଲେ। ମୋ ନାମ ଆପଣଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛି। ଆପଣ ବର୍ତ୍ତମାନ ଗୁଳି ଚଳାଉଛନ୍ତି। ମୋତେ ପଛକୁ ଫେରିବାକୁ ଦିଅ। ଏହି ଘଟଣାରେ ଭାରତ ଗଭୀର ଉଦ୍ବେଗ ପ୍ରକାଶ କରିବା ସହ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଭାରତରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫତାଲିଙ୍କୁ ଡକାଇଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ଇରାନର ରାଷ୍ଟ୍ରଦୂତଙ୍କୁ ବୈଦେଶିକ ସଚିବଙ୍କ ସହ ସାକ୍ଷାତ୍ ପାଇଁ ଡକାଯାଇଥିଲା। ଏହି ବୈଠକରେ ବୈଦେଶିକ ସଚିବ ଆଜି ସକାଳେ ହର୍ମୁଜ ପ୍ରଣାଳୀରେ ଦୁଇଟି ଭାରତୀୟ ପତାକା ଥିବା ଜାହାଜ ଉପରେ ହୋଇଥିବା ଗୁଳିମାଡ଼ ଘଟଣାରେ ଭାରତର ଗଭୀର ଉଦ୍ବେଗ ପ୍ରକାଶ କରିଥିଲେ। ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ରଙ୍କ କହିବା ଅନୁଯାୟୀ, ଇରାନ ରାଷ୍ଟ୍ରଦୂତ ଏହି ମତକୁ ଇରାନ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଦାୟିତ୍ୱ ନେଇଛନ୍ତି।

ଆଇପିଏଲ ମହାସମର

# କେକେଆରର ପ୍ରଥମ ବିଜୟ



କୋଲକାତା, ୧୯।୪ (ଏଜେନ୍ସି) : ଚଳିତ ଆଇପିଏଲରେ ପ୍ରଥମ ବିଜୟ ହାସଲ କରିଛି କୋଲକାତା ନାଇଟ୍ ରାଇଡର୍ସ । ୭ ଟି ମ୍ୟାଚର ପ୍ରତିକ୍ଷା ପରେ କୋଲକାତା ବିଜୟର ସ୍ୱାଦ ଚାଖିଛି । କେକେଆର ଇଡେନ୍ ଗାର୍ଡେନରେ ରାଜସ୍ଥାନ ରୟାଲ୍ସକୁ ୪ ୱିକେଟରେ ପରାସ୍ତ କରିଥିଲା । ରିଙ୍କୁ ସିଂ ଓ ଅନୁକୂଳ ରୟଙ୍କ ମଧ୍ୟରେ ଅପରାଜିତ ୭୬ ରନର ପାର୍ଟନରସିପ ଯୋଗୁଁ କେକେଆର ବିଜୟ ହୋଇଛି । ଜିତିବା ମ୍ୟାଚକୁ ରାଜସ୍ଥାନ ହାତଛଡା କରିଥିଲା । କାରଣ ରାଜସ୍ଥାନ ବୋଲର କେକେଆରର ସ୍କୋର ୧୦୦ ମଧ୍ୟରେ ୬ ୱିକେଟ ଝଡାଇଥିଲେ । କିନ୍ତୁ ରିଙ୍କୁ ଓ ଅନୁକୂଳଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ଆଗରେ ରାଜସ୍ଥାନ ରୟାଲ୍ସ ବୋଲର ଫିକା ପଡିଯାଇଥିଲେ । ଏହି ବିଜୟ ସହ କେକେଆର ୭ ମ୍ୟାଚରୁ ୩ ପଏଣ୍ଟ ସହ ପଏଣ୍ଟ ଟେବୁଲର ନବମ ସ୍ଥାନକୁ ଉଠିଛି । ରାଜସ୍ଥାନ ରୟାଲ୍ସ ୬ ମ୍ୟାଚରୁ ୮ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଖସିଛି । ୧୪ ରନ ଦେଇ ୩ ୱିକେଟ ଅକ୍ତିଆର କରିଥିବା କେକେଆର ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଏହି ମ୍ୟାଚରେ ରାଜସ୍ଥାନ ୨୦ ଓଭରରେ ୯ ୱିକେଟ ହରାଇ ୧୫୫ ରନ କରିଥିଲା । ଜବାବ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୧୯.୪ ଓଭରରେ ୧୬୧/୬ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା ।

ଇଡେନ ଗାର୍ଡେନରେ ରାଜସ୍ଥାନ ରୟାଲ୍ସ ପ୍ରଥମେ ବ୍ୟାଟିଂ କରି କୋଲକାତା ପାଇଁ ୧୫୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଜବାବରେ କୋଲକାତା ୮୫ ରନରେ ୬ ୱିକେଟ ହରାଇ ଥିଲା । ତଥାପି ରିଙ୍କୁ ସିଂ ଏବଂ ଅନୁକୂଳ ଦୃଢ ପ୍ରଦର୍ଶନ ଦେଖାଇ ଶେଷ ଓଭରରେ କୋଲକାତାକୁ ରୋମାଞ୍ଚକର ବିଜୟ ଦେଇଥିଲେ । ୧୫୬ ରନର ଟାର୍ଗେଟକୁ ପିଛା କରିଥିବା କୋଲକାତା ନାଇଟ୍ ରାଇଡର୍ସ ଆରମ୍ଭ ଭଲ ନଥିଲା । କେକେଆର ୫ ରନରେ ୨ ୱିକେଟ ହରାଇଥିଲା । କାମେରନ ଗ୍ରୀନ ୨୭ ରନ କରି ଆଉଟ ହୋଇଥିଲେ । ଅଜିଙ୍କ୍ୟ ରାହାଣେ ଖାତା ଖୋଲିପାରିନଥିଲେ । ଟିମ୍ ସେଇଫର୍ଟ ମଧ୍ୟ ଆର୍ଚରଙ୍କ ବଲରେ ବୋଲ୍ଡ ହୋଇଥିଲେ । ଅଙ୍ଗକ୍ରିସ ରଘୁବଂଶୀ ୧୦, ରୋଭମ୍ୟାନ ପାୱେଲ ୨୩, ରମଣଦୀପ ସିଂ ୧୦ ରନ କରି ଆଉଟ ହୋଇଥିଲେ । ୮୫ ରନ ବେଳକୁ ୬ ୱିକେଟ ଝଡିଥିବାରୁ କୋଲକାତାର ବିଜୟ ପ୍ରତିଶତ ମାତ୍ର ୧୬ ଥିଲା । କିନ୍ତୁ ରିଙ୍କୁ ସିଂ ଅନୁକୂଳ ରୟ ଅସମ୍ଭବକୁ ସମ୍ଭବ କରିଥିଲେ । ଅନୁକୂଳ ଗୋଟିଏ ପାର୍ଶ୍ୱରେ ଦୃଢ ଭାବେ ବ୍ୟାଟିଂ କରିଥିଲେ, ଯେତେବେଳେ ରିଙ୍କୁ ସିଂ ବଡ ସଟ୍ ମାରିବା ଜାରି ରଖିଥିଲେ । ରିଙ୍କୁ ୩୪ ବଲରୁ ୫୩ ରନର ଏକ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ଏହା ଚଳିତ ଆଇପିଏଲରେ ତାଙ୍କର ପ୍ରଥମ ଅର୍ଦ୍ଧଶତକ । ଅନୁକୂଳ ୨୯ ରନ କରି ଅପରାଜିତ ରହିଥିଲେ ।

ଏହାପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ଜମାଣିଆ ଆରମ୍ଭ କରିଥିଲା । ୨ ବିଧ୍ୱଂସୀ ଓପନର ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ ୮.୪ ଓଭରରେ ୮୧ ରନ ସଂଗ୍ରହ କରିଥିଲେ । ବୈଭବ ୨୮ ବଲରୁ ୬ ଚୌକା ଓ ୨ ଛକା ସହାୟତାରେ ୪୬ ରନ କରିଥିଲେ । ଯଶସ୍ୱୀ ମଧ୍ୟ ୨୯ ବଲର ସମ୍ମୁଖୀନ ହୋଇ ୪ ଟି ଚୌକା ଓ ୨ ଟି ଛକା ସହାୟତାରେ ୩୯ ରନ କରିଥିଲେ । ଧ୍ରୁବ ଜୁରେଲ ୫, ଅଧିନାୟକ ରିଆନ ପରାଗ ୧୨, ସିମରନ ହେଟମେୟାର ୧୫, ଡୋନୋଭାନ ଫେରେଇରା ୭, ରବିନ୍ଦ୍ର ଜାଡେଜା ୯, ଜୋଫ୍ରା ଆର୍ଚର ୮ ରନ କରିଥିଲେ । ତେଣୁ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୯ ୱିକେଟ ହରାଇ ୧୫୫ ରନ କରିଥିଲା । ବୋଲିଂରେ କେକେଆରର କାର୍ତ୍ତିକ ତ୍ୟାଗି ଓ ବରୁଣ ଚକ୍ରବର୍ତ୍ତୀ ୩ ଟି ଲେଖାଏଁ ତଥା ସୁନିଲ ନାରିନଙ୍କୁ ଦୁଇଟି ୱିକେଟ ସଫଳତା ମିଳିଥିଲା ।

## ଆଜିର ମ୍ୟାଚ

* ଗୁଜରାଟ - ମୁମ୍ବାଇ
* ସ୍ଥାନ - ଅହମ୍ମଦାବାଦ
* ସମୟ - ରାତି ୭.୩୦
* ▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୬ | ୫ | ୦ | ୧୧ |
| ବେଙ୍ଗାଲୁରୁ | ୬ | ୪ | ୨ | ୮ |
| ରାଜସ୍ଥାନ | ୬ | ୪ | ୨ | ୮ |
| ସନରାଇଜର୍ସ | ୬ | ୩ | ୩ | ୬ |
| ଦିଲ୍ଲୀ | ୫ | ୩ | ୨ | ୬ |
| ଗୁଜରାଟ | ୫ | ୩ | ୨ | ୬ |
| ଚେନ୍ନାଇ | ୬ | ୨ | ୪ | ୪ |
| ଲକ୍ଷ୍ନୌ | ୬ | ୨ | ୪ | ୪ |
| କୋଲକାତା | ୭ | ୧ | ୫ | ୩ |
| ମୁମ୍ବାଇ | ୫ | ୧ | ୪ | ୨ |

# ସୂର୍ଯ୍ୟଙ୍କ ସ୍ଥାନ ନେବେ ଶ୍ରେୟାସ !



ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି) : ୨୦୨୮ ଟି -୨୦ ବିଶ୍ୱକପ୍ କେମିତି ରହିବ? ଏହାକୁ ନେଇ ଏବେଠୁ ଯୋଜନାର ଚିତ୍ର ସାମ୍ନାକୁ ଆସିଲାଣି । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଚଳିତ ବର୍ଷ ଟି -୨୦ ବିଶ୍ୱକପ୍ ଜିତିଥିଲା । ସଦ୍ୟତମ ରିପୋର୍ଟ ଅନୁଯାୟୀ ଚୟନ କମିଟି ଶ୍ରେୟାସ ଆୟରଙ୍କୁ ଟି -୨୦ ବିଶ୍ୱକପ୍ ଦଳର ନେତୃତ୍ୱ ଦେବାକୁ ଚାହୁଁଛି ।ଏହାର ଅର୍ଥ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନ ବିପଦରେ । କାରଣ ସେ ଗତ କିଛି ମାସ ହେବ ଖରାପ ଫର୍ମ ଦେଇ ଗତି କରୁଛନ୍ତି । ସୂର୍ଯ୍ୟ କୁମାରଙ୍କ ପରେ ଟି -୨୦ ବିଶ୍ୱକପ୍ ଦଳର ଦାୟିତ୍ୱ ଶ୍ରେୟାସ ଆୟରଙ୍କୁ ଦିଆଯାଇପାରେ । ଆୟର ଆଇପିଏଲରେ ଅଧିନାୟକ ହେବାର ଖୁବ୍ ଅନୁଭବ ରଖିଛନ୍ତି । ସେ ବର୍ତ୍ତମାନ ପଞ୍ଜାମ କିଙ୍ଗସର ଅଧିନାୟକ ଅଛନ୍ତି । ଆୟର ଭାରତ ପାଇଁ ୨୦୨୩ରେ ଶେଷ ଟି -୨୦ ମ୍ୟାଚ ଖେଳିଥିଲେ । ହେଲେ ଏବେ ସେ ଭାରତୀୟ ଦଳରେ ନାହାଁନ୍ତି । ତାଙ୍କୁ ଦଳରେ ସାମିଲ କରି ଅଧିନାୟକ ଦାୟିତ୍ୱ ଦେବା ବଡ ନିଷ୍ପତ୍ତି ହୋଇପାରେ । ସମ୍ପ୍ରତି ଟିମ୍ ମ୍ୟାନେଜମେଣ୍ଟର ନଜର ୨୦୨୭ ଦିନିକିଆ ବିଶ୍ୱକପ୍ ଉପରେ ରହିଛି । ତେଣୁ ଚୟନକର୍ତ୍ତାଙ୍କ ଟି -୨୦ ନେତୃତ୍ୱ ବିଷୟରେ ଚିନ୍ତା କରିବା ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ । ଅଧିନାୟକ ହେବା ପାଇଁ ଆୟରଙ୍କ ପାଖରେ ଭଲ ଅଭିଜ୍ଞତା ରହିଛି ।୨୦୧୮ ରେ ଆୟର ଦିଲ୍ଲୀ ଡେୟାର ଡେଭିଲ୍ସର ଅଧିନାୟକ ହୋଇଥିଲେ ।ତାଙ୍କ ଅଧିନାୟକତ୍ୱରେ ଦିଲ୍ଲୀ ଫାଇନାଲରେ ପହଞ୍ଚିଥିଲା । ୨୦୨୨ରେ ସେ କୋଲକାତା ନାଇଟ୍ ରାଇଡର୍ସରେ ଯୋଗ ଦେଇଥିଲେ । ଦୁଇବର୍ଷ ପରେ ଅର୍ଥାତ ୨୦୨୪ରେ ଆୟରଙ୍କ ନେତୃତ୍ୱରେ କେକେଆର ଟ୍ରଫି ଜିତିଥିଲା । ସେ ପଞ୍ଜାବ କିଙ୍ଗସର ଭାଗ୍ୟ ବଦଳାଇଦେଇଛନ୍ତି । ୨୦୧୪ ପରଠାରୁ କେବେ ଫାଇନାଲରେ ପହଞ୍ଚିନଥିବା ପଞ୍ଜାବ ଆୟରଙ୍କ ନେତୃତ୍ୱରେ ୧୧ ବର୍ଷ ପରେ ଫାଇନାଲରେ ପହଞ୍ଚିଥିଲା । ବର୍ତ୍ତମାନ ଆଇପିଏଲ ୨୦୨୬ରେ ଆୟରଙ୍କ ନେତୃତ୍ୱରେ ଦଳ ପ୍ରଭାବଶାଳୀ ପ୍ରଦର୍ଶନ ଦେଖାଉଛି । ଏପର୍ଯ୍ୟନ୍ତ ପଞ୍ଜାବ ଏକମାତ୍ର ଦଳ ଚଳିତ ସିଜନରେ ଅପରାଜିତ ରହିଛି ଏବଂ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି ।

# ପଞ୍ଜାବର ବିଶାଳ ବିଜୟ



ଚଣ୍ଡିଗଡ, ୧୯।୪(ଏଜେନ୍ସି) : ଚଳିତ ଆଇପିଏଲରେ ପଞ୍ଜାବ କିଙ୍ଗସର ଜୟ ଯାତ୍ରା ଜାରି ରହିଛି । କ୍ରମାଗତ ପଞ୍ଚମ ବିଜୟ ଓ ଗୋଟିଏ ମ୍ୟାଚ ବାତିଲ ସହ ପଞ୍ଜାବ ୧୧ ପଏଣ୍ଟ ଲାଭ କରି ଟେବୁଲର ଶୀର୍ଷ ସ୍ଥାନ ମଣ୍ଡନ କରିଛି । ରବିବାର ଲକ୍ଷ୍ନୌ ସୁପର ଜ୍ୟାଣ୍ଟସକୁ ୫୪ ରନରେ ବ୍ୟବଧାନରେ ପରାଜିତ କରିଛି । ଏହି ମ୍ୟାଚରେ ପଞ୍ଜାବ ୨୦ ଓଭରରେ ୭ ୱିକେଟ ହରାଇ ୨୫୪ ରନ କରିଥିଲା । ପ୍ରିୟଂଶ ଆର୍ଯ୍ୟ ୩୭ ବଲରୁ ୯୩ ରନ ଓ କୁପର କୋନୋଲି ୮୭ ରନର ବିସ୍ଫୋରକ ଇନିଂସ ଖେଳିଥିଲେ । ଜବାବରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୨୦ ଓଭରରେ ୫ ୱିକେଟ ହରାଇ ୨୦୦ ରନ କରିବାକୁ ସକ୍ଷମ ହୋଇଥିଲା ।

ନ୍ୟୁ ଚଣ୍ଡିଗଡରେ ଖେଳାଯାଇଥିବା ଏହି ମ୍ୟାଚରେ ଲକ୍ଷ୍ନୌ ଟସ୍ ଜିତି ପଞ୍ଜାବକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ରିୟଂଶ ଆର୍ଯ୍ୟଙ୍କ ସହ ପ୍ରଭ ସିମରନ ସିଂ ପାଳି ଆରମ୍ଭ କରିଥିଲେ । କିନ୍ତୁ ଦଳୀୟ ସ୍କୋର ୩ ରନ ବେଳେ ମହମ୍ମଦ ସାମିଙ୍କ ବଲରେ ମାର୍ସଙ୍କ ହାତରେ ଧରା ପଡିଥିଲେ ପ୍ରଭସିମରନ ସିଂ । ସେ ଖାତା ଖୋଲିବାକୁ ସକ୍ଷମ ହୋଇନଥିଲେ । କିନ୍ତୁ ଏହାପରେ ପଞ୍ଜାବ କିଙ୍ଗସର ରନ ବର୍ଷା ଦେଖିବାକୁ ମିଳିଥିଲା । ପ୍ରିୟଂଶ ଆର୍ଯ୍ୟ ମାତ୍ର ୩୭ ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୯ ଛକା ସହାୟତାରେ ୯୩ ରନ କରିଥିଲେ । କୁପର ୪୬ ବଲରୁ ୮ ଚୌକା ଓ ୭ ଛକା ସହାୟତାରେ ୮୭ ରନ କରିଥିଲେ । ଦୁହେଁ ୧୩ ଓଭର ମଧ୍ୟରେ ଦଳୀୟ ସ୍କୋରକୁ ୧୭୯ ରନରେ ପହଞ୍ଚାଇଦେଇଥିଲେ । ଦ୍ୱିତୀୟ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୧୮୨ ରନର ପାର୍ଟନରସିପ୍ ହୋଇଥିଲା । ଅଧିନାୟକ ଶ୍ରେୟାସ ଆୟର ୫ ରନ, ମାର୍କସ ଷ୍ଟୋଇନିସ୍ ୨୯, ନେହାଲ ୱାଧେରା ୧୩, ସଶାଙ୍କ ସିଂ ୧୭ ଓ ମାର୍କୋ ଜନସେନ୍ ଅପରାଜିତ ୧ ରନ କରିଥିଲେ । ତେଣୁ ପଞ୍ଜାବ ୨୦ ଓଭରରେ ୭ ୱିକେଟ ହରାଇ ୨୫୪ ରନର ବିଶାଳ ସ୍କୋର କରିଥିଲା । ଲକ୍ଷ୍ନୌର ପ୍ରିନ୍ସ ଯାଦବ ଓ ମନିଲ ମଣିମାରନ ସିଦ୍ଧାର୍ଥ ୨ ଟି ଲେଖାଏଁ, ମହମ୍ମଦ ସାମି ଓ ମୋହସିନ ଖାନ ଗୋଟିଏ କରି ୱିକେଟ ସଫଳତା ମିଳିଥିଲା ।

ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ୨୫୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିଲା । ମିଚେଲ ମାର୍ସଙ୍କ ସହ ଆୟୁଶ ବଦନି ଲକ୍ଷ୍ନୌକୁ ଜମାଣିଆ ଆରମ୍ଭ ଦେଇଥିଲେ । ୬ ଓଭରରେ ଦୁହେଁ ୬୧ ରନ ଆଦାୟ କରିଥିଲେ । ବଦୋନି ୨୧ ବଲରୁ ୩୫ ରନ କରି ପ୍ରଥମ ୱିକେଟ ଭାବେ ପାଭିଲିୟନ ଫେରିଥିଲେ । ମିଚେଲ ମାର୍ସ ୨୮ ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୨ ଛକା ସହାୟତାରେ ୪୦ ରନ କରିଥିଲେ । ଅଧିନାୟକ ରିଷଭ ପନ୍ତ ୨୩ ବଲରୁ ୪୩ ରନ କରିଥିଲେ । ନିକୋଲାସ ପୁରନ ୯ ରନ କରିଥିବା ବେଳେ ଆଦିନ ମାର୍କାମ୍ ୪୨ ରନ କରି ବିଜୟ ଆଶା ଦେଇଥିଲେ । ମୁକୁଲ ଚୌଧୁରୀ ୧୭ ବଲରୁ ୨୧ ଓ ହିମତ ସିଂ ୧ ରନ କରିବାରୁ ଲକ୍ଷ୍ନୌ ୨୦୦ ରନ ଛୁଇଁଥିଲା । ପଞ୍ଜାବର ମାର୍କୋ ଜନସନ ଦୁଇଟି, ଅର୍ଶଦୀପ ସିଂ ଓ ବିଜୟ କୁମାର ବୈଶାଖ ତଥା ଯୁଜଭେନ୍ଦ୍ର ଚହଲ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ । ଏହି ବିଜୟ ସହ ପଞ୍ଜାବ ୧୧ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଥିବା ବେଳେ ଲକ୍ଷ୍ନୌ ୪ ପଏଣ୍ଟ ହାସଲ କରି ଅଷ୍ଟମ ସ୍ଥାନରେ ରହିଛି ।

# କାହାକୁ ଭୟ କରୁଛନ୍ତି ବୋଲର

ନୂଆଦିଲ୍ଲୀ, ୧୯।୪ (ଏଜେନ୍ସି) : ଟି -୨୦ କ୍ରିକେଟରେ ଅଭିଶେକ ଶର୍ମା ଓ ବୈଭବ ସୂର୍ଯ୍ୟବଂଶୀ ଝଡ ସୃଷ୍ଟି କରିଛନ୍ତି । ବର୍ତ୍ତମାନର ସମସ୍ତ କ୍ରିକେଟ ପ୍ରେମୀ ଏହି ଦୁଇ ଯୁବ ବିସ୍ଫୋରକ ବ୍ୟାଟରଙ୍କ ବ୍ୟାଟିଂ ଦେଖିବା ପାଇଁ ପସନ୍ଦ କରୁଛନ୍ତି । ଟି -୨୦ ରେ ବୋଲରଙ୍କ ପାଇଁ ଏମାନେ ଦୁଃସ୍ୱପ୍ନ ସାଜିଛନ୍ତି । ବୈଭବ ଆଇପିଏଲର ଚଳିତ ସଂସ୍କରଣରେ ୫ ଟି ଇନିଂସରେ ୨ ଶହରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କଲେଣି । ତାଙ୍କ ଷ୍ଟ୍ରାଇକ୍ ରେଟ୍ ୨୬୩ ଉପରେ ରହିଛି । ଚଳିତ ଆଇପିଏଲରେ ଏହା ସର୍ବାଧିକ ଷ୍ଟ୍ରାଇକରେ ସେ ୫ ଟି ମ୍ୟାଚରେ ୧୮ ଛକା ମଧ୍ୟ ମାରିଛନ୍ତି । ସର୍ବାଧିକ ଛକା ମାରିବାରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

ସେହିଭଳି ଅଭିଶେକ ତାଙ୍କ ତୁଳନାରେ ସାମାନ୍ୟ ପଛରେ ରହିଛନ୍ତି । ଅଭିଶେକ ୬ ମ୍ୟାଚରେ ୨୨୯ ଷ୍ଟ୍ରାଇକ୍ ରେଟ୍‌ରେ ୧୮୮ ରନ କରିଛନ୍ତି । ଅଭିଶେକ ୧୭ ଛକା ମାରିଛନ୍ତି । ବିସ୍ଫୋରକ ବ୍ୟାଟିଂରେ ଅଭିଶେକଙ୍କୁ ବୈଭବ କିଛି ମାତ୍ରାରେ ପଛରେ ପକାଇଛନ୍ତି । ଅଭିଶେକ ଅନ୍ତର୍ଜାତୀୟ ମୁକାବିଲାରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି । ବୈଭବଙ୍କ ପ୍ରଦର୍ଶନ ଉପରେ ଆଉ କିଛି ଦିନ ଧୈର୍ଯ୍ୟ ଧରିବାକୁ ପଡିବ । ବୈଭବ ସବୁ ଦିଗରେ ସଟ ମାରିବା ଦକ୍ଷତା ରଖିଛନ୍ତି । ଅଭିଶେକ ସୀମିତ ସଟ୍ ଉପରେ ଅଧିକ ଭରସା କରୁଛନ୍ତି । ଏବେ ଭାରତୀୟ ଟି -୨୦ ଦଳର ଦୁଇ ଓପନର କିଏ ହେବେ ସେ ନେଇ ଚୟନ କମିଟି ଦ୍ୱନ୍ଦ୍ୱରେ ପଡିଯାଇଛି ।

## ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଉଦ୍‌ଯାପିତ

# ଫାଇନାଲରେ ଜୟମଲ୍ଲକୁ ହରାଇ ପାଲଲହଡ଼ା ଚାମ୍ପିଅନ




ଅନୁଗୋଳ, ୧୯।୪(ସବ୍ୟୁ) : ଅନୁଗୋଳର ପିଟିସି ପଡିଆରେ ଦ୍ୱିତୀୟ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲରେ ଆଜି ପାଲଲହଡ଼ା ୨-୧ ଗୋଲରେ ଜୟମଲ୍ଲକୁ ପରାସ୍ତ କରି ରାଜ୍ୟସ୍ତରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି । ଆଜିର ଖେଳରେ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ, କ୍ରୀଡା ସଂସଦ ସମ୍ପାଦକ ଡ଼ା ଗୌରଗୋବିନ୍ଦ ସାମନ୍ତଙ୍କ ସମେତ ସଦସ୍ୟ ରମେଶ ସାହୁ, ରୁଚିର ଦାସ ,ବସନ୍ତ ଦାସ, ଦୋଳଗୋବିନ୍ଦ ଦଳାଇ, ପ୍ରଭାସ ଦାସ, ନନ୍ଦକିଶୋର ତ୍ରିପାଠୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ୍ କମିସନର ରୂପେ ଦିଲୀପ ରାଉତ ଦାୟିତ୍ୱ ନେଇଥିଲେ । ଆଲୋକ ଦେହୁରୀ ଖେଳ ପରିଚାଳନା କରିଥିବା ବେଳେ ଧନେଶ୍ୱର ସର୍ଦ୍ଦାର, ସୁଶୀଲ ବେହେରା ଏବଂ ପାପୁନ୍ ବେହେରା ସହଯୋଗ କରିଥିଲେ । ବିଜୟୀ ଓ ରନରସ ଅପ୍ ଦଳକୁ ଜିଲ୍ଲା ମହୋତ୍ସବ ମଞ୍ଚରେ ପୁରସ୍କୃତ କରାଯାଇଥିଲା ।

# ଚୟନ କମିଟି ମୁଖ୍ୟ ଅଗରକରଙ୍କ ଚୁକ୍ତି ମିଆଦ ବଢିଲା

ନୂଆଦିଲ୍ଲୀ, ୧୯।୪(ଏଜେନ୍ସି) : ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି କରିଛି । ଏବେ ସେ ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଚୟନ କମିଟି ମୁଖ୍ୟ ରହିବେ । ତାଙ୍କ କାର୍ଯ୍ୟ ଦକ୍ଷତାରେ ସନ୍ତୁଷ୍ଟ ହୋଇ ବିସିସିଆଇ ଚୁକ୍ତି ଅବଧି ବୃଦ୍ଧି କରିଛି । ୨୦୨୩ରେ ଦୁଇ ବର୍ଷ ପାଇଁ ଅଗରକର ମୁଖ୍ୟ ଚୟନକର୍ତ୍ତା ହୋଇଥିଲେ । ତାଙ୍କ କାର୍ଯ୍ୟକାଳରେ ଭାରତ ଦୁଇଟି ବିଶ୍ୱକପ୍ ଓ ଗୋଟିଏ ଚାମ୍ପିଅନ ଟ୍ରଫି ଜିତିଛି । ଏହା ବ୍ୟତୀତ ମୋଟ ଉପରେ ୪ ଟି ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲ ଭାରତ ଖେଳିଛି । ଦଳରେ ସନ୍ତୁଳନ ରଖିବା ପାଇଁ ଅଗରକର କଠୋର ନିଷ୍ପତ୍ତି ନେଇଥିଲେ । ବିରାଟ କୋହଲି , ରୋହିତ ଶର୍ମା ଓ ମହମ୍ମଦ ସାମିଙ୍କୁ ସେ ଧିରେ ଧିରେ ଟେଷ୍ଟ ଏବଂ ଟି -୨୦ ରୁ ହଟାଇବା ପାଇଁ ଚାପ ପକାଇଥିଲେ । ୨୦୨୬ ଟି -୨୦ ବିଶ୍ୱକପ୍ ଦଳରେ ଶୁଭମନ୍ ଗିଲଙ୍କୁ ସ୍ଥାନ ନଦେବା ଏବଂ ଇଶାନ କିଶାନଙ୍କୁ ସୁଯୋଗ ଦେବା ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା । ଏବେ ତାଙ୍କୁ ଆଗାମୀ ଦିନିକିଆ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କରିବା ସହଜ ହେବ । ଅଗରକର ଭାରତ ପକ୍ଷରୁ ୩୪୯ ଅନ୍ତର୍ଜାତୀୟ ୱିକେଟ ନେଇଥିଲେ । ସେ ଟେଷ୍ଟରେ ୫୮, ଦିନିକିଆରେ ୨୮୮ ଏବଂ ଟି ଟି -୨୦ ରେ ତିନୋଟି ୱିକେଟ ନେଇଥିଲେ ।

ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# କେଡି ପିଲାଇ ମେମୋରିଆଲ ରାଜ୍ୟ ସ୍କୁଲ ଓପନ ଚେସ୍

## ମନିଷ ବିଜେତା



ଭୁବନେଶ୍ୱର, ୧୯।୪(ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ପଞ୍ଚମ କେଡି ପିଲାଇ ମେମୋରିଆଲ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ପ୍ରଭୁଜି ସ୍କୁଲର ଛାତ୍ର ମନିଷ ରଞ୍ଜନ ଦାସ ବିଜେତା ହୋଇଛନ୍ତି । ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ମନିଷ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ । ସ୍ୱସ୍ତିକ ତ୍ରିପାଠୀ ଦ୍ୱିତୀୟ, ପ୍ରିୟଦର୍ଶନ ରାୟ ତୃତୀୟ, ଅରିଶ ନନ୍ଦ ଗୋସ୍ୱାମୀ ଚତୁର୍ଥ ଏବଂ ଆୟଭନାଥ ମହାନ୍ତି ପଞ୍ଚମ ସ୍ଥାନରେ ରହିଥିଲେ । ୭, ୯, ୧୧, ୧୩ ଏବଂ ବାଳିକା ବର୍ଗରେ ଦୁଇଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ୭ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପରମିତା ସାହୁ, ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ପୂର୍ବତନ ରେଳବାଇର ଟିଟି ସୁଧିର କୁମାର ସାହୁ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ।

# ସିଏମ ଟ୍ରଫିରେ : ଟିଏସଏଫ- ମୁର୍ଗା ମ୍ୟାଚ ଡ୍ର

କେନ୍ଦୁଝର, ୧୯।୪(ସବ୍ୟୁ) : ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ ଶଙ୍କର ପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସିଏମ ଫୁଟବଲ ପ୍ରତିଯୋଗିତାରେ ଦ୍ୱିତୀୟ ସଂସ୍କରଣର ଆଜି ଦଶମ ଦିବସ । ୧୪ ବର୍ଷରୁ କମ ବାଳକ ବିଭାଗ ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପ୍ରଥମ ଖେଳ ଟିଏସଏଫ, ମୁର୍ଗା ଏବଂ ରାଇକଳା ମଧ୍ୟରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ଭାବେ ସମ୍ପର୍କ ହୋଇଥିଲା । ଉଭୟ ଦଳ ଗୋଲ ଦେବାର କେତୋଟି ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲେ ହେଁ ଉଭୟ ଦଳର ରକ୍ଷଣ ଭାଗର ଖେଳାଳି ମାନେ ସମସ୍ତ ଉଦ୍ୟମକୁ ପଣ୍ଡ କରିଥିଲେ । ଶେଷରେ ମ୍ୟାଚ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା ଏବଂ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ଯୋଡ଼ା ଜେଏସଡବ୍ଲୁ ଫାଉଣ୍ଡେସନ ବିପକ୍ଷରେ ୩-୧ ଗୋଲରେ ବିଜୟ ଲାଭ କରି ଗ୍ରୁପର ସମସ୍ତ ୩ଟି ଯାକ ମ୍ୟାଚ ଜିତିବା ସହ ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି । ଖେଳ ଆରମ୍ଭ ହେବାର ଦ୍ୱିତୀୟ ମିନିଟରେ ଟିଏସଏଫ, ଯୋଡ଼ାର ସିଧୁ ମୁଣ୍ଡା ଏକ ଦର୍ଶନୀୟ ଗୋଲ ଜରିଆରେ ଦଳକୁ ଅଗ୍ରଣୀ କରାଇଥିଲେ । ମାତ୍ର ଠିକ ୮ ମିନିଟ ପରେ ଜେଏସଡବ୍ଲୁ ଫାଉଣ୍ଡେସନର ଅଭିମନ୍ୟୁ ଓରାମ ଗୋଲଟିକୁ ପରିଶୋଧ କରିଦେଇଥିଲେ । ପ୍ରଥମାର୍ଦ୍ଧର ଖେଳ ୧-୧ ଗୋଲରେ ଅମୀମାଂଶିତ ରହିବା ପରେ ଦ୍ୱିତୀୟାର୍ଦ୍ଧ ଖେଳରେ ଟିଏସଏଫ ଫାଉଣ୍ଡେସନ, ଯୋଡ଼ା ସୁସଂଗଠିତ ହୋଇ ଯୋଜନାବଦ୍ଧ ଭାବେ ଆକ୍ରମଣ କରି ପ୍ରତିପକ୍ଷ ରକ୍ଷଣ ଭାଗକୁ ବ୍ୟତିବ୍ୟସ୍ତ କରି ଦେଇଥିଲେ । ୨୯ତମ ମିନିଟରେ ଲୋକନାଥ ପଣ୍ଡିତ ଏବଂ ୩୨ତମ ମିନିଟରେ ସିଧୁ ମୁଣ୍ଡା ଦଳ ପକ୍ଷରୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ୩-୧ ଗୋଲରେ ବିଜୟୀ କରାଇଥିଲେ ।

ସମୟ | ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod | IOS

Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି